


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-140 • SUNDAY • 16 NOVEMBER 2025 • PAGE-12 • ₹ 6.00 | PANIKOILI | ବର୍ଷ-୪୩ • ସଂଖ୍ୟା-୧୪୦ • ରବିବାର • ୧୬ ନଭେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)


ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ

## ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀରର ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

### ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ କାରରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ୍ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨ ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

ଘାତକ ସାଜିଲା ଇଡେନ୍ ପିଚ୍

## ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କ୍ରୀଡ଼ାବିତ୍ ଓ ଦର୍ଶକଙ୍କ ପ୍ରଥମ ପସନ୍ଦ ଥିବା କୋଲକାତାର ଇଡେନ୍‌ଗାର୍ଡେନ ଷ୍ଟାଡିୟମ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।



ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ଷ୍ଟାଡିୟମ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶ୍‌ପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବାବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୧୨ଜଣ ସ୍ପିନର୍‌ଙ୍କ ଶିକାର ହୋଇଥିଲେ । ▶ପୃଷ୍ଠା-୭

## ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):** ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

## ଜାଡ଼ରେ ଥରୁଛି ଶିମିଳିପାଳ

### ୟୁବିକେରେ ସର୍ବନିମ୍ନ ୩ ଡିଗ୍ରୀ ରେକର୍ଡ

■ **ବାରିପଦା, ୧୫।୧୧ (ସମିସ):** ରାଜ୍ୟରେ ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି । ଅଭୟାରଣ୍ୟ ପରିସରରେ ତୁହିନର ଆସ୍ତରଣ (ତୁଷାରପାତ ଭଳି) ଦେଖାଗଲାଣି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି । ଖାଲି ଶିମିଳିପାଳ ନୁହେଁ, ପୂରା ଜିଲ୍ଲାବ୍ୟାପୀ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଉଭୟ ଦିନ ଓ ରାତି ତାପମାତ୍ରାରେ ଯଥେଷ୍ଟ ହ୍ରାସ ପାଇଛି । ସେହିପରି ହାଲୁକା ପବନ ପ୍ରବାହିତ ହେଉଥିବାରୁ ପୂରା ଜିଲ୍ଲାବାସୀ ଜାଡ଼ରେ ଥରୁଛନ୍ତି ।



ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି । ଶୁକ୍ରବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅଧୀନ ଉପରବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩, ଚହଲା ରେଞ୍ଜରେ ୭, ବରେହିପାଣିରେ ୯, ଗୁଡୁଗୁଡିଆରେ ୧୦, ରାମତୀର୍ଥ ଓ ସାତକୋଶିଆରେ ୧୪ ଓ କିଆଝରୀରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଏହା ଚଳିତ ବର୍ଷର ▶ପୃଷ୍ଠା-୭

### ଆସନ୍ତା ବଜେଟରେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା

## ପ୍ରସ୍ତୁତ ହେବ ୩ ବର୍ଷୀୟା ଖସଡ଼ା

■ **ଭୁବନେଶ୍ୱର, ୧୫।୧୧ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ । ବଜେଟ ପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୨୫ ତାରିଖ ସୁଦ୍ଧା ବିଭାଗଗୁଡ଼ିକ ନିଜ ନିଜର ପ୍ରସ୍ତାବ ଦାଖଲ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏଥର ବଜେଟ ଖସଡ଼ା ପ୍ରସ୍ତୁତିରେ ସରକାର ଟିକେ ଭିନ୍ନତା ଆଣିବାକୁ ଯାଉଛନ୍ତି । ଆସନ୍ତା ବଜେଟରେ ବିଭାଗଗୁଡ଼ିକୁ ୨୦୨୬-୨୭ ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଏବଂ ଏଥିପାଇଁ ଖର୍ଚ୍ଚ କରିବାକୁ ଅନୁମତି ମିଳିବ । ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ଆସିବା ସହ ବିଭାଗଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି ।

**ଆଗୁଆ ଯୋଜନା ପ୍ରସ୍ତୁତି ସହ ବିଭାଗ ଦାଖଲ କରିବେ ବ୍ୟୟ ଅଟକଳ**

୨୦୩୬ ଆର୍ଥିକ ବର୍ଷ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ ସରକାର ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତ କରିଛନ୍ତି । ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟ ପ୍ରସ୍ତୁତି ବେଳେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆପଣେଇବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ▶ପୃଷ୍ଠା-୭


सत्यमेव जयते
Government of India

क.रा.बी.नि.
E.S.I.C.

"କଲା ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ"

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ସରଳ ଅନୁପାଳନ, ସଶକ୍ତ ବ୍ୟବସାୟ

ବିକଶିତ ଭାରତ ର ଆଧାର

ଇ.ଏସ୍.ଆଇ.ସି. ଏମ୍‌ନେଷ୍ଟି ସ୍କିମ୍ 2025

1, ଅକ୍ଟୋବର, 2025 ରୁ 30 ସେପ୍ଟେମ୍ବର 2026 ପର୍ଯ୍ୟନ୍ତ

ଇ.ଏସ୍.ଆଇ.ସି.ରେ ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ 31 ମାର୍ଚ୍ଚ, 2025 ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ପୁରୁଣା ମାମଲାର ସମାଧାନ କରିବା ପାଇଁ ଏବଂ ନିଜର ବ୍ୟବସାୟକୁ ସୁରକ୍ଷିତ କରିବାର ସୁଯୋଗ



ଇ.ଏସ୍.ଆଇ.ସି ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ ପାରଦର୍ଶୀ ଏବଂ ସଠିକ ସମୟରେ(6 ମାସ ଭିତରେ)ମଧ୍ୟମରୁ ଦୀର୍ଘକାଳୀନ ମାମଲା/ଚାର୍ଜରୁ ମୁକ୍ତି ପାଇବାର ଏକ ସୁଯୋଗ, ଯାହା ବ୍ୟବସାୟ କରିବା ସହଜ ହେବ ।

**ଏଥିରେ କଣ କଣ ସାମିଲ୍ ଅଛି ?**

କଭରେଜ୍/ଅଂଶଦାନ ବିବାଦ : ସୁଧ ସହିତ ପ୍ରାପ୍ୟ ଅଂଶଦାନ ପରିଶୋଧ କରନ୍ତୁ : କୌଣସି ଜୋରିମନା ନିଆଯିବ ନାହିଁ । EPFO/ଆୟକର ରେକର୍ଡ ଗ୍ରହଣ କରାଯିବ ।

କ୍ଷତିପୂରଣ : ଯଦି ସଂଗୃହିତ ସୁଧ ସହିତ ଅବଦାନ ପୂର୍ବରୁ ପରିଶୋଧ କରାଯାଇଛି, ତେବେ କ୍ଷତିପୂରଣର 10% ଦେଇ ମାମଲାର ସମାଧାନ କରନ୍ତୁ ।

ପୁରୁଣା ମାମଲା : ବନ୍ଦ ୟୁନିଟ୍ ଗୁଡିକ ପାଇଁ ଯେଉଁଥିରେ ନିୟୋଜକଙ୍କ ଠିକଣା ମିଳୁନାହିଁ ଏବଂ ଦାବି ରାଶି Rs 25000 ରୁ କମ୍ ଅଛି ଏବଂ 15 ବର୍ଷରୁ ଅଧିକ ସମୟ ଧରି ବକେୟା ରହିଛି ସେମାନଙ୍କୁ ଛାଡ କରାଯାଇ ପାରିବ ।

ଅଭିଯୋଜନ ଫେରସ୍ତ : ଧାରା 84 (ରିଫଣ୍ଡ) ଧାରା 85 ଏବଂ 85A(ନିଯୁକ୍ତିଦାତା)- ଯେ କୌଣସି ନ୍ୟାୟାଳୟ ସ୍ତରରେ ଅନୁପାଳନର ଅଧିନ

ବିଳମ୍ବ ରିଟର୍ଣ୍ଣ/ଘୋଷଣା: ଅନୁପାଳନ ପରେ ସ୍ୱୀକାର କରାଯିବ ।

**କିଏ ଆବେଦନ କରିପାରିବେ ?**

ଧାରା 75, 82, 85, 86A ଏବଂ ଅନୁଚ୍ଛେଦ 226 ରେ ଦୀର୍ଘଦିନ ଧରି ବିବାଦ ଥିବା ନିଯୁକ୍ତିଦାତାମାନେ

ଧାରା 84 ଅନୁସାରେ ରିଫଣ୍ଡ ବାଲା ବିମୀତ ବ୍ୟକ୍ତି

ପୁରୁଣା ବାକି, ଜମା କରିନଥିବା, କିମ୍ବା ବିଳମ୍ବରେ ଘୋଷଣା କରିଥିବା ୟୁନିଟ୍‌ଗୁଡିକ

ଅଧିକ ଜାଣିବା ପାଇଁ

ଆବେଦନ କିପରି କରିବେ: ନିକଟତମ କ.ରାବି.ନି କ୍ଷେତ୍ରୀୟ/ଉପ କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ ।

ବିସ୍ତୃତ ବିବରଣୀ ପାଇଁ : www.esic.gov.in ଦେଖନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର 1800-11-2526 ରେ କଲ୍ କରନ୍ତୁ ।

QR କୋଡ୍ ସ୍କାନ୍ କରନ୍ତୁ



# ଲାଲୁଙ୍କ ପରିବାରକୁ ନିର୍ବାଚନ ଝଟ୍‌କା

## ଝିଅ ରୋହିଣୀ ଛାଡ଼ିଲେ ରାଜନୀତି, ପରିବାର ସହ ସମ୍ପର୍କ ବି ତୁଟାଇଲେ

ପାଟନା, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ଆରଜେଡିର ଶୋଚନୀୟ ପରାଜୟ ପରେ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଲାଗିଛି ବଡ଼ ଧରଣର ଝଟକା। ପରାଜୟକୁ ନେଇ ଲାଲୁ ପରିବାର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଝିଅ ରୋହିଣୀ ଆଚାର୍ଯ୍ୟ ଆଜି ହଠାତ୍ ଆଉ ଏକ ଝଟକା ଦେଇଛନ୍ତି। ପିତା ଲାଲୁଙ୍କୁ କିଡନୀ ଦାନ କରି ଚର୍ଚ୍ଚାରେ ଥିବା ରୋହିଣୀ ଆଜି ରାଜନୀତିରୁ ସନ୍ୟାସ ଘୋଷଣା କରିବା ସହିତ ପରିବାର ସହିତ ସଂପର୍କ ତୁଟାଇବାକୁ ମଧ୍ୟ ଘୋଷଣା କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କେବଳ ଲାଲୁ ପରିବାର ନୁହେଁ, ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିରେ ମଧ୍ୟ କମ୍ପନ ସୃଷ୍ଟି କରିଛି। ସେ ଅଚାନକ ଏଭଳି ନିଷ୍ପତ୍ତି କାହିଁକି ନେଲେ, ତାହା ଜଣାପଡ଼ି ନାହିଁ। ତେବେ ସଂଜୟ ଯାଦବ ଏବଂ ରମିଜଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ରୋହିଣୀ। ସଞ୍ଜୟ ଯାଦବ ଓ ରମିଜଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ସବୁ ଦୋଷ ନିଜ ମୁଣ୍ଡ ଉପରକୁ ନେଉଛି ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ସେ କେଉଁ ଦୋଷ କଥା କହିଛନ୍ତି, ତାହା ସ୍ପଷ୍ଟ କରି ନାହାନ୍ତି। ପରିବାରରେ ଚାଲିଥିବା ଅଶାନ୍ତି ନା ନିର୍ବାଚନରେ ଦଳର ପରାଜୟ? ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ପରବିାରରୁ ବାହାର କରିଦେଇଥିଲେ। ପରିବାରର ଏହି ନିଷ୍ପତ୍ତିକୁ ନେଇ ରୋହିଣୀ ଅସନ୍ତୁଷ୍ଟ ଥିଲେ। ତେଜ ପ୍ରତାପ ଗତ ନିର୍ବାଚନରେ ପିତାଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

ତେବେ ରୋହିଣୀ ତାଙ୍କର ନୋଟ୍‌ରେ ଯେଉଁ ସଞ୍ଜୟ ଓ ରମିଜଙ୍କ କଥା କହିଛନ୍ତି, ସେମାନେ କିଏ? ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ସଞ୍ଜୟ ଆରଜେଡିର ରାଜ୍ୟସଭା ସାଂସଦ ଅଛନ୍ତି। ସେ ହେଉଛନ୍ତି ତେଜସ୍ୱୀଙ୍କ ରାଜନୈତିକ ପରାମର୍ଶଦାତା। ସେହିପରି ଉତ୍ତର ପ୍ରଦେଶ ବଲରାମପୁରରେ ରହୁଥିବା ରମିଜ ମଧ୍ୟ ତେଜସ୍ୱୀଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁ ବୋଲି କହାଯାଉଛି। ସେ ହେଉଛନ୍ତି ଜେଲ୍‌ରେ ଥିବା ପୂର୍ବ ସାଂସଦ ରିଜୱାନ ଜାହିରଙ୍କ ଜ୍ୱାଇଁ। ସେ ଆରଜେଡିର ସୋସିଆଲ ମିଡିଆ ଓ ନିର୍ବାଚନ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ରମିଜଙ୍କ ପତ୍ନୀ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ଉଲ୍ଲେଖଥାଉ କି ଗତ ମେ ୨୫ରେ ଲାଲୁ ତାଙ୍କର ବଡ଼ ପୁଅ ତେଜପ୍ରତାପ ଯାଦବଙ୍କୁ ପାର୍ଟି ଓ ପରିବାରରୁ ବହିଷ୍କାର କରିଥିଲେ। ଏଥିପାଇଁ ତେଜପ୍ରତାପ ସଞ୍ଜୟଙ୍କୁ ଦାୟୀ କରିଥିଲେ। ନିର୍ବାଚନରେ ତେଜପ୍ରତାପ ପରାସ୍ତ ହୋଇଥିବା ବେଳେ ତେଜସ୍ୱୀ ଯାଦବ ବିଜୟୀ ହୋଇଛନ୍ତି।

## ନିଲମ୍ବନ ପରେ ବିଜେପି ଛାଡ଼ିଲେ ଆରକେ ସିଂହ

ପାଟଣା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପରେ ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର (ଆରକେ) ସିଂଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ସସପେଣ୍ଡ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ତାଙ୍କୁ ନୋଟିସ ଦିଆଯାଇଛି ଏବଂ



୭ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ ପାଇବା ପରେ ଶ୍ରୀ ସିଂହ ବିଜେପିରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ବିହାରରେ ୬୦ ହଜାର କୋଟି ଟଙ୍କାର ବିଜୁଳୀ ଦୁର୍ନୀତିରେ ନୀତୀଶ କୁମାର ସରକାର ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜେଡିୟୁ ପ୍ରାର୍ଥୀ ଆନନ୍ଦ ସିଂ, ଆରଜେଡିର ସୂରଜଭାନ ସିଂଙ୍କୁ ହତ୍ୟା ଅଭିଯୁକ୍ତ ବୋଲି କହିଥିଲେ। ଆରକେ ସିଂ ୧୯୭୫ ବ୍ୟାଚ୍‌ର ବିହାର କ୍ୟାଡରର ଆଇପିଏସ୍ ଅଧିକାରୀ ଥିଲେ।

## ଅର୍ଦ୍ଧାଧିକଙ୍କ ବିରୋଧରେ ଆପରାଧିକ ମାମଲା

ପାଟନା, ୧୫ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ବାହାରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅର୍ଦ୍ଧାଧିକ ଅର୍ଥାତ ୫୩ ପ୍ରତିଶତ ନିବ- ନିର୍ବାଚିତ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଦ୍ୱାରା ପ୍ରକାଶିତ ନୂଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିର୍ବାଚିତ ୨୪୩ ବିଧାୟକଙ୍କ ମଧ୍ୟରୁ ୧୩୦ ଜଣଙ୍କ ଆପରାଧିକ ମାମଲା ଥିବା କଥା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସଂଖ୍ୟା ଗତ ନିର୍ବାଚନ ତୁଳନାରେ ଅପେକ୍ଷାକୃତ କମ୍ ବୋଲି କୁହାଯାଇଛି। ଗତ ୨୦୨୦ ନିର୍ବାଚନରେ ୨୪୧ ଜଣ ବିଧାୟକଙ୍କ ମଧ୍ୟରୁ ୧୬୩ ଜଣ ଅର୍ଥାତ ୬୮ ପ୍ରତିଶତ ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ଏଥର ୧୦୨ ଅର୍ଥାତ ୪୨ ପ୍ରତିଶତ ବିଧାୟକଙ୍କ ବିରୋଧରେ ଗୁରୁତର ମାମଲା ରହିଛି।୨୦୨୦ରେ ଏହା ୫୧ ପ୍ରତିଶତ ଥିଲା।ଏଥର ବିଜେପିର ୮୯ ବିଧାୟକଙ୍କ ମଧ୍ୟରୁ ୪୩ ଜଣ (୪୮%), ଜେଡିୟୁର ୮୫ରୁ ୨୩ ଜଣ (୨୭%), ଆରଜେଡିର ୨୫ରୁ ୧୪ ଜଣ (୫୬%), ଏଲ୍‌ଜେପିର ୧୯ରୁ ୧୦ ଜଣ (୫୩%), କଂଗ୍ରେସର ୬ରୁ ୩ ଜଣ (୫୦%), ଏଆଇଏମ୍‌ଆଇଏମ୍‌ର ୫ରୁ ୪ ଜଣ (୮୦ %)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

## ବିହାର ନିର୍ବାଚନ

# କାରଣ ଖୋଜୁଛନ୍ତି ବିରୋଧୀ ଦଳ

ନୂଆଦିଲ୍ଲୀ, ୧୫ ।୧୧(ଏଜେନ୍ସି): ବିହାର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ବିପୁଳ ବିଜୟ ନେଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ବିହାରରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ୧୦-୧୦ ହଜାର ଲେଖାଏ ପଠାଯାଇଥିଲା। ଏହିକାରଣରୁ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିଛି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ଖାତାକୁ ପଠାଯିବା ପ୍ରକ୍ରିୟା ଏକ ପ୍ରକାର ଦୁର୍ନୀତି। ରାଜ୍ୟ ସରକାର ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରିବା ନିନ୍ଦନୀୟ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମଧ୍ୟ ବିଜେପି ନେତୃତ୍ୱାଧୀନ ସରକାର ଏପରି କରିଥିଲା। 'ଲଡକି ବହନ ଯୋଜନା' ମାଧ୍ୟମରେ



- ଖାତାକୁ ୧୦-୧୦ ହଜାର ଟଙ୍କା ଟ୍ରାନ୍ସଫର ଜିତାଇଲା: ଶରଦ
- ଜାଲିଆତି ହୋଇଛି; ୨ ସପ୍ତାହରେ ପ୍ରମାଣ ଦେବୁ: କଂଗ୍ରେସ

ମହିଳା ଓ ବାଳିକାମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ବାଚନରେ ଅନିୟମିତତା ତଥା ଅସଙ୍ଗତି ହୋଇଥିବା କଥା କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି। ମହାମେଣ୍ଟର ନେତା ମାନେ ନିର୍ବାଚନ ଫଳକୁ ଅପ୍ରତ୍ୟାଶିତ ଓ ଏହାର ଯାଞ୍ଚ ହେବା ଉଚିତ ବୋଲି ମାକେନ କହିଛନ୍ତି। ଅନ୍ୟପଟେ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା ଦେଇଛି। ପାର୍ଟିର ରାଜ୍ୟମୁଖ୍ୟ ମନୋଜ ଭାରତୀ କହିଛନ୍ତି ଯେ, ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଫଳାଫଳ ଆମ କଳ୍ପନା ବାହାରେ ଥିଲା। ମହିଳାଙ୍କ ଏକାଉଣ୍ଟକୁ ୧୦-୧୦ ହଜାର ଟଙ୍କା ପଠାଯିବା ଫଳାଫଳକୁ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି। ତେବେ ଏହି ସବୁ ଅଭିଯୋଗକୁ ବିଜେପି ପ୍ରତ୍ୟାଖାନ କରିଛି। ପରାଜୟ ପରେ ଏହାକୁ ସ୍ୱୀକାର କରିବା ଆବଶ୍ୟକ। ନିଜ ତ୍ରୁଟି ଓ ଦୋଷ ସ୍ୱୀକାର କରାଯିବା ଉଚିତ। କିନ୍ତୁ ବିରୋଧୀ ଏପରି ନ କରି ଅଯଥା ଆକ୍ଷେପ କରୁଛନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପାୱାରଙ୍କୁ ଜବାବ୍ ଦେଇ କହିଛନ୍ତି।

ବିହାର ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ଏବେ ଦଳ ପରାଜୟର କାରଣ ଜାଣିବା ପାଇଁ ମାନସମନ୍ଥନ ଆରମ୍ଭ କରିଦେଇଛି। ଏହି କ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଦଳର ପ୍ରଥମ ସମୀକ୍ଷା ବୈଠକ ବସିଛି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ ଏବଂ ଅଜୟ ମାକନ ପ୍ରମୁଖ ଉପସ୍ଥିତ ରହିଥିଲେ।।କଂଗ୍ରେସ ନେତା ବେଣୁଗୋପାଳ କହିଲେ ଯେ ଦଳ ଏହି ଜାଲିଆତିର ପ୍ରମାଣ ସଂଗ୍ରହ କରୁଛି। ୨ ସପ୍ତାହ ମଧ୍ୟରେ ଦେଶ ସାମ୍ନାରେ ଏହାର ରଖାଯିବ। ବିହାର ନିର୍ବାଚନ ଫଳାଫଳ କେବଳ କଂଗ୍ରେସ ନୁହେଁ, ବରଂ ଜନତା ଏବଂ ମେଣ୍ଟ ସହଯୋଗୀଙ୍କୁ ମଧ୍ୟ ତାଜୁବ କରିଦେଇଛି। ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ଆମେ ସବୁ ତଥ୍ୟ ସଂଗ୍ରହ କରୁଛୁ। ଗମ୍ଭୀରତାର ସହ ଏହାକ ବିଶ୍ଳେଷଣ କରାଯିବ। ସପ୍ତାହେରୁ ଦୁଇ ସପ୍ତାହେ ଭିତରେ ଠୋସ୍ ପ୍ରମାଣ ସଂଗ୍ରହ କରି ସର୍ବସମ୍ମୁଖକୁ ଅଣାଯିବ। ସେହିପରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିବା ପରେ ଦଳର ବରିଷ୍ଠ ନେତାମାନେ ବିହାର ନିର୍ବାଚନ ଫଳାଫଳ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଜୟ ମାକନ କହିଛନ୍ତି ଯେ ପ୍ରାରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ଏଭଳି ଫଳାଫଳ ଚକିତ କରିଦେଇଛି। ୧୯୮୪ରେ ବି କଂଗ୍ରେସକୁ ଏଭଳି ଷ୍ଟ୍ରାଇକ ରେଟ୍ ମିଳି ନ ଥିଲା। ବିଜେପିକୁ ଯେଉଁ ଭଳି ଆସନ ମିଳିଛି ତାହା ସନ୍ଦେହ ସୃଷ୍ଟି କରୁଛି। କିଛି ତ ଜାଲିଆତି ହୋଇଛି। ଅନେକ ସ୍ଥାନରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ କହିଛନ୍ତି। ମହାମେଣ୍ଟର ସବୁ ଦଳ ଫଳାଫଳକୁ ଅପ୍ରତ୍ୟାଶିତ କହିଛନ୍ତି।

# ଖେଳ ବିଗାଡ଼ିଲା କିଏ? ବିହାର ରାଜନୀତିରେ ତନାଘନା

ପାଟନା, ୧୫।୧୧ (ଏଜେନ୍ସି): ବିହାର ନିର୍ବାଚନ ଫଳାଫଳ ମହାମେଣ୍ଟ ପାଇଁ ବଡ଼ ଝଟ୍‌କା ହୋଇଥିବାବେଳେ କ୍ଷମତାସୀନ ଏନ୍‌ଡିଏ ପାଇଁ ଡବଲ୍ ଖୁସି ଆଣି ଦେଇଛି। ଉଭୟ ମେଣ୍ଟ ପାଇଁ ଏହି ଫଳାଫଳ ଅପ୍ରତ୍ୟାଶିତ ରହିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ପାଇଥିବାବେଳେ ମହାମେଣ୍ଟ ୩୫ ଆସନରେ ସୀମିତ ରହିଛି। ତେବେ ଏହି ନିର୍ବାଚନରେ କ୍ଷୁଦ୍ର ଦଳଗୁଡ଼ିକ ଚର୍ଚ୍ଚାରେ ଅଛନ୍ତି। କ୍ଷୁଦ୍ର ହୋଇଥିଲେ ମଧ୍ୟ ନିର୍ବାଚନରେ ବଡ଼ ପ୍ରଭାବ ପକାଇଛନ୍ତି। ଏହି ଦଳଗୁଡ଼ିକ ପାଇଁ ଏନ୍‌ଡିଏ ବିଜୟୀ ହୋଇଥିବାବେଳେ ମହାମେଣ୍ଟ ଇଣ୍ଡିଆ ପରାଜୟର ସମ୍ମୁଖୀନ ହେଲା ବୋଲି କୁହାଯାଉଛି। ଏହି ଦଳ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି, ଅସଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ଏବଂ ମାୟାବତୀଙ୍କ ବିଏସପି ରହିଛି। ଗତ ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଏଲଜେପିଆର ପାଇଁ ନୀତୀଶଙ୍କ ଦଳ ଜେଡିୟୁର କ୍ଷତି ହୋଇଥିଲା। ମାତ୍ର ଚଳିତ ଥର ଜନସୁରାଜ, ଏଆଇଏମଆଇଏମ ଏବଂ ବିଏସପି ଲାଗି ମହାମେଣ୍ଟର ଅପୂରଣୀୟ କ୍ଷତି ହୋଇଛି।

## ଛୋଟ ଦଳ, ପ୍ରଭାବ ବଡ଼



ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତଙ୍କ ଦଳ ପ୍ରଥମ ଥର ପାଇଁ ବିହାରର ୨୩୮ ଆସନରେ ନିର୍ବାଚନ ଲଢ଼ି ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। ତେବେ ଏହି ଦଳ ୩.୪ ପ୍ରତିଶତ ଭୋଟ ହାତେଇଛି। ଏହା ବଡ଼ ବିଭାଜନକାରୀ ଭାବେ ଉଭା ହୋଇଛି। ଖାତା ଖୋଲି ନ ଥିବା ଏହି ଦଳ ଉଭୟ ମେଣ୍ଟର ଭୋଟ ହ୍ରାସ କରିଛି। ଜନସୁରାଜ ଗୋଟିଏ ଆସନରେ ଦ୍ୱିତୀୟ, ୧୨୯ଟିରେ ତୃତୀୟ, ୭୩ଟିରେ ଚତୁର୍ଥ, ୨୪ଟିରେ ୫ମ ଏବଂ ୧୨ଟିରେ ୬ରୁ ୯ତମ ସ୍ଥାନରେ ରହିଥିଲା। ୩୩ ବିଧାନସଭା କ୍ଷେତ୍ରରେ ଜନସୁରାଜ ପାଇଥିବା ଭୋଟ ବିଜୟ ବ୍ୟବଧାନଠାରୁ ଅଧିକ ଥିଲା। ଏଥିରୁ ୧୮ଟିରେ ଏନ୍‌ଡିଏ ଏବଂ ୧୩ଟିରେ ମହାମେଣ୍ଟ ଜିତିଥିଲା। ନିର୍ବାଚନ ପ୍ରଚାର ସମୟରେ ଦଳ ଉଭୟ ମେଣ୍ଟର ଭୋଟ ନେବ ବୋଲି ପ୍ରଶାନ୍ତ କହିଥିଲେ। ଏହାର ଝଲକ ଫଳାଫଳରେ ଦେଖିବାକୁ ମିଳିଛି।

୧୮୧ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାୟାବତୀଙ୍କ ବିଏସ୍‌ପି ଗୋଟିଏ ଆସନରେ ଜିତିଥିବାବେଳେ ଆଉ ଗୋଟିଏର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀର୍ଘ ବର୍ଷ ହେଲା ବିରୋଧୀ ଦଳଗୁଡିକ ବିଏସ୍‌ପିକୁ ବିଜେପିର ବି-ଟିମ୍ କହି ଆସୁଥିଲେ। ଉତ୍ତର ପ୍ରଦେଶ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରେ ଏହି ଅଭିଯୋଗ ଲାଗିଥିଲା। ଏହି ନିର୍ବାଚନରେ ବିଏସ୍‌ପି ମହାମେଣ୍ଟର ଅଶେଷ କ୍ଷତି କରିଛି। ୨୦ ଆସନରେ ବିଏସ୍‌ପି ପାଇଥିବା ଭୋଟ ବିଜୟ ବ୍ୟବଧାନଠୁ ଅଧିକ ରହିଛି। ଏଥିରୁ ଏନ୍‌ଡିଏ ୧୮ଟି ଏବଂ ମହାମେଣ୍ଟ ୨ଟି ଆସନ ଜିତିଥିଲା। ୯୦ ପ୍ରତିଶତ ଲାଭ ଏନ୍‌ଡିଏକୁ ମିଳିଥିଲା। ସେହିପରି ଏଆଇଏମଆଇଏମ ୫ଟି ଆସନରେ ଜିତିଥିଲେ ମଧ୍ୟ ୯ଟିରେ ବିଜୟ ବ୍ୟବଧାନଠୁ ଅଧିକ ଭୋଟ ପାଇଥିଲା। ଏଥିରୁ ୬୭ ପ୍ରତିଶତ ଆସନ ଏନ୍‌ଡିଏ ଜିତିଥିବାବେଳେ ୩୩ ପ୍ରତିଶତ ମହାମେଣ୍ଟ ଖାତାକୁ ଯାଇଥିଲା।

ସାମଗ୍ରିକ ଭାବେ ଦେଖିଲେ ଏହି ତିନି ପାଖିଆ ଲଢ଼େଇ ଏନ୍‌ଡିଏକୁ ଲାଭ ଦେଇଥିଲା। ୨୩.୪ ପ୍ରତିଶତ ଭୋଟ ପାଇଥିଲେ ବି ଆରଜେଡି ୨୫ଟିରେ ସୀମିତ ରହିଥିଲା। କିନ୍ତୁ ୨୦.୪ ପ୍ରତିଶତ ଭୋଟ ପାଇଁ ବିଜେପି ଏବଂ ୧୯.୬ ପ୍ରତିଶତର ସହ ଜେଡିୟୁ ତିନି ଗୁଣ ଅଧିକ ଆସନ ହାତେଇ ଥିଲା। ଏନ୍‌ଡିଏ ନିଜ ଭୋଟକୁ ମଝବୁତ କରି ରଖିଥିବାବେଳେ ମହାମେଣ୍ଟର ଭାଗ ଭାଗ ହୋଇ ଯାଇଥିଲା।୨୪୩ରୁ ୬୩ଟିରେ ଜନ ସୁରାଜ, ବିଏସପି ଏବଂ ଏଆଇଏମଆଇଏମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଏଥିରୁ ୪୪ଟି (୭୦%) ଏନ୍‌ଡିଏ ଏବଂ ମହାମେଣ୍ଟ ୧୯ଟି ଜିତିଥିଲା। ମୁଖ୍ୟତଃ ଏନ୍‌ଡିଏ ବିରୋଧୀ ଭୋଟ ଉପରେ ମହାମେଣ୍ଟ ନିର୍ଭରଶୀଳ। କିନ୍ତୁ ଚଳିତ ଥର ନିର୍ବାଚନ ତିନିପାଖିଆ ହୋଇଥିଲା। ବିଏସ୍‌ପି ଦଳିତ ଭୋଟ, ଏଆଇଏମଆଇଏମ ମୁସଲିମ ଭୋଟ ଏବଂ ଜନସୁରାଜ ଯୁବଗୋଷ୍ଠୀ ଓ ବିକାଶ ଚାହୁଁଥିବା ଲୋକଙ୍କ ଭୋଟ ହାତେଇ ନେଇଥିଲା। ଏହା ଫଳରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ବଦଳରେ ଏନ୍‌ଡିଏ ବୃହତ ବିଜୟ ହାସଲ କରିଥିଲା।

# ଦିଲ୍ଲୀ ବିସ୍ଫୋରଣ: ଆଉ ୫ ଡାକ୍ତର ଗିରଫ, ୨୨ ଡାକ୍ତର ଫେରାର

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀଙ୍କ କାରଖାନା ପାଲଟିଥିବା ଫରିଦାବାଦର ଧୌଜ ଗ୍ରାମ ସ୍ଥିତ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଜୀବନ ବଞ୍ଚାଇବାକୁ ଡାକ୍ତର ଗଢୁଥିବା ଏହି ବିଶ୍ୱବିଦ୍ୟାଳୟରେ ନିରୀହଙ୍କ ଜୀବନ ନେବା ପାଇଁ କେମିତି ଆତଙ୍କୀ ଗଢ଼ା ଯାଉଥିଲା ତାହାର ଗୁମର ଫିଟିବାରେ ଲାଗିଛି। ଏହି ବିଶ୍ୱବିଦ୍ୟାଳୟର ୪ ଡାକ୍ତରଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଆଜି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଏହି ଅଲ-ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ରୁଜୁ କରିଛି। ଜାଲିଆତି ଏବଂ ଠକେଇ ମାମଲାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନିୟମିତତାକୁ ନେଇ ୟୁଜିସି ଏବଂ ନାକ୍‌ର ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ନୋଟିସ ଜାରି କରିଛି ଓ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଗି ତଦନ୍ତ ଆରମ୍ଭ କରିଛି। ଏହା ମଧ୍ୟରେ ଆତଙ୍କବାଦୀ ଲିଙ୍କ୍‌କୁ ନେଇ ଆଜି ୫ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ହରିୟାଣା ନୁହର ୩ ଜଣ, ପଶ୍ଚିମବଙ୍ଗ ଏବଂ ପଞ୍ଜାବରୁ ଜଣେ ଲେଖାଏଁ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପଟେ ଏନ୍‌ଆଇଏ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ୟୁପି ପୁଲିସ ଅଲ-ଫଲାହରେ ଶନିବାର ପହଞ୍ଚି ଯାଞ୍ଚ କରିଛି। ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଥିଲା। ଇମାମଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ଏଠାରେ

- ୟୁଜିସି ଓ ନାକ ପକ୍ଷରୁ ଅନିୟମିତତା ଅଭିଯୋଗ
- ଅଲ-ଫଲାହରେ ଚଢ଼ଉ, ଦିଲ୍ଲୀ ପୁଲିସର ଏତଲା ରୁଜୁ
- 'ଡେଡ୍ ଡ୍ରପ' ଇମେଲରେ କଥା ହେଉଥିଲେ ଆତଙ୍କବାଦୀ

ରହୁଥିବା କଶ୍ମୀର ନାଗରିକଙ୍କ ତାଲିକା ପ୍ରସ୍ତୁତ କରି ଘର ଯାଞ୍ଚ କରାଯାଇଥିଲା। ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବା ପରେ ଏହି ବିଶ୍ୱବିଦ୍ୟାଳୟର ୨୨ ଡାକ୍ତର ଫେରାର ଅଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ସ୍ୱିଚଅଫ୍ ରହିଛି। ବିସ୍ଫୋରଣ ମାମଲାରେ ଗିରଫ ଡ. ମୁଜାମିଲ ସହ ଏହି ଡାକ୍ତରଙ୍କ ସମ୍ପର୍କ ଥିଲା। ସେହିପରି ଏହି ବିଶ୍ୱବିଦ୍ୟାଳୟରେ ପଢୁଥିବା ୪୦ ପ୍ରତିଶତ ଡାକ୍ତର କଶ୍ମୀର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୨୧ ମହିଳା ଆତଙ୍କବାଦୀ ଡ. ସାହିନ ପ୍ରାଧ୍ୟାପିକା ଭାବେ ଏଠାରେ ଯୋଗ ଦେଇଥିଲେ। ତାଙ୍କୁ କଲେଜର ୬ ସଦସ୍ୟ ବିଶିଷ୍ଟ ଫାର୍ମାକୋ ଭିଜିଲାନ୍ସ କମିଟିରେ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଥିଲା। ସେ ହିଁ ୨୦୨୨ରେ ପୁଲୱାମା ଡ. ମଜାମିଲ ଗନି, ଡ. ଉମର ନବି, ଡ.ସଜାଦ ଅହମ୍ମଦକୁ ଚାକିରି ଦେଇଥିଲା। ଅଲ-ଫଲାହରେ ସାହିନ ଏବଂ ସଜ୍ଜାଦର ବହୁତ ପ୍ରଭାବ ଥିଲା। ସେହିପରି ଅଭିଯୁକ୍ତ ମୁଜାମିଲ ଏବଂ ଉମର ସହ ସମ୍ପର୍କ ରଖିଥିବା ଡ. ମୁସ୍ତକିମକୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି।

ଦିଲ୍ଲୀ ବିସ୍ଫୋରଣରେ ସାମିଲ ଏହି ଆତଙ୍କବାଦୀ ପରସ୍ପର ମଧ୍ୟରେ କଥା ହେବାକୁ ଏବଂ ଷଡ଼ଯନ୍ତ୍ର ପାଇଁ 'ଡେଡ୍ ଡ୍ରପ୍' ଇ-ମେଲ ବ୍ୟବହାର କରୁଥିଲେ। ଏଥିରେ ଇମେଲର ଡ୍ରାଫ୍ଟ ଫୋଲ୍ଡରକୁ ସେଭ କରିଦିଆଯାଇଥାଏ। ପରେ ଏହାକୁ ପଢିବା ପାଇଁ ଅନ୍ୟ ଜଣେ ଲଗ୍ ଇନ କରିଥାଏ। ଏହାର ଡିଜିଟାଲ ଫୁଟପ୍ରିଣ୍ଟର ସନ୍ଧାନ କରିବା ଅତ୍ୟନ୍ତ କଷ୍ଟସାଧ୍ୟ। ତଦନ୍ତରୁ ଜଣାପଡ଼ିଛି ଯେ ଟେରର ମଡ୍ୟୁଲୋରେ ସାମିଲ ଡାକ୍ତର ପରସ୍ପରକୁ ଇ-ମେଲ ପଠାଉ ନ ଥିଲେ। ଅନ୍ୟପକ୍ଷରେ ମହିଳା ଆତଙ୍କବାଦୀ ଡ. ସାହିନ ବିସ୍ଫୋରଣ ପରେ ଦେଶ ଛାଡ଼ି ପଳାଇବାକୁ ଯୋଜନା କରିଥିଲା। ସେ ଦିଲ୍ଲୀ ବିସ୍ଫୋରଣର ସାତ ଦିନ ପୂର୍ବରୁ ପାସ୍‌ପୋର୍ଟ ଯାଞ୍ଚ କରାଇ ଥିଲା।ସାହିନର କୋଡନେମ 'ମ୍ୟାଡାମ ସର୍ଜନ' ଥିଲା।

# ଗାଜା ଦୁଇ ଭାଗ କରିବାକୁ ଆମେରିକାର ଯୋଜନା

ୱାସିଂଟନ, ୧୫ ।୧୧(ଏଜେନ୍ସି): ଆମେରିକା ଗାଜାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପ୍ରସ୍ତୁତି କରୁଛି। ଏଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ଗୋଟିଏ ଭାଗ ଇଣ୍ଟରନ୍ୟାସନାଲ ଫୋର୍ସ (ଆଇଏସ୍‌ଏଫ୍) ଓ ଇସ୍ରାଏଲ ସେନାର ନିୟନ୍ତ୍ରଣରେ ରହିବ ଓ ଏହାକୁ ଗ୍ରୀନ୍ ଜୋନ କୁହାଯିବ। ଅନ୍ୟପଟେ ପାଲେଷ୍ଟାଇନ ନାଗରିକ ରହୁଥିବା ଅଞ୍ଚଳକୁ ଭଗ୍ନାବଶେଷ ସ୍ଥଳି ଭାବେ ରହିବାକୁ ଦିଆଯିବ ଓ ଏହାକୁ ରେଡ୍ ଜୋନ ବୋଲି କୁହାଯିବ। ପାଖାପାଖି ସବୁ ପାଲେଷ୍ଟାଇନ ନାଗରିକ ରେଡ୍ ଜୋନକୁ ବିସ୍ଥାପିତ ହୋଇଛନ୍ତି। ବ୍ରିଟେନ ଜଣାଶୁଣା ଖବର କାଗଜ 'ଦି ଗାର୍ଡିଆନ୍' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଆମେରିକୀୟ ସେନାର ଗୁଇନ୍ଦା କାଗଜପତ୍ର ଓ ଅଧିକାରୀମାନଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଏହି ଯୋଜନାକୁ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି କୁହାଯାଇଛି।



- ଗ୍ରୀନ ଜୋନ୍‌ରେ ଇସ୍ରାଏଲ୍‌ର ନିୟନ୍ତ୍ରଣ
- ପାଲେଷ୍ଟାଇନ୍ ନାଗରିକଙ୍କୁ ରେଡ୍ ଜୋନ୍

ଗାଜାର ପୂର୍ବ ଅଂଶକୁ ଗ୍ରୀନ୍ ଓ ପଶ୍ଚିମ ପଟକୁ ରେଡ୍ ଜୋନ୍‌ରେ ବିଭକ୍ତ କରାଯିବ। ଗ୍ରୀନ୍ ଜୋନରେ ଇସ୍ରାଏଲ ସମେତ ବିଦେଶୀ ସୈନିକ ମଧ୍ୟ ନିୟୋଜିତ ହେବେ। ପ୍ରଥମେ କେତେଶହ ସୈନିକଙ୍କୁ ଓ ପରେ ଏହି ସଂଖ୍ୟାକୁ ୨୦ ହଜାରକୁ ବୃଦ୍ଧି କରାଯିବ। କୌଣସି ବିଦେଶୀ ସୈନିକଙ୍କୁ ଗ୍ରୀନ୍ ଜୋନ ବାହରକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ରେଡ୍ ଜୋନ୍ ଯୁଦ୍ଧ ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହୋଇ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ଏଠାରେ କୌଣସି ପୁନଃନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ଏହି ଜୋନରେ ୨୦ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ଫସି ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ନେଇ ଏହି ଯୋଜନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଜାକୁ ଏକାଠି କରି ପାଲେଷ୍ଟାଇନ୍ ଶାସନ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

# ଶିଶୁକୁ ହତ୍ୟା କଲେ ୪ ଜଣ ମାଉସୀ

ଯୋଧପୁର, ୧୫ ।୧୧(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ୧୭ ଦିନର ନୀରିହ ଶିଶୁକୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶିଶୁର ୪ ଜଣ ମାଉସୀ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇ ପଚରା ଉଚରା କରାଯାଉଛି। ପ୍ରଥମେ ହାତଗୋଡ ଭାଙ୍ଗିବା ପରେ ଶିଶୁର ତଣ୍ଟି ଚିପି ହତ୍ୟା କରାଯାଉଛି ବୋଲି ତା'ର ପିତା ଅଭିଯୋଗ କରିଛନ୍ତି। ଶିଶୁଟିର ଚୁଟି ମଧ୍ୟ ଟଣା ଯାଇଥିଲା। ଗୁଣିଗାରେଡ଼ି କାରଣରୁ ଶିଶୁକୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ନେହରୁ ନଗର କଲୋନୀରେ ଏହି ଘଟଣା ଘଟିଛି। ପତି ପୁନାରାମ ଓ ପତ୍ନୀ ସୁମନ ୧୭ ଦିନ ତଳେ ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଶୁକ୍ରବାର ରାତିରେ ସୁମନ ଗାଧୁଆଘର ଯାଇଥିବା ବେଳେ ତାଙ୍କର ୪ ଭଉଣୀ ପୁଅ ପ୍ରତ୍ୟୁକ୍ଷକୁ ହତ୍ୟା କରିଥିଲେ। ମୋର ଶ୍ୱଶୁର ଘର ଲୋକେ ଅନ୍ଧବିଶ୍ୱାସି ରହିଆସିଛନ୍ତି। ଏହି କାରଣରୁ ୪ ଜଣ ମାଉସୀ ସାଥି ହୋଇ ପୁଅକୁ ହତ୍ୟା କରିଛନ୍ତି ବୋଲି ପୁନାରାମ ଅଭିଯୋଗ କରିଛନ୍ତି। ପୁନାରାମଙ୍କ ଶ୍ୱଶୁର ତଥା ସୁମନଙ୍କ ପିତା ଦିଲ୍ଲୀରେ ବାୟୁସେନାରେ କାର୍ଯ୍ୟକରନ୍ତି। ତାଙ୍କ ୭ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ସୁମନ ତାଙ୍କର ଦ୍ୱିତୀୟ ଝିଅ। ଶିଶୁର ୪ ମାଉସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ ଅନୁସାରେ ୨୦୨୨ରେ ଶିଶୁ ମୃତ୍ୟୁହାର ୩୯ ପ୍ରତିଶତ ରହିଛି। କିନ୍ତୁ ୨୦୨୩ରେ ଏଥିରେ ସୁଧାର ହୋଇଛି ଓ ହାର ୨୯ ପ୍ରତିଶତ ରହିଛି।

# ଜିଅନ୍ତା ଜଳିଗଲେ ପରିବାରର ୫ ସଭ୍ୟ

ମୁଜାଫରପୁର, ୧୫ ।୧୧(ଏଜେନ୍ସି): ବିହାରର ମୁଜାଫରପୁରରେ ଗୋଟିଏ ପରିବାରର ୫ ସଦସ୍ୟ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଦୁଇ ପିଲା ଓ ମା ସାମିଲ ରହିଛନ୍ତି। ଏହି ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଜଳିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଓ ଏମାନଙ୍କୁ ଚିକିତ୍ସା ପାଇଁ ଶ୍ରୀ କ୍ରିଷ୍ଣା ମେଡିକାଲ କଲେଜ (ଏସ୍‌କେଏମ୍‌ସି) ରେ ଭର୍ତ୍ତି କରାଯାଇଛି। ଆହତଙ୍କ ଶରୀରର ୯୮ ପ୍ରତିଶତ ଜଳିଯାଇଛି। ସେହିପରି ଜଣେ ଯୁବକ ମାମୁଲି ଭାବେ ଆହତ ହୋଇଛନ୍ତି ଓ ମୋତିପୁର ପିଏଚ୍‌ସିରେ ତାଙ୍କୁ ଚିକିତ୍ସା କରାଯାଉଛି। ମୋତିପୁରର ୧୩ ନଂ ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରେ ନିଆଁ ଲାଗିଥିଲା। ସେତେବେଳେ ପରିବାର ଲୋକେ ଶୋଇ ରହିଥିଲେ। ଫଳରେ ସେମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ତୃତୀୟ ମହଲାରେ ନିଆଁ ଲାଗିଥିଲା। ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଡିଏସ୍‌ପି ସୁଚିତ୍ରା କୁମାରୀ କହିଛନ୍ତି। ଏହି ଘଟଣା ଯାଞ୍ଚ୍ କରାଯାଉଛି। ସର୍ଟ ସର୍କିଟ କାରଣରୁ ଏହି ନିଆଁ ଲାଗିଥିଲା ବୋଲି ଆଶଙ୍କା କରାଯାଉଛି।

## ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ଦିନକୁ ଗଡୁଛି ୧୬ ମୁଣ୍ଡ

ଭୁବନେଶ୍ୱର,୧୫ ।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ, ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହେଉଥିଲେ ବି ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାରରେ ରୋକ୍

- ଗତବର୍ଷ ତୁଳନାରେ ବଢ଼ିଛି ୬.୭୫ ପ୍ରତିଶତ
- ୧୦ ବର୍ଷରେ ମଲେଣି ୪୮ ହଜାର
- ଫାଶ ବସାଇଛି ପର୍ଯ୍ୟଟନ ଋତୁ
- ରାଜ୍ୟରେ ୧୯୫ ବ୍ଲାକସ୍ପଟ୍ ଚିହ୍ନଟ

ଲାଗିପାରୁନି । ଯେତିକି ମରୁଛନ୍ତି, ତା'ଠାରୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି । ସରକାରୀ ତଥ୍ୟ ମୁତାବକ, ପ୍ରତିବର୍ଷ ଦେଶରେ ଦେଢ଼ଲକ୍ଷ ଲକ୍ଷ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏ ଅଲୋଡ଼ା ରେକର୍ଡରେ ଓଡ଼ିଶାର ଭାଗ ଅଧିକ । ଦୁର୍ଘଟଣା ରାଜ୍ୟରେ ପ୍ରତିବର୍ଷ ୫ ହଜାର ଜୀବନ ନେଉଛି । ଗତ ୧୦ ବର୍ଷର ତଥ୍ୟ ଉପରେ ଆଖି ପକାଇଲେ, ରାଜ୍ୟରେ ଏହା(ଦୁର୍ଘଟଣା) ମହାମାରୀଠାରୁ ବି ଭୟଙ୍କର ବୋଲି ଜଣାଯାଇଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଦୁର୍ଘଟଣା । ଖାଲି ସେତିକି ନୁହେଁ, ଏକ ଲକ୍ଷରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଏହି ଆଧାରରେ ଦେଖିବାକୁ ଗଲେ, ଦୁର୍ଘଟଣାରେ ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କ ମୁଣ୍ଡ ଗଡୁଛି ।

୨୦୨୩ ମସିହାରେ ରାଜ୍ୟରେ ମୋଟ ୧୧ହଜାର




୯୯୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଟି ଅମୂଲ୍ୟ ଜୀବନ ଯାଇଛି । ସେହିପରି ଗତବର୍ଷ ରାଜ୍ୟରେ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬ ହଜାର ୧୪୨ଜଣ ପ୍ରାଣ ହରାଇଛନ୍ତି । ଚଳିତବର୍ଷ ଅର୍ଥାତ୍ ୨୦୨୫ ଜୁଲାଇ ମଧ୍ୟରେ ୭୫୩୬ଟି ସଡ଼କ ଦୁର୍ଘଟଣାରେ ୩ ହଜାର ୮୯୧ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୪ ଓ ୨୦୨୫ର ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୬.୭୫ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣା ହାର ବୃଦ୍ଧି ପାଇବା ରାଜ୍ୟରେ ସଡ଼କ ଦୁର୍ଘଟଣାର ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି ।

ସେପଟେ ୨୦୨୩ ମସିହା ତଥ୍ୟକୁ ଦେଖିଲେ, ସମୁଦାୟ ଦୁର୍ଘଟଣାର ୩୭ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଆଉ ୩୭ ପ୍ରତିଶତ ବା ପ୍ରାୟ ୨୧୦୦ ଜଣ ଜାତୀୟ ରାଜପଥରେ ହିଁ ପ୍ରାଣ ହରାଇଛନ୍ତି । ସେହିବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ଏଭଳି ହେବାର କାରଣ ମଧ୍ୟ ଆଶ୍ଚର୍ଯ୍ୟଜନକ । ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଜାତୀୟ ରାଜପଥରେ ଅଧିକ ଗାଡ଼ି ଚଳାଚଳ କରୁଛି । ଲୋକମାନେ ବଣଭୋଜି ଓ ତୀର୍ଥସ୍ଥଳୀ ସ୍ଥଳକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ । ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ସେହିପରି ରାଜପଥରେ ବେଆଇନ ପାର୍କିଂ ଓ ମଦ୍ୟପାନ ଜନିତ ଗାଡ଼ି ଚାଳନା ଏହାର ଅନ୍ୟତମ କାରଣ । ରାଜ୍ୟରେ ୧୯୫ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଠାରେ ଯେପରି ଭାବେ ସତର୍କତା ଅବଲମ୍ବନ କରିବା କଥା, ତାହା କରାନଯିବା ମଧ୍ୟ ଆଉ ଏକ କାରଣ ବୋଲି କୁହାଯାଉଛି ।

## ଆଜିଠୁ ଶୂନ୍ୟ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ହେବ । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ, ୪ଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ୍ ଓ ଏମର୍ଜେନ୍ସି କେୟାର୍‌କୁ ପ୍ରାଧାନ୍ୟ ଦିଆଯିବ । ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା

- ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି
- ମୃତାହତ ସଂଖ୍ୟା ହ୍ରାସ ପାଇଁ ବ୍ୟାପକ ଜନସଚେତନତା କରାଯିବ: ମନ୍ତ୍ରୀ

ଦେଇଛନ୍ତି । ଆଜି ଏ ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିଛନ୍ତି । ଶୂନ୍ୟ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ପରାମର୍ଶ ଦେଇଛନ୍ତି ।

## ଯୌନାଙ୍ଗ କାଟି ଯୁବକଙ୍କୁ ହତ୍ୟା

ବୀରମହାରାଜପୁର,୧୫।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧ ହିଡ଼ରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଜଣଙ୍କ ଭଜବଲପୁର ଗାଁର ରକେଶ ବରିହା(୨୫) ବୋଲି ଜଣାପଡ଼ିଛି । ସୂଚନାନୁଯାୟୀ, ସକାଳୁ ବନ୍ଧହିଡରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ବୀରମହାରାଜପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ । କିଛି ଲୋକ ସକାଳ ସାଢ଼େ ୪ଟାରେ ମର୍ଣ୍ଣିଂୱାର୍କରେ ଗଲା ବେଳେ ଏହି ବନ୍ଧ ପାଖରେ ଏକ ବଲୋରୋ ଗାଡ଼ି ଛିଡ଼ା ହୋଇଥିବା ଦେଖିଥିଲେ । ମୃତ ଯୁବକଙ୍କ ମୁଣ୍ଡ ଓ ବାମ ଆଖିରେ ଆଘାତ ଲାଗିଥିବା ବେଳେ ତାଙ୍କ ଯୌନାଙ୍ଗକୁ କାଟି ଦିଆଯାଇଥିବା ଜଣାପଡ଼ିଛି । ପୁଲିସ ଶବକୁ ଜବତ କରି ଏକ ମାମଲା ରୁଜୁ କରିଛି ।

### ରୁଗୁଡ଼ିମୁଣ୍ଡା ବନ୍ଧହିଡ଼ରୁ ମୃତଦେହ ଉଦ୍ଧାର

ଅପରାହ୍ଣରେ ମୃତକଙ୍କ ପରିବାରକୁ ଶବ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ । ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ବୀରମହାରାଜପୁର ଥାନା ଅଧିକାରୀ କହିଛନ୍ତି ।

## ସୃଷ୍ଟି ହେଲା ୪୪୩୩ଟି ନର୍ସିଂ ଅଫିସର ପଦ

ଭୁବନେଶ୍ୱର,୧୫।୧୧(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡର୍‌ର ଏହି ପଦଗୁଡିକ ସୃଷ୍ଟି କରାଯାଇଛି । ଏହି ପଦାଧିକାରୀମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ହେଲ୍‌ଥ ସେଣ୍ଟରଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଏହି ନୂଆ ପଦବୀ ସୃଷ୍ଟିକୁ ଅର୍ଥ ବିଭାଗର ସହମତି ମିଳିଥିବାବେଳେ ଖୁବ୍‌ଶୀଘ୍ର ପରୀକ୍ଷା, ପ୍ରଶିକ୍ଷଣ ଓ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ନିୟମାବଳୀ ପ୍ରକାଶ କରାଯିବ ।

### ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡା ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ: ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୫ ।୧୧ (ସମିସ): ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ବିର୍ସା ମୁଣ୍ଡା ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାରକୁ ସେ ଦୃଢ଼ ଥିଲା । ଇଂରେଜ ସରକାର ବିରୋଧରେ ତାହା ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ



- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ହନୁମାନ ବାଟିକା-ପାୱାର ହାଉସ୍ ରାସ୍ତା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ

ବିରୋଧ କରୁଥିଲେ । ବିହାର, ଝାଡ଼ଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ନେଇ ଏକ ବଡ଼ଧରଣର ବିପ୍ଳବ କରି ସେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ । ସହିଦ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେସିତମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ । ବିର୍ସାଙ୍କ ବିଦ୍ରୋହ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରୁ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

### ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ତୁରନ୍ତ ପରୀକ୍ଷା ଦାବିରେ ଆଶାୟୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫ ।୧୧(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଲା; କ୍ରାଇମ୍‌ବ୍ରାଞ୍ଚ ଠାରୁ ତଦନ୍ତ ଭାର ସିବିଆଇ ନେଲା । ହେଲେ ପରୀକ୍ଷା କେବେ ହେବ ଏବଂ କିଏ ପରୀକ୍ଷା ପରିଚାଳନା କରିବ ସେ ସମ୍ପର୍କରେ କେହି ପଦୁଟିଏ କହୁନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ, ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି ।

ଆଶାୟୀଙ୍କ କହିବା କଥା, ଚାକିରି ବିକ୍ରି ଘଟଣାରେ ସିବିଆଇ ତଦନ୍ତ ଆରମ୍ଭ କରିଛି । ରାକେଟ୍‌ର ମୂଳ ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କେବେ ପହଞ୍ଚିବ ଓ କେବେ ତଦନ୍ତ ସରିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ । ୨୦୨୪ ଡିସେମ୍ବରରେ ୯୩୩ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ



- ଆଶାୟୀଙ୍କ ସହ ଆଲୋଚନା କଲେନି ଓପିଆର୍‌ବି ଅଧ୍ୟକ୍ଷ
- ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ପାଇବାକୁ ପ୍ରାୟ ବର୍ଷେ ପୂରିବ । ଏହାରି ମଧ୍ୟରେ ଦୁଇ ଥର ପରୀକ୍ଷା ବାତିଲ୍ ହେଲାଣି । ଅନିଶ୍ଚିତତା ମଧ୍ୟରେ ଥିବା ଏହି ପରୀକ୍ଷା ପାଇଁ ପଢ଼ିବା ସହ ଶାରିରୀକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି । ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି । ସକାଳୁ ଆନ୍ଦୋଳନରେ ବସିଥିବା ଆଶାୟୀଙ୍କ ସହ ବିଳମ୍ବିତ ରାତି ଅର୍ଥାତ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଓପିଆର୍‌ବି ଅଧ୍ୟକ୍ଷ ଆଲୋଚନା ନ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷ ଝାଡ଼ିଛନ୍ତି । ବ୍ୟାପକ କେଲେଙ୍କାରୀରେ ସମ୍ପୃକ୍ତ ଓପିଆର୍‌ବି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ସରକାର ଗଠନ ଠାରୁ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ହେଲେ ଦୀର୍ଘ ବର୍ଷେ ହେବ କୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ; ସରକାର ମଧ୍ୟ ସେମାନଙ୍କ ଜୀବନ ସହ ଖେଳିବାକୁ ପ୍ରୟାସ ନ କରନ୍ତୁ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି ।

### ବିଲରେ ଜମିଛି ପାଣି

## ଗଜା ଧାନରେ ନିଆଁ ଲଗାଇଦେଲେ ଚାଷୀ

ଧରାକୋଟ,୧୫ ।୧୧(ସମିସ): ଚଳିତ ବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବାରୁ ଚାଷୀର ମେରୁଦଣ୍ଡ ଦୋହଲିଯାଇଛି । ଯଦିଓ ଧାନ ଫସଲ ଭଲ ହୋଇଛି ଏବଂ ଠିକ ସମୟରେ ଲଘୁଚାପ ଟଳି ଯିବାରୁ ଅମଳ ପାଇଁ ପାଗ ଅନୁକୂଳ ହେବନି, ତେଣୁ ନିଆଁ ଲଗାଇଦେଲୁ... ଜମି ଶୁଖିଲେ ବିରି, ମୁଗ ବୁଣି କିଛି ରୋଜଗାର ହେବ ବୋଲି ନିଆଁ ଲଗାଇଥିବା ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷରେ କିଛି ଚାଷୀ ନିଜ ଜମିର ପାଣି ନିଷ୍କାସନ ପାଇଁ ନାଳ ବାହାର କରି ଅପେକ୍ଷାରେ ଅଛନ୍ତି ।



ଧରାକୋଟ ବ୍ଲକର ୧୮ ଟି ପଞ୍ଚାୟତର ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ବାହାରପୁର, ମାଣିକପୁର, ମଛାକୋଟ, ଢଉଗାଁ ଆଦି ପଞ୍ଚାୟତରେ ଥିବା କେନାଲ ପାର୍ଶ୍ୱ ଜମି, ଗହୀର ମଥାରେ ଥିବା ଚାଷ ଜମି ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ରହିଛି । ଧାନ ପାଣିରେ ଲୋଟି ରହିଛି, ପାଣି ଛାଡ଼ିନଥିବାରୁ ମେସିନ ସାହାଯ୍ୟରେ କିମ୍ବା ଲୋକଙ୍କ ଦ୍ୱାରା ଚାଷୀ ଧାନ ରହିଛି, ହେଲେ ଗହୀରିଆ ଜମିରୁ ପାଣି ଏପର୍ଯ୍ୟନ୍ତ ଛାଡ଼ି ନାହିଁ । ଅନ୍ୟପକ୍ଷରେ ଧାନ ଗଛ ସବୁ ଦୀର୍ଘଦିନ ଧରି ଭୂମିରେ ଲୋଟି ରହିଛି । ଏଣୁ ଅଧିକାଂଶ ଗଛ ଗଜା ହେଲାଣି । ଏଣୁ ଚାଷୀ ବର୍ଷକର ଫସଲ ଆଖି ଆଗରେ ଉଜୁଡ଼ି ଯାଇଥିବାରୁ ଏଥିରେ ବ୍ୟତିବ୍ୟସ୍ତ ହୋଇ ନିଜ ହାତରେ କରିଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି । ଧାନ ତ ଆଉ ଅମଳ କାଟିପାରୁନାହିଁ । ଫଳରେ ଦିନକୁ ଦିନ ଅଧିକ ପରିମାଣରେ ଧାନ ଗଜା ହେବାରେ ଲାଗିଛି । ଅନ୍ୟପଟରେ ପ୍ରଶାସନ ତରଫରୁ ଚଳିତ ବର୍ଷ କ୍ଷୟକ୍ଷତି ଆକଳନ ପାଇଁ ଏପର୍ଯ୍ୟନ୍ତ ତତ୍ପରତା ପ୍ରକାଶ ପାଇନାହିଁ । ଏଣୁ ଚାଷୀ ହତୋତ୍ସାହିତ ହୋଇ ନିଜ ଆଖି ଆଗରେ ନଷ୍ଟ ହୋଇଯାଇଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି ।

## ସ୍ୱତନ୍ତ୍ର ଓଟିଇଟିରେ ୪୮୧୫୩ କୃତକାର୍ଯ୍ୟ

କଟକ,୧୫ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି । ବୋର୍ଡ ୱେବ୍‌ସାଇଟ୍‌ରେ ଏହି ଫଳ ଉପଲବ୍ଧ କରାଯାଇଛି । ଏହି ପରୀକ୍ଷାର ଦୁଇଟି ପେପର୍‌ରେ ମୋଟ୍ ପାସ୍ ହାର ୬୬.୫୦ ପ୍ରତିଶତ ହୋଇଛି ଓ ମୋଟ ୪୮ ହଜାର୧୫୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଗତ ୨୦୨୫ ସେପ୍ଟେମ୍ବର ୨୭ତାରିଖରେ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷା ଦେବା ପାଇଁ ମୋଟ ୭୫୪୦୩ ଜଣ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରେ ୭୨ ହଜାର ୪୧୩ ଜଣ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ । ପେପର୍-୧ ପାଇଁ ମୋଟ ୨୯ ହଜାର ୪ଜଣ ଫର୍ମ ଦାଖଲ କରିଥିଲା ବେଳେ ୨୭ ହଜାର ୫୩୩ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୨ ହଜାର ୯୮୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର୍-୧ରେ ପାସ୍ ହାର ୪୭.୧୭ ପ୍ରତିଶତ ରହିଛି । ସେହିଭଳି ପେପର୍-୨ ପାଇଁ ୪୬ ହଜାର ୩୯୯ଜଣ ଫର୍ମ ପୂରଣ କରିଥିବା ବେଳେ ୪୪ ହଜାର ୮୮୦ଜଣ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୩୫ ହଜାର ୧୬୫ଜଣ ପାସ୍ କରିଛନ୍ତି । ଏଥିରେ ପାସ୍ ହାର ୭୮.୩୫ ପ୍ରତିଶତ ରହିଛି । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବ୍‌ସାଇଟ୍‌ରୁ ଆଜିଠାରୁ ୨୦୨୬ ଜାନୁଆରୀ୧୫ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ସେହିଭଳି ଯେଉଁ ପ୍ରାର୍ଥୀମାନେ ଅକୃତକାର୍ଯ୍ୟ ହୋଇଛନ୍ତି, ସେମାନେ ଚାହିଁଲେ ବୋର୍ଡ ୱେବସାଇଟ୍‌ରୁ ଆଜିଠାରୁ ଆସନ୍ତା ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଓଏମ୍‌ଆର୍ ଉତ୍ତରଖାତାକୁ ଡାଉନଲୋଡ୍ କରିପାରିବେ ।

## ପୁଣି ହାତୀଛୁଆର ମୃତଦେହ ଠାବ

ବାରିପଦା, ୧୫।୧୧ (ସମିସ): ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଠାବ ହୋଇଛି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି



ଶାବକର ଶବ ବ୍ୟବଚ୍ଛେଦ କରାଇବା ସହ ନମୁନା ସଂଗ୍ରହ କରିଛି । ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିଥିବାରୁ ଏହି ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପାଚିଲା ଧାନ ଖାଇବାକୁ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ଏକ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି । ଏହି ପଲରେ ଥିବା ଏକ ନବଜାତ ହାତୀ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି । ହଳଦୀବଣି ଜଙ୍ଗଲରେ ମରିପଡ଼ିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗରିପୋଷି ଅଞ୍ଚଳରେ ସେହି ପଲରୁ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା । ସେତେବେଳେ ପଲରେ ଥିବା ଅନ୍ୟ ଗର୍ଭବତୀ ହାତୀ ପରେ ଜନ୍ମ ଦେଇଥିବା କୁହାଯାଉଛି । ତେବେ ଘଞ୍ଚ ଜଙ୍ଗଲ ପରିବର୍ତ୍ତେ ଏହି ହାତୀପଲ ବିଭିନ୍ନ ଧାନକ୍ଷେତ ଓ ଗାଁଗଣ୍ଡା ବୁଲୁଥିବାରୁ ଗୋଟିଏ ପରେ ଗୋଟିଏ ଶାବକ ପ୍ରାଣ ହରାଉଛନ୍ତି । ହାତୀ ମୃତ୍ୟୁର କାରଣ ଓ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ପ୍ରୟାସ ଜରୁରୀ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି ।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା, ୧୫।୧୧ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଗାଇଡଲାଇନ୍ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ବାଘ ଗଣନା ହେବ । ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା

- ୨୦୨୬ ମସିହା ମାର୍ଚ୍ଚରେ ଶେଷ ହେବ
- ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା

କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି ।

ରୟାଲ ବେଙ୍ଗଲ ଟାଇଗର୍ ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱରେ ପରିଚିତ । ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନଟସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି । ପର୍ଯ୍ୟାୟ-୧ରେ ମାଂସାସୀ ଓ ଶାକହାରୀ ପ୍ରାଣୀମାନଙ୍କ ସାଇନ ସର୍ଭେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ (ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୦୩ଟି ବିଟ୍ ଅଞ୍ଚଳରେ ଏହି ଗଣନା କରାଯିବ । ଏଥିପାଇଁ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି । ଏହି ପର୍ଯ୍ୟାୟ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ ।

ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରରୁ ପର୍ଯ୍ୟାୟ-୩ ଆରମ୍ଭ ହେବ । ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କିମି ଗ୍ରିଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ କ୍ୟାମେରା ଜରିଆରେ ଗଣନା କରାଯିବ । ଏହି



ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି ।

ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚରେ ଶେଷ ହେବ । ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ । ପୂର୍ବ ଗଣନା ଅନୁଯାୟୀ, ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ ପାର୍ କରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗତ ୨୦୨୨ର ସର୍ବଭାରତୀୟ (ପାନ-ଇଣ୍ଡିଆ) ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ । ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା । ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା । ତେବେ, ଅଲ୍ ଓଡ଼ିଶା ଟାଇଗର୍ ଏଷ୍ଟିମେଣ୍ଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ । ରାଜ୍ୟରେ ଥିବା ମହାବଳ ବାଘ ମଧ୍ୟରୁ ସର୍ବାଧିକ ୩୯ଟି ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି ।

### ନୀଳଗିରି କୃଷକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ଜନବସତିରୁ ଇକୋ ସେନ୍‌ସିଟିଭ ଜୋନ୍ ପ୍ରତ୍ୟାହାର ଦାବି

ବାଲେଶ୍ୱର,୧୫ ।୧୧(ସମିସ)




ନୀଳଗିରି କୃଷକ ମଞ୍ଚ ପକ୍ଷରୁ ୪ ଦଫା ଦାବି ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦୀର୍ଘ ଦୁଇ ବର୍ଷ ଧରି ଜିଲ୍ଲାପାଳ ଓ ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଇକୋ ସେନସିଟିଭ ଜୋନକୁ ଜନବସତିଠାରୁ ଦୂରେଇ ରଖିବା ପାଇଁ ଦାବି କରାଯାଉଛି। ହେଲେ ତାହା କାର୍ଯ୍ୟକାରୀ କରାଯାଉ ନାହିଁ।

୨୦୧୬ ମସିହାରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ଜିଲ୍ଲାର ନୀଳଗିରି, ସୋର, ଔପଦା, ଖଇରା ତହସିଲ ଓ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ତହସିଲର ୨୦୪ଟି ରାଜସ୍ୱ ଗ୍ରାମକୁ ନେଇ କୁଲଡିହା ଅଭୟାରଣ୍ୟ ସୀମାରୁ ୫କିମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ଇକୋ ସେନସିଟିଭ ଜୋନ ଘୋଷଣା କରାଯାଇଥିଲା। ମାତ୍ର ପ୍ରତିବାଦ ହେବାରୁ ଜନବସତିକୁ ବାଦ ଦେଇ ଇକୋ ସେନସିଟିଭ ଜୋନ କରାଯିବାକୁ କେନ୍ଦ୍ର ସରକାର ସଂସଦରେ ପ୍ରତିଶ୍ରୁତି ଦେଇଥିଲେ। ପରେ ୨୦୧୭ ମସିହାରେ କେବେଳ ନୀଳଗିରି ଏନ୍‌ଏସିକୁ ବାଦ ଦେଇ ବାକି ୨୦୪ଟି ଜନବସତି ପୂର୍ଣ୍ଣ ରାଜସ୍ୱ ଗ୍ରାମକୁ ନେଇ ସରକାରୀ ଭାବେ ଇକୋ ସେନସିଟିଭ ଜୋନ ଘୋଷଣା କରିଥିଲେ ଯାହାକୁ ଜନସାଧାରଣରେ ଜଣାଯାଇ ନାହିଁ। ଏହାଛଡା ଇକୋ ସେନସିଟିଭ ଜୋନ ଘୋଷଣା ହେବା ପୂର୍ବରୁ ୨୦୧୧ ମସିହାରେ କୁଲଡିହା ସୀମା ଠିକ ନ ଥିବା ଦର୍ଶାଯାଇ ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଏକ ମକଦ୍ଦମା ବିଚାରଧୀନ ରହିଛି। ହାଇକୋର୍ଟ ୨୦୨୦ ମସିହା ଜାନୁଆରୀ ୬ରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଜଣାଇବା ନିର୍ଦ୍ଦେଶ ଦେଇଥିଲେ ହେଲେ ଏବେ ସୁଦ୍ଧା ତାହା ଜଣାଯାଇ ନାହିଁ। ଏହି ଅଞ୍ଚଳରେ ବସବାସ କରୁଥିବା ଲକ୍ଷାଧିକ ଲୋକେ କ୍ଷତିଗ୍ରସ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ୭୦ଭାଗ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଟନ୍ତି। ୨୦୪ଟି ରାଜସ୍ୱ ଗ୍ରାମ ମଧ୍ୟରେ ୧୮୦ଟି ଅଙ୍ଗନବାଡି କେନ୍ଦ୍ର, ଶହେଟି ପ୍ରାଥମିକ ବିଦ୍ୟାଳୟ, ୩୦ଟି ଉଚ୍ଚ ବିଦ୍ୟାଳୟ, ୩ଟି କଲେଜ, ୫ଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବହୁ ସରକାରୀ ଅନୁଷ୍ଠାନ ରହିଛି। ଏପରିକି ୧୯ ନମ୍ବର ରାଜ୍ୟ ରାଜପଥରେ ଗଛ ନ କାଟି ରାସ୍ତା ମଝିରେ ଗଛଥାଇ ରାସ୍ତା ନିର୍ମାଣ କରାଯାଇଛି ମଧ୍ୟ ଅଭିଯୋଗ କରାଯାଇଛି। ଏଣୁ ଏହି ଅବସରରେ ସେମାନେ ଦାବି କରିଛନ୍ତି ଯେ, ଜନବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର କରାଯିବା ସହ ୨୦୪ଟି ରାଜସ୍ୱ ଗ୍ରାମର ଜନସାଧାରଣଙ୍କୁ ମୁକ୍ତି ପ୍ରଦାନ କରାଯାଉ, ଇକୋ ସେନସିଟିଭ ଜୋନ ଘୋଷଣାର ଆଳ ଦେଖାଇ ଜିଲ୍ଲା ଜଙ୍ଗଲ କର୍ତ୍ତୃପକ୍ଷ ସଳରକାରୀ ଅନୁଦାନରେ ନିର୍ମାଣ ଚାଲିଥିବା ବଡଲଗଡିଆ, ପିଡବୁଡି ରାସ୍ତା ବନ୍ଦ ରଖିବା ଓ ୧୬ନମ୍ବର ରାଜ୍ୟ ରାଜପଥ ପିତାକାଳିଆ ପୋଲ ନିର୍ମାଣ ଅଧାରୁ ବନ୍ଦ ରଖିବା,୧୯ ନମ୍ବର ଜାତୀୟ ରାଜପଥ ଗଛ ନ କାଟି ରାସ୍ତା ନିର୍ମାଣ ଭଳି ଅଧୁରା କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଆଦେଶ ଦିଆଯାଉ। ଏହାର ଅର୍ଥ ବରାଦ ଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ବନ୍ଦ ପାଇଁ ଦେଇଥିବା ପତ୍ରକୁ ଜଙ୍ଗଲ ବିଭାଗ ତୁରନ୍ତ ପ୍ରତ୍ୟାହାର କରିବା ଦାବି କରାଯାଇଥିଲା। ଏହାଛଡା ହାଇକୋର୍ଟ ନିର୍ଦ୍ଦେଶକୁ ପାଳନ କରି କୁଲଡିହା ଅଭୟାରଣ୍ୟର ସୀମା ପୁନଃ ସର୍ଭେ କରିବା ଆଦେଶ ଜିଲ୍ଲାପାଳ ପ୍ରଦାନ କରନ୍ତୁ ଏବଂ ବନ୍ୟ ହିଂସ୍ର ଜନ୍ତୁଙ୍କ ଠାରୁ ଚାଷ ଓ ମଣିଷର ଜୀବନ ରକ୍ଷା ପାଇଁ ସୋଲାର ତାରବାଡ ପାହାଡ ଶେଷ ଭାବେ ନିର୍ମାଣ ବ୍ୟବସ୍ଥା କରାଯାଉ ଆଦି ଦାବି କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ନୀଳଗିରି କୃଷକ ମଞ୍ଚର ସଦସ୍ୟ ରାମଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ଉମାକାନ୍ତ ମଲ୍ଲିକ, ଯୋଗେଶ୍ୱର ବେହେରା, ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, ବିଶ୍ୱଜିତ ବେହେରା, ଗାୟତ୍ରୀ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ପରମାନନ୍ଦ ବାରିକ, ବିକ୍ରମ କେଶରୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଭଗବାନ ନାୟକ, ହରିହର ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଛୁଆଁ ଅଛୁଆଁ ଭେଦଭାବରୁ ପଡ଼ି ରହିଲା ଶବ

● ଅନ୍ତିମ ସଂସ୍କାର କଲେ ହେଲ୍ପ ଫର ୟୁ ଫାଉଣ୍ଡେସନ



ଜଳେଶ୍ୱର ବ୍ଲକ, ୧୫।୧୧ (ସମିସ) : ଅସୁସ୍ଥତା ଯୋଗୁଁ ବିଶ୍ୱନାଥ ଦେହୁରୀଙ୍କ ଦେହାନ୍ତ ଘଟିଲା। ଶବ ଦୁଇ ଦିନ ଧରି ପଡ଼ି ରହିଥିଲା। ପୁଅ ଅମର ଦେହୁରୀ ମୁଖାଗ୍ନି ଦେବା ପାଇଁ ତଥା ଅନ୍ତିମ ସମୟରେ ବାପା ମୁହଁରେ ପାଣି ଟୋପାଏ ଦେବା ପାଇଁ ଆସିଲା ନାହିଁ। ଛୁଆଁ ଅଛୁଆଁ ଭେଦଭାବ ନେଇ ଅଞ୍ଚଳବାସୀ ଅନ୍ତିମ ସଂସ୍କାର କରିବାକୁ ମନା କରି ଦେଇଥିଲେ। କାରଣ ସେ ଅନୁସୁଚିତ ଜାତିର ଥିଲେ। ଏହି ଘଟଣାଟି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସୁଗୋ ପଞ୍ଚାୟତର ଧାନ ସିମିଳିଆ ଗ୍ରାମର। ସେଠାକାର ଅଞ୍ଚଳ ବାସିନ୍ଦା ହେଲ୍ପ ଫର ୟୁ ଫାଉଣ୍ଡେସନକୁ ଅବଗତ କରାଇବା ପରେ ହେଲ୍ପ ଫର ୟୁ ଫାଉଣ୍ଡେସନ ନିଃସ୍ୱାର୍ଥପର ମନୋଭାବ ନେଇ ମହାନତା ଦେଖାଇ ବିଶ୍ୱନାଥ ଦେହୁରୀକୁ କାନ୍ଧ ଦେବା ସହିତ ଅନ୍ତିମ ସଂସ୍କାର କରିଥିଲେ। ଦେହାନ୍ତ ହୋଇଥିବା ବିଶ୍ୱନାଥ ଦେହୁରୀଙ୍କ ଧର୍ମ ପତ୍ନୀ ମାନସିକ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ।

## ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଭୋଗରାଇ,୧୫।୧୧(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଶ୍ରୀକାନ୍ତ ମୋକ୍ଷଦା ଉଚ୍ଚ ସରକାରୀ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ ପଙ୍କଜିନୀ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଗୌରହରି ଦାସ ବୈଜ୍ଞାନିକ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପଳ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫୁଲ୍ଲ ପଙ୍କଜିନୀ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଯୋଗଦେଇ ଛାତ୍ରଛାତ୍ରୀ ବୈଜ୍ଞାନିକ ପ୍ରତିଭାର ମୂଲ୍ୟାୟନ ଓ ଏଭଳି କୁନି ବୈଜ୍ଞାନିକ ପ୍ରଦର୍ଶନୀର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଶିକ୍ଷକ ଅରୁଣ ସେନାପତି ଓ ଗୋବିନ୍ଦ ସିଂ ଅତିଥି ଉପସ୍ଥିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀରେ ବିଦ୍ୟାଳୟ ପକ୍ଷରୁ ୨୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ବରିଷ୍ଠ ବିଚାରକ ଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ରତ୍ନାମଣି ପାତ୍ର ଓ ଶିକ୍ଷକ ପ୍ରଦୀପ ଦାସ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶିକ୍ଷୟିତ୍ରୀ ସାଧନା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଂସ୍କୃତ ଶିକ୍ଷୟିତ୍ରୀ ସ୍ୱାଗତିକା ଦାସ ବେଦପାଠ କରିଥିଲାବେଳେ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍ ଧକ୍କାରେ ଷଣ୍ଢ ଗୁରୁତର

ବସ୍ତା ବ୍ଲକ, ୧୫।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ରେଳଷ୍ଟେସନ ପ୍ଲାଟଫର୍ମ ଶେଷରେ ରେଳ ଧାରଣା ପାରି ହେଉଥିବା ବେଳେ ଟ୍ରେନ ଧକ୍କାରେ ଏକ ଷଣ୍ଢ ଗୁରୁତର ହୋଇଛି। ବସ୍ତା ବଜରଙ୍ଗ ଦଳର କର୍ମୀଙ୍କ ସହାୟତାରେ ଉକ୍ତ ଷଣ୍ଢକୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଇଥିବା ଜଣା ପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଟ୍ରେନ ଷଣ୍ଢକୁ ଧକ୍କା ଦେବା ଫଳରେ ଷଣ୍ଢଟି ଲୁପ୍ ଲାଇନ୍ ପରେ ଥିବା ନୟନ ଜୋରିକୁ ଛିଟିକି ପଡ଼ିଥିଲା। ସକାଳେ ଲୋକେ ଷଣ୍ଢକୁ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇବା ପରେ ଖବର ପାଇ ବସ୍ତା ବଜରଙ୍ଗ ଦଳର କର୍ମୀମାନେ ଘଟଣା ସ୍ଥଳରେ ପହଞ୍ଚି ଷଣ୍ଢକୁ ଉଦ୍ଧାର ପାଇଁ ଅଣ୍ଟା ଭିଡିବା ସହିତ ରେଳବାଇ ପୁଲିସ ଓ କାର୍ଯ୍ୟ କରୁଥିବା ଠିକାଦାରର ସହଯୋଗ ନେଇ ଯୁବକ ମାନେ କାନ୍ଧ ଲଗାଇ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା କରାଇଥିଲେ। ଏହି ଉଦ୍ଧାର କାର୍ଯ୍ୟରେ ବିଜେପି ନେତା କୃଷ୍ଣଚନ୍ଦ୍ର ଦତ୍ତ, ଦେବାଶିଷ କବି, ସ୍ମରଣ ପଣ୍ଡା, ଭବାନୀ ସେନାପତି, ନିହାର ରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ତଥା କଂଗ୍ରେସ ନେତା ସତ୍ୟନରଣ ଗୁପ୍ତାଙ୍କ ସହିତ ଅନେକ ଯୁବକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା।



**ଉଦ୍ଧାର କରି ଚିକିତ୍ସା କରାଇଲେ ବଜରଙ୍ଗ କର୍ମୀ**

## ବିର୍ସାମୁଣ୍ଡା ଜୟନ୍ତୀ ପାଳିତ



ଜଳେଶ୍ୱର ବ୍ଲକ, ୧୫।୧୧ (ସମିସ) : ନଭେମ୍ବର ୧୫ରେ ଆଦିବାସୀ ସମ୍ପ୍ରଦାୟର ଭଗବାନ ବୋଲାଉଥିବା ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ଯାହା ସାରା ଦେଶରେ ଜନଜାତି ଗୌରବ ଦିବସ ରୂପେ ପାଳିତ ହେଉଛି। ଯୁବନେତା ବିପ୍ଳବ ପ୍ରଧାନଙ୍କ ଉଦ୍ୟମରେ ଆଦିବାସୀ ବହୁଳ ଖୁଦିଆ ମାଝିସାହି ପଞ୍ଚାୟତ ଅଧୀନସ୍ଥ ଅଡ଼ିଆସାହି ଛକ ନିକଟରେ ସହିଦ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଚନ୍ଦନ ସାସମଲ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ବିର୍ସା ମୁଣ୍ଡାଙ୍କ ଇତିହାସ ବିଷୟରେ ପ୍ରେରଣାଦାୟୀ ଭାଷଣ ପ୍ରଦାନ କରିଥିଲେ। ସୁଶାନ୍ତ ଘୋଷ, ତରୁଣ ସାହୁ, ଗଣେଶ ସିଂ, ଲକ୍ଷ୍ମଣ ସିଂ, ସନାତନ ସିଂ, ରାମ ସିଂ, ସୁଶାନ୍ତ ସିଂ, ମୋହନ ସିଂ, ଚନ୍ଦନ ସିଂ ପ୍ରମୁଖ ଯୋଗଦାନ କରିଥିଲେ।

## ବିପୁଳ ମଦ ସହ ୫ ବାଇକ୍ ଜବତ, ୪ ଗିରଫ



ବାଲେଶ୍ୱର, ୧୫ ।୧୧ (ସମିସ): ବାଲେଶ୍ୱର ଜିଲ୍ଲାରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ସହରର ପୁରୁଣା ବାଲେଶ୍ୱର ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାରବାର ବୃଦ୍ଧି ପାଉଛି। ଅବକାରୀ ବିଭାଗ ନାମକୁମାତ୍ର ଚଢ଼ଉ କରୁଥିବା ବେଳେ ଏବେ ଘରେ ଘରେ ଏହି ମଦ ପ୍ରସ୍ତୁତ ହେବା ଆରମ୍ଭ ହେଲାଣି। ସିମୁଳିଆ ଓ ସୋର ଅଞ୍ଚଳରେ ନକଲି ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ଚଢ଼ଉ କରି ବ୍ୟାପକ ପରିମାଣର ମଦ ଜବତ କରିବା ସହ ୪ ଜଣ ମଦ ବେପାରୀକୁ ଗିରଫ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ମଦ ବେପାରୀ ଫେରାର ହୋଇଯାଇଛି। ଏହାସହ ଅବକାରୀ ବିଭାଗ ୪ଟି ବାଇକକୁ ଜବତ କରିଥିବାବେଳେ ମଦ ପାଇଁ ଆବଶ୍ୟକ ସମସ୍ତ ଉପକରଣକୁ ମଧ୍ୟ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ହୋଇଥିବା ୪ଜଣ ମଦ ବେପାରୀ ହେଲେ ତେଲିଆପଡା ଅଞ୍ଚଳର ଚନ୍ଦନ କୁମାର ଦାସ(୩୧), ଅଶୋକ କୁମାର ଦାସ(୩୭), ରାଧାକୃଷ୍ଣପୁର ଅଂଚଳର ଭାଗବତ ସିଅଳ(୨୦) ଏବଂ ହାବିଳି ଗଣ୍ଡତରା ଅଞ୍ଚଳର ରଣଜିତା ବିଶ୍ୱାଳ(୩୯)। ତେବେ ସେହି ଅଂଚଳର ଅନ୍ୟ ଜଣେ ମଦ ବେପାରୀ କୃଷ୍ଣଚନ୍ଦ୍ର ବିଶ୍ୱାଳ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ସିମୁଳିଆ ଅଞ୍ଚଳର ଚନ୍ଦନଙ୍କ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଜିଲ୍ଲା ମୋବାଇଲ ଅବକାରୀ ବିଭାଗର ଏକ ଟିମ ଚନ୍ଦନଙ୍କ ଘରେ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଏହି ସମୟରେ ତା ଘରୁ ୭୫୦ଲିଟର ଦେଶୀ ମଦ ସହ ୧୦୨.୭୬୦ଲିଟର ନକଲି ବିଦେଶୀ ମଦ, ଦୁଇ ଶହ ଲିଟର ସ୍ପିରିଟ, ୫ ଲିଟର କାରାମେଲ, ୮୯୫ଟି ନକଲି ଷ୍ଟିକର, ୯୧୫ଟି ନକଲି ଠିପି, ୪୫ଟି ଖାଲି ବୋତଲକୁ ଜବତ କରିଥିବା ୫ଟି ମୋଟରସାଇକେଲକୁ ମଧ୍ୟ ଜବତ କରିଛି। ଜବତ ହୋଇଥିବା ମଦ ଓ ଗାଡିର ଆନୁମାନିକ ମୂଲ୍ୟ ୯ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ଡଗରା ମଦର ଟେରେସା ସେବା ସଂଘ ପକ୍ଷରୁ ଶିଶୁ ମହୋତ୍ସବ




କାଳିପଦା, ୧୫।୧୧ (ସମିସ): ବାଲିଆପାଳ ବ୍ଲକ ଡ଼ଗରାସ୍ଥିତ ମଦର ଟେରେସା ସେବା ସଂଘ ଆନୁକୂଲ୍ୟରେ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ବାଲିଆପାଳର ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ହର ନାରାୟଣ ଦାସ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସମିତି ସଦସ୍ୟ ମନୋଜ କୁମାର ଦାସ, ଶିକ୍ଷାବିତ୍ ମଦନ ମୋହନ ଦେ, ନିତ୍ୟାନନ୍ଦ ଜେନା, ସନ୍ତୋଷ କୁମାର ଖଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସୁଚାରୁରୂପେ ପରିଚାଳନା କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଜୟଦେବ ମହାନ୍ତି, ଉପସଭାପତି ପ୍ରତାପ ଚନ୍ଦ୍ର ଧଳ, ସହ ସମ୍ପାଦକ ଅଜିତ ସେଠୀ, ସଦସ୍ୟ ପରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ



ଚନ୍ଦନେଶ୍ୱର, ୧୫।୧୧(ସମିସ) : ଭୋଗରାଇ ବ୍ଲକ କାଛଭଉଁରୀ ପଞ୍ଚାୟତ ଅନ୍ତର୍ଗତ ରଣସିଂହପୁର ଆଶ୍ରମ ବିଦ୍ୟାଳୟ ପରିସରରେ ମହାନ ଜନନାୟକ, ଜନଜାତିର ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀକୁ ଜନ ଜାତି ଗୌରବ ଦିବସ ରୂପେ ପାଳିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ସଞ୍ଚାଳନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭୋଗରାଇ ମଙ୍ଗଳ ସଂପ୍ରସାରଣ ଅଧିକାରୀ କିର୍ତ୍ତୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅନନ୍ତ ପ୍ରଧାନ, ବିଶିଷ୍ଟ ବକ୍ତା ଭାବେ ଶ୍ରୀହରି ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃତ୍ତିବାସ ସୁର, ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଲୋଚନ ମାଝି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନାଭଡେଶ୍ୱର ମାଝି, କାନ୍‌ଠଭଉଁରୀ ପଞ୍ଚାୟତର ସମିତିସଭ୍ୟ ପ୍ରଦୀପ କୁମାର ଦାସ, ଶ୍ରଦ୍ଧାପୁର ସେବା ସମବାୟ ସମିତିର ସଭାପତି ଗୁଣାକର ମାଝୀ, ସାମ୍ବାଦିକ ରାଧାକାନ୍ତ ପ୍ରଧାନ, ବନମାଳୀ ବେହେରା, ଶିଶିର କୁମାର ପ୍ରଧାନ, ୱାର୍ଡ ମେମ୍ବର ରବୀନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାଳିଚରଣ ଜେନା ପ୍ରମୁଖ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ମହାନ କାର୍ଯ୍ୟକଳାପ ଓ ଜୀବନ ଶୈଳୀ ଉପରେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ଅଭିଭାବକ, ଅଭିଭାବିକା ଓ ସମସ୍ତ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ବେହେରା ବେଦପାଠ ଓ ବାର୍ଷିକ ବିବରଣୀ ପଠନ କରିଥିଲେ। ବକ୍ତୃତା, ଆବୃତ୍ତି, ସୃଜନଶୀଳ ଲିଖନ, ଲୋକନୃତ୍ୟ, ମୁରୁଜ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସମବାୟ ସପ୍ତାହ ପାଳିତ

ଚନ୍ଦନେଶ୍ୱର, ୧୫।୧୧ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ରଦ୍ଧାପୁର ଗ୍ରାମପଞ୍ଚାୟତର ଶ୍ରଦ୍ଧାପୁର ସେବା ସମବାୟ ସମିତିରେ ୭୨ ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି । ସମବାୟ ପତାକାକୁ ସମବାୟ ସମିତିର ସଭାପତି ଗୁଣାକର ମାଝୀ ଉତ୍ତୋଳନ କରିବା ପରେ ପରିଚାଳନା କମିଟିର ସଦସ୍ୟ ଓ ସମବାୟ ପ୍ରେମୀ ମାନେ ଉପସ୍ଥିତ ହୋଇ ସମବାୟ ସଂଗୀତ ପରିବେଷଣ କରିଥିଲେ।

ଏଥିରେ ସମବାୟ ସମିତିର ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ, ବଳରାମ ପାତ୍ର, ଜଗନ୍ନାଥ ପାତ୍ର, ବନମାଳୀ ବେହେରା, ଅଧୀର କୁମାର ଜେନା, ଅଜିତ ପାତ୍ର, ନନୀଗୋପାଳ ମହାନ୍ତି, ଶିବଶଙ୍କର ପ୍ରଧାନ ଓ ଧରଣୀଧର ପ୍ରଧାନ ଉପସ୍ଥିତ ଥିଲେ।

### ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବି

# କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ଧାରଣା

ବାଲିଆପାଳ/ କାଳିପଦା, ୧୫।୧୧ (ସମିସ)




ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ପକ୍ଷରୁ ବାଲିଆପାଳ ବ୍ଲକ ସମ୍ମୁଖରେ ଶନିବାର ଧାରଣା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ବାଲିଆପାଳ ଶାଖା ଆବାହକ ସମାଜସେବୀ ଅଜୟ କୁମାର ସାହୁଙ୍କ ପରିଚାଳନା ଓ କମିଟିର ସଭାପତି ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା ସଭାପତି ଡ. କେଶବ ଚରଣ ପଣ୍ଡା ଯୋଗଦେଇ ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଯେଉଁଠି ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ବାଲେଶ୍ୱରରେ ସରକାରୀ କୃଷି ମହାବିଦ୍ୟାଳୟ ପାଇଁ ସମସ୍ତ ଭିତ୍ତିଭୂମି ଥିବା ବେଳେ ସରକାର କାହିଁକି କୃଷି ମହାବିଦ୍ୟାଳୟ କରିବେ ନାହିଁ ବୋଲି ଯୁକ୍ତି ବାଢିଥିଲେ। ଯେ ପର୍ଯ୍ୟନ୍ତ ସରକାର ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଘୋଷଣା କରି ନାହାଁନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ହରନାରାୟଣ ମତୁଆଳ, କ୍ଷୀତିଶ୍ୱର ଦାସ,ବାର୍ତ୍ତା ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ,ଜିଲ୍ଲା କମିଟି ସଦସ୍ୟ ତଥା ଅବସର ପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ଡ. ବିଜୟ ମିଶ୍ର, ଜଳେଶ୍ୱର ଶାଖା ସଭାପତି ଦିଲ୍ଲୀପ ଗିରି, ଜିଲ୍ଲା କୋଷାଧ୍ୟକ୍ଷ ସମରେଶ ଦିନ୍ଦା, ଭାସ୍କର ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଧାରଣାକୁ ସମର୍ଥନ ଜଣାଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବାଲିଆପାଳ ସୂଚନା ଅଧିକାର ଅଭିଯାନର ସଭାପତି ଅନୁଜ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ପାଞ୍ଚା, ସାମ୍ବାଦିକ ବିରମାଧବ ଦାସ, କାଳୀପଦା ଗଣଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ରାମକୃଷ୍ଣ ଦାସ ଅଧିକାରୀ, କବି ଶଚିନ୍ଦ୍ର ନନ୍ଦୀ, ବାଲିଆପାଳ ଲାୟନ୍ସ କ୍ଲବର ତରୁଣ କୁମାର ମହାପାତ୍ର, ନବୀନ ପାତ୍ର, ଭୁବନ ମୋହନ ପିଳା, ଗୋପାଳ ଚନ୍ଦ୍ର ଜେନା, ଡ. ଗୟାରମ ଗଙ୍ଗାଇ, ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ଚାଷୀ ନେତା ମନ୍ମଥ ପାତ୍ର, ଗୌରହରି ଜେନା, ଅଦ୍ୱୈତ୍ୟ ବାଗ,ସତ୍ୟରଞ୍ଜନ ମଣ୍ଡଳ, ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଘାଯତୀନ ସ୍ମୃତି ପରିଷଦର କ୍ଷିତିଶ କୁମାର ଜେନା ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ସିଆଇଟିୟୁର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ



ବାଲେଶ୍ୱର,୧୫।୧୧(ସମିସ): ବାଲେଶ୍ୱର ଜିଲ୍ଲାର ସିଆଇଟିୟୁର ପନ୍ଦର ତମ ଜିଲ୍ଲା ସମ୍ମିଳନୀ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀକୁ ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଉଦଘାଟନ କରିଥିଲେ। କୃଷକ ସଭାର ରାଜ୍ୟ ସଭାପତି ସିତାଂଶୁ ସେନାପତି ଓ କ୍ଷେତ ମଜଦୁର ୟୁନିଅନର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ, ନବନିର୍ବାଚିତ ଉପସଭାପତି ଶିଶିର ହୁଇ ଉପସ୍ଥିତ ରହି ଶ୍ରମିକ ବିରୋଧି ଡବଲ ଇଞ୍ଜିନ ସରକାର ବିରୋଧରେ ଆଲୋଚନା କରିଥିଲେ। ଚଳିତ ବର୍ଷରୁ ସିଆଇଟିୟୁର କାର୍ଯ୍ୟଦକ୍ଷତା ବୃଦ୍ଧି ହେତୁ ଜିଲ୍ଲା କମିଟିରେ ପରିଣତ ହୋଇଛି। ଆଜି ସତୁରି ଜଣ ପ୍ରତିନିଧିଙ୍କୁ ନେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂତନ କମିଟି ପନ୍ଦର ଜଣ ସଭ୍ୟଙ୍କୁ ନେଇ ଗଠିତ ହୋଇଛି। ନୂତନ ଜିଲ୍ଲା କମିଟି ରେ ସାଥୀ ରାଜକିଶୋର ଲେଙ୍କା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାଥୀ ବିଜୟ କୁମାର ପାତ୍ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରତନ ଦାସ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମୃତ୍ୟୁଞ୍ଜୟ ରାଉତ, ସୁଶାନ୍ତ ନାୟକ, ଅସିତ୍ ବରଣ ଦାସ, ସମେତ ଇସାନି ଷଡଙ୍ଗୀ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିତ୍ୟାନନ୍ଦ ଜେନା, ରଜତ ବେହେରା, ପୂର୍ଣ୍ଣିମା ବେହେରାଙ୍କ ସମେତ ସୁଶାନ୍ତ ସାହୁ ଓ ସୁଶାନ୍ତ ଜେନା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ଫାଇନାନ୍ସ କର୍ମଚାରୀଙ୍କଠୁ ଟଙ୍କା ଲୁଟ୍ ଘଟଣା

# ଲୁଟେରା ଗିରଫ, ଟଙ୍କା ସହ ତେଲଙ୍ଗା କଟୁରି ଜବତ

ବାଲେଶ୍ୱର, ୧୫ ।୧୧(ସମିସ)



ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କୁ ସହଦେବଖୁଂଟା ଥାନା ଅର୍ନ୍ତଗତ କଣ୍ଟାବଣିଆ ଗାଁର ପାସା ଛକ ଠାରେ ତିନି ଜଣ ଲୁଟେରା ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ୮୮ହଜାର ଟଙ୍କା ଲୁଟ କରି ଫେରାର ହୋଇଯାଇଥିଲେ। ସହଦେବଖୁଂଟା ପୁଲିସ ଆଜି ଏହି ଲୁଟେରାଙ୍କ ମଧ୍ୟରୁ ଜଣକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ତାଠାରୁ ୩୦ହଜାର ଟଙ୍କା ଓ ଗୋଟିଏ ତେଲେଙ୍ଗା କଟୁରୀ ଜବତ କରିଥିବା ସହଦେବଖୁଣ୍ଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସପି ନିର୍ମଳା ଗୋଛାୟତ ସୂଚନା ଦେଇଛନ୍ତି। ଗିରଫ ହୋଇଥିବା ଲୁଟେରା ଜଣକ ହେଉଛି ସହଦେବଖୁଣ୍ଟା ଥାନା ଅର୍ନ୍ତଗତ କଂଟାବଣିଆ ଗ୍ରାମର ମୋହନ ଦାସ(୨୫)। ଆରବିଏଲ ଫିନସରଭର ଲିମିଟେଡ ନାମକ ଏକ କମ୍ପାନୀରେ ଭୋଗରାଇ ଥାନା ଅର୍ନ୍ତଗତ ଖୁମ୍ବିରାଗଡି ଅଂଚଳର ଗଙ୍ଗାଧର ସାହୁ(୨୯) କାର୍ଯ୍ୟ କରନ୍ତି। ସେ ଗତ ୫ତାରିଖ ସକାଳେ କଂଟାବଣିଆ ଗାଁକୁ ଗ୍ରୁପ ଟଙ୍କା ଆଦାୟ କରିବାକୁ ଯାଇଥିଲେ। ସେଠାରେ ସେ ଗୋଟିଏ ସେଂଟରରୁ ୪୪ହଜାର ୧୨୪ଟଙ୍କା ଆଦାୟ କରିଥିବା ବେଳେ ଅନ୍ୟ ଏକ ସେଂଟରୁ ସେ ୪୪ହଜାର ୪ଶହ ଟଙ୍କା କଲେକସନ କରି ଦହପଡା ପେଟ୍ରୋଲ ଟାଙ୍କିରେ ପହଁଚିବା ସମୟରେ ତିନି ଜଣ ଅଜଣା ଯୁବକ ମୁହଁରେ କପଡା ଗୁଡାଇ ଗୋଟିଏ ବାଇକ ଯୋଗେ ଆସି ଅଟକାଇବା ପରେ ତାଙ୍କୁ ଏକ ଧାରୁଆ ଅସ୍ତ୍ର ଦେଖାଇ ଜୋର ଜବରଦସ୍ତ ତାଙ୍କଠାରେ ଥିବା ୮୮ହଜାର ୫୨୪ଟଙ୍କା ଲୁଟ କରି ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ନେଇ ସେ ଗତ ୮ତାରିଖ ଦିନ ଥାନାରେ ଲିଖିତ ଭାବେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଟିମ ଗଠନ ଗଠନ କରାଯାଇ ଏହି ଛିନ୍ତାଇ ଘଟଣାରେ ସାମିଲ ଥିବା ତିନି ଜଣଙ୍କ ମଧ୍ୟରୁ ମୋହନକୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇଜଣକୁ ଶିଘ୍ର ଧରାଯିବ ବୋଲି କହିଛନ୍ତି। ଗିରଫ ମୋହନ ନାମରେ ମଧ୍ୟ ପୂର୍ବରୁ ସହଦେବଖୁଂଟା ଥାନାରେ ୮ଟି ବିଭିନ୍ନ ଡକାୟତି ଓ ଛିନତାଇ ମାମଲା ମଧ୍ୟ ରହିଛି ବୋଲି ସିଟି ଡିଏସପି କହିଛନ୍ତି। ଏହି ସମୟରେ ସହଦେବଖୁଂଟା ଥାନା ଅଧିକାରୀ ବିରଂଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଶିଶୁ ଦିବସ ଓ ପ୍ରତିଭା ସମ୍ମାନ

ବାଲେଶ୍ୱର,୧୫ ।୧୧(ସମିସ): ପବିତ୍ର ଶିଶୁଦିବସ ଅବସରରେ ଇଡ଼ିଦାସ୍ଥିତ ଗୋଲକ ନାରାୟଣ ବନଦୁର୍ଗା ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଓ ପ୍ରତିଭା ସମ୍ମାନ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ମିନତୀ ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଜବାହରଲାଲଙ୍କ ଜନ୍ମଦିବସକୁ ଶିଶୁଦିବସ ପାଳନର ମହାତ୍ମ୍ୟ ସମ୍ପର୍କରେ ଛାତ୍ର ଅଂଶୁମାନ ପଡ଼ିଆରୀ, ହୃଷିକେଶ ନାୟକ, ଚିନ୍ମୟ କର, ଦିବ୍ୟଲିସା ରଣା ଆଲୋଚନା କରିଥିଲେ। ପୁରାତନ ଛାତ୍ରସଂସଦ ପକ୍ଷରୁ ସଭାପତି ଶଚୀନ୍ଦ୍ର ଦାସ, ସାଧାରଣ ସମ୍ପାଦକ



ରତିନ୍ଦ୍ର ପରିଡ଼ା,ପୂର୍ବତନ ପ୍ରଧାନଶିକ୍ଷକ ପର୍ଶୁରାମ ଦେ,ବିଦ୍ୟାଧର ପରିଡ଼ା, ମୁଖ୍ୟ ଅତିଥି ବିରେନ୍ଦ୍ର ନାରାୟଣ ପ୍ରହରାଜ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଜୟ ଦାଶ ସମସ୍ତ ମାନପତ୍ର ପାଠ କରିଥିବାବେଳେ ପୂର୍ବତନ ଛାତ୍ର ଗୌରୀଶଙ୍କର ଦତ୍ତ, କୈଳାସ ସାହୁ, ସନ୍ଦୀପ ଦାସ, ସତ୍ୟନାରାୟଣ ଦାସଙ୍କ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୁନ୍ଦର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ସଂଗୀତ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ସ୍କୁଲର ଶିକ୍ଷକମାନେ ପୁରସ୍କାର ବିତରଣ କରିଥିଲେ।

# ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲରେ ନେହରୁ ଜୟନ୍ତୀ




ବାଲେଶ୍ୱର,୧୫ ।୧୧(ସମିସ): ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନ ପାଳନ ଅବସରରେ ସ୍କୁଲର ଶିକ୍ଷକ ଶିକ୍ଷିକାଙ୍କ ତତ୍ୱାବଧାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ମୋବାଇଲ ଭୂତ' ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି ନାଟ୍ୟକାର ଶ୍ରୀଦେବ ଜବାହରଲାଲଙ୍କ ଉଚ୍ଚଶିକ୍ଷା ସାଙ୍ଗକୁ ବିଶାଳ ଭାରତବର୍ଷ ଗଠନର ଉଚ୍ଚାକାଂକ୍ଷା କିଭଳି ଆମ ଦେଶ ପୃଥିବୀର କୋଣ ଅନୁକୋଣରେ ଚର୍ଚ୍ଚାର ଶୀର୍ଷ ସ୍ଥାନରେ ପହଞ୍ଚାଇ ପାରିଛି ବୋଲି କହିଥିଲେ। ଅତିଥି ଭାବେ ବିଶିଷ୍ଟ ଗାୟିକା ରଶ୍ମିରେଖା ନିଜ ମତ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସରୋଜିନୀ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ,ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ମୋନାଲିସା ପଣ୍ଡା, ଜି ସାହିନ, ସସ୍ମିତା ଆଚାର୍ଯ୍ୟ, ପ୍ରଣିତା ଅଗସ୍ତି,ଏଚଏଚ ଶ୍ରୀରାମ, ସୁବଳ କୁମାର ଦାସ,ନାହିଦ ସୁଲତାନା,ଅଜୟ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ବେହେରା,ଆଫ୍ରିନ କାର୍ଦ୍ରୀ, ପ୍ରିୟଙ୍କା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରୋଜେକ୍ଟ ସହଯୋଗରେ ଲାଗିଲା ସିସିଟିଭି

ବାଲେଶ୍ୱର,୧୫ ।୧୧(ସମିସ): ବାଲେଶ୍ୱର ପୁଲିସ ଆରମ୍ଭ କରିଥିବା 'ପ୍ରୋଜେକ୍ଟ ସହଯୋଗ' ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧିଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକମାନଙ୍କରେ ଲଗାଯାଉଛି ସିସିଟିଭି କ୍ୟାମେରା। ଏହି କ୍ରମରେ ଆଜି ସହରର ଜଉ କଣ୍ଟେଇ ଛକ, ବଙ୍କାଖଜୁରୀ ଛକରେ ସିସିଟିଭି କ୍ୟାମେରା ଉଦଘାଟନ କରାଯାଇଛି।



ପୂର୍ବାଞ୍ଚଳ ଡିଆଇଜି ପିନାକି ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ୟବସ୍ଥାକୁ ଡିଆଇଜି ଉଦଘାଟନ କରିବା ସହିତ 'ପ୍ରୋଜେକ୍ଟ ସହଯୋଗ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଉଡ ଫଣ୍ଡିଂ ଜରିଆରେ ବାଲେଶ୍ୱର ସହରର ସାଧାରଣ ଜନତାଙ୍କ ଦ୍ୱାରା ମିଳିତଭାବେ କିଛି କିଛି ଛକମାନଙ୍କରେ ସିସିଟିଭି ଲଗାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଥିଲେ। ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡ ଓ କଂଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଆଡ଼ିସିନାଲ ଏସପି ଦିବ୍ୟଜ୍ୟୋତି ଦାସ,ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ, ସହଦେବଖୁଂଟା ଥାନା ଅଧିକାରୀ ବିରଞ୍ଚି ସାହୁ ପ୍ରମୁଖଙ୍କ ସହ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସାହିତ୍ୟିକ ପ୍ରହଲ୍ଲାଦ ମହାନ୍ତିଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୫ ।୧୧(ସମିସ): ଶିକ୍ଷାବିତ,ଗବେଷକ, ସାହିତ୍ୟିକ ତଥା 'ମନା'ର ବରିଷ୍ଠ ଉପଦେଷ୍ଟା ଡ ପ୍ରହ୍ଲାଦ ମହାନ୍ତିଙ୍କ ବିୟୋଗରେ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, କଲ୍ୟାଣୀ ନନ୍ଦ,ବେଣୁଧର ସାହୁ, ଭାରତୀ ପଣ୍ଡା ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁବିଧ କୃତି ଉପରେ ଆଲୋକପାତ କରିଥିଲେ। ସମ୍ପାଦିକା ଗୀତାଞ୍ଜଳି ସିଂହ ଆସନ୍ତା ନଭେମ୍ବର୨୩ତାରିଖ ଦିନ ପ୍ରତିବର୍ଷଭଳି ଚଳିତବର୍ଷ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିବସ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଉକ୍ତଦିନ ଅପରାହ୍ନ ୩ଟା ବେଳେ ମଠସାହି ସ୍ଥିତ ମିରାମ୍ବିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଓଡ଼ିଶା ଲେଖିକା ସଂସଦ,ବାଲେଶ୍ୱର ଶାଖା ପକ୍ଷରୁ ଏକ ଶୋକସଭା ସ୍ଥାନୀୟ ବିଶ୍ୱଶ୍ରୀ ପ୍ରେସ ସଭାଗାରରେ ଆୟୋଜିତ ହୋଇଥିଲା। ପ୍ରତିମା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ପ୍ରହ୍ଲାଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଲେଖିକା ସଂସଦର ଆବାହିକା ଡ. ସିନ୍ଧୁସେନ ଓ କବୀ ମନସ୍ୱିନୀ ଦେବୀ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ, ଯାହାକୁ ଉପସ୍ଥିତ ଲେଖିକାମାନେ ଅନୁମୋଦନ କରିଥିଲେ। ଅନିତା ରଥ, ସୁନାମଣି ଜେନା, ଗୀତାଞ୍ଜଳି ଶତପଥୀ ଡ. ପ୍ରହ୍ଲାଦ ମହାନ୍ତିଙ୍କ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆବାହିକା କବୀ ମନସ୍ୱିନୀ ଦେବୀ ଓ ସୌଭାଗିନୀ ମିଶ୍ର ଦିବଂଗତ ପ୍ରହ୍ଲାଦ ମହାନ୍ତିଙ୍କ ଉଦ୍ଦେଶ୍ୟରେ କବିତାପାଠ କରି ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ। ଗୀତାଞ୍ଜଳି ଶତପଥୀ ଧନ୍ୟବାଦ ଦେଇଥିଲେ।

# ଯୌତୁକ ନିଷେଧ ଅଧିନିୟମ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର,୧୫।୧୧(ସମିସ): ସମାଜରେ ଯୌତୁକ ନିର୍ଯାତନାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ୍ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଭିଯୋଗ ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀମାନଙ୍କ ସୁରକ୍ଷା ଓ ନିରାପଦ ଜୀବନଯାପନ ପାଇଁ ସରକାର ନେଉଥିବା ପଦକ୍ଷେପ ବିଷୟରେ ତାଲିମ୍ ଦିଆଯାଇଛି। ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳସୁଧାକର ନାଏକ ଅଧ୍ୟକ୍ଷତା କରି ନାରୀ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ମଧ୍ୟରେ 'ଯୌତୁକ ନିଷେଧ ଅଧିନିୟମ-୧୯୬୧' ସମ୍ପର୍କରେ ଆଲୋକପାତ କରିଥିଲେ। ଉପ-ଆରକ୍ଷୀ ଅଧିକ୍ଷକ ଅନିତା ମଙ୍ଗରାଜ ସଂଶୋଧନ ବିଶେଷଜ୍ଞ ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏଲଏସ୍ଏର କର୍ମକର୍ତ୍ତା, ଆଇସିଡିଏସ୍ ଅଧିକାରୀ ସ୍ୱପ୍ନା ପ୍ରହରାଜ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ, ପଞ୍ଚାୟତ ଏକ୍ଜିକ୍ୟୁଟିଭ ଅଫିସର, ସଖୀ ଓଏସସି କର୍ମଚାରୀ, ଶକ୍ତି ସଦନ କର୍ମଚାରୀ, ଡିଏଚ୍ଇଡବ୍ଲ୍ୟୁର ସମସ୍ତ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ବାଲେଶ୍ୱର,୧୫।୧୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଟାଉନ୍ ହାଇସ୍କୁଲ୍ ପରିସରରେ ଶିଶୁ ଦିବସ ପାଳିତ ଅବସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମନ୍ ଜେନା ସଭାପତିତ୍ୱ କରି ଶିଶୁ ମାନଙ୍କର ଅଧିକାରର ସୁରକ୍ଷା କରିବା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଆଇନ୍ ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ୍ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଧର୍ମିକା ତୁଳସୀ ରଣା, ଡେଲିନା ବେହେରା ଏବଂ ବିଦୁସ୍ମିତା ତରେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦେବାଶିଷ ମହାରଣା, ସୁମିତା ତରେଇ ଏବଂ ଅଶ୍?ିନୀ ବିନ୍ଧାଣୀ ଦ୍ୱିତୀୟ ସ୍ଥାନ ଏବଂ ସତ୍ୟଜିତ କୁଣ୍ଡୁ ଏବଂ ସୌମ୍ୟ ରଂଜନ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ପୁରସ୍କୃତ କରିଥିଲେ।

# ମା' ଦ୍ୱାରଶୁଣି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୧୫।୧୧(ସମିସ): ସଦର ବ୍ଲକ ଅଧିନ ନଗ୍ରମ ଫୁଲାଡ଼ି ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ମା' ଦ୍ୱାରଶୁଣି ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨୨ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଆଞ୍ଚଳିକ ବାଣିଜ୍ୟ ସହଯୋଗ ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ସର୍ବେଶ୍ୱର ମହାନ୍ତି ଉଦଘାଟକ ଭାବେ ଯୋଗ ଦେଇ ଏହି ଦୁଇ ଦିନିଆ ଟୁର୍ଣ୍ଣାମେଣ୍ଟକୁ ଉଦଘାଟିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଛନ୍ତି।। ସମ୍ମାନିତ ଅତିଥି ଭାବେ ନଗ୍ରମ ସେବା ସମବାୟ ସମିତିର ଉପ ସଭାପତି ଝୁନୁମଣି ନାୟକ, କମିଟିର ଉପଦେଷ୍ଟା ଶଙ୍କର୍ଷଣ ହେମ୍ବ୍ରମ, ଶ୍ରୀମତ ସରେନ, ଭଗବାନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଭାପତି ମେଘରାୟ ହାଁସଦା, ସାଧାରଣ ସମ୍ପାଦକ କଙ୍କା ସରେନ, ଉପ ସଭାପତି ସିଂରାୟ ହେମ୍ବ୍ରମ, ସହ ସମ୍ପାଦକ ସାନା ମାରାଣ୍ଡି, ଯୁଗ୍ମ ସମ୍ପାଦକ କାଳିକିଙ୍କର ସିଂ, ବିଜୟ ହେମ୍ବ୍ରମ, ଲାଖା ହେମ୍ବ୍ରମ, ରାମ ଚନ୍ଦ୍ର ମାରାଣ୍ଡି, କାଳିଆ ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ। ଉଦଘାଟନୀ ମ୍ୟାଚ ନୀଳଗିରି ଫୁଟବଲ କ୍ଲବ ଏବଂ ରୂପସା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩-୦ ଗୋଲରେ ନୀଳଗିରି ବିଜୟୀ ହୋଇଛି।

# ରେମୁଣା ଡିଗ୍ରୀ ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା ଶିବିର

ବାଲେଶ୍ୱର,୧୫ ।୧୧(ସମିସ): ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ବାଲେଶ୍ୱର ଓ ରେମୁଣା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ନିଶାବିରୋଧୀ ସଚେତନତା ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ସୁବ୍ରତ କର, 'ମନା'ର ଉପସଭାପତି ତଥା ଜିଲ୍ଲା ସଚେତନତା କାର୍ଯ୍ୟକ୍ରମର ସଂଯୋଜକ କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ମାଳତୀ ସାମଲ ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଅପକାରିତା ବିଷୟରେ ବୁଝାଇବା ସହିତ ସଚେତନତା ସୃଷ୍ଟି କରିବା ଦିଗରେ 'ମନା'ର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ନିଶା ବିରୋଧୀ ବକ୍ତୃତା ଦେଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଆଦିତ୍ୟ ନାରାୟଣ ଭୁକ୍ତ ଓ ମୋନାଲିସା ମଲ୍ଲିକଙ୍କୁ ସଂଗଠନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ରିନୁ ଲିପସା ପଣ୍ଡା ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏନଏସଏସ ଅଫିସର ଅଧ୍ୟାପିକା ରଶ୍ମିତା ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଆଥ୍‌ଲେଟିକ୍ସ, ସଫ୍ଟବଲ୍ ଓ ବେସ୍‌ବଲ୍ ପ୍ରତିଯୋଗିତା


ବାଲେଶ୍ୱର,୧୫।୧୧(ସମିସ)




ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ ଆଥଲେଟିକ୍ସ, ସଫ୍ଟବଲ ଓ ବେସବଲ ପ୍ରତିଯୋଗିତାର ଉଦଯାପନ ଉତ୍ସବ ଆଜି ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥଲେ। ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବରେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ବାଲେଶ୍ୱର କ୍ରୀଡ଼ା ସଙ୍ଗଠନର ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, ସଦର ବିଇଓ ଯଜ୍ଞେଶ୍ୱର ଜେନା, ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଅଧିକାରୀ ନିରଞ୍ଜନ ଶତପଥୀ ସଭା କାର୍ଯ୍ୟକୁ ସଂଯୋଜନା କରିଥଲେ। ବାଲେଶ୍ୱର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡ଼ାଇ ଧନ୍ୟବାଦ ଦେଇଥିଲେ। କନଭେଣ୍ଟ ସ୍କୁଲର ଛାତ୍ରଛାତ୍ରୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥଲେ। ଶେଷରେ ମୁଖ୍ୟଅତିଥି କ୍ରୀଡ଼ା ପତାକା ଅବତଳନ କରି କ୍ରୀଡ଼ା ପରିସମାପ୍ତିର ଘୋଷଣା କରିଥଲେ। ପ୍ରତିଯୋଗିତାରେ ସଫ୍ଟବଲ ୧୭ ବର୍ଷରୁ କମ୍ ବାଳକ ଚମ୍ପିୟାନ ଭୁବନେଶ୍ୱର ଏବଂ ରନର୍ସଅପ୍ ରାୟଗଡ଼ା ହୋଇଥିବା ବେଳେ ସଫ୍ଟବଲ ୧୭ବର୍ଷରୁ କମ୍ ବାଳିକା ଚମ୍ପିୟାନ ଭୁବନେଶ୍ୱର ଏବଂ ରନର୍ସଅପ୍- ରାୟଗଡ଼ା ହୋଇଛି। ବେସବଲ ୧୭ବର୍ଷରୁ କମ୍ ବାଳକ ଚାମ୍ପିଅନ ଭୁବନେଶ୍ୱର ଏବଂ ରନର୍ସଅପ୍- କେନ୍ଦ୍ରାପଡ଼ା। ବେସବଲ ୧୭ ବର୍ଷରୁ କମ୍ ବାଳିକା ଚାମ୍ପିଅନ ଭୁବନେଶ୍ୱର ଓ ରନର୍ସଅପ୍ ରାୟଗଡ଼ା। ଏଥେଲେଟିକ ଏକକ ଚମ୍ପିୟାନ ୧୭ବର୍ଷରୁକମ୍ ବାଳକ ନବରଙ୍ଗପୁର, ବାଳିକାରେ ଭୁବନେଶ୍ୱର। ୧୪ ବର୍ଷରୁ କମ୍ ବାଳକ ନବରଙ୍ଗପୁର ଏବଂ ବାଳିକା ଭୁବନେଶ୍ୱର ହୋଇଛି।

# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

ବାଲେଶ୍ୱର/ ନୀଳଗିରି , ୧୫ ।୧୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହି ଜନଜାତୀୟ ଗୌରବ ଦିବସକୁ ପ୍ରଧାନମନ୍ତ୍ରୀ ଗୁଜରାଟ ଠାରେ ଉଦଘାଟନ କରିଥିଲେ। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ସ୍ତରରେ ନୀଳଗିରି ସ୍ଥିତ



ଇଣ୍ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ଅନ୍ୟତମ ଅତିଥି ଭାବେ ନୀଳଗିରି ପୌରପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ,ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ତହସିଲଦାର ସୋନମ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଜନଜାତୀୟ ବର୍ଗର ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଦୁଇଟି ମିନିଗପ



# ମାଛି



ପୀତାମ୍ବର ତରାଇ

ଗୋଧୂଳି ବେଳ। ତଥାପି ପିଲାମାନଙ୍କ ଖେଳ ସରୁନି। ପିଲାଙ୍କ ଅଜ୍ଞାତରେ ଦୁଇଟି ମାଛି ନିଜ ଭିତରେ ଗପସପ ହୋଇ ସେହି ଛୋଟ ବଗିଚା ଭିତରେ ଗଣଗଣ ହୋଇ ଉଡ଼ି ବୁଲୁଥିଲାବେଳେ ଜଣେ ପିଲାର ନଜର ପଡ଼ିଯିବାରୁ ସେ ଦୁଇଟି ମାଛିକୁ ନିରୀକ୍ଷଣ କଲା। ପିଲାଟି ଅନୁଭବ କଲା ଦୁଇଟି ମାଛି ଭିତରେ ବନ୍ଧୁତ୍ୱ ନିବିଡ଼, ଅଭିନ୍ନ। କିଛି ସମୟ ପରେ ଗୋଟେ ମାଛି ଗୋଟେ ଫୁଲ ଉପରେ ବସି ସୁରଭି ଆଘ୍ରାଣ କରୁଥିବା ବେଳେ ଆର ମାଛିଟି ବଗିଚା କୋଣରେ ଥିବା ଅପରିଷ୍କାର ସ୍ଥାନରେ ବସି ଦୁର୍ଗନ୍ଧ ଗ୍ରହଣରେ ମଗ୍ନ ଅଛି।

ପିଲାଟି ଭାବିଲା,ଏ କି ବ୍ୟବସ୍ଥା। ଗୋଟେ ମାଛି ଫୁଲ ବାସକୁ ଆଦର କରୁଥିବା ବେଳେ ଆଉ ଗୋଟେ ମାଛି ଅପରିଷ୍କାର ସ୍ଥାନରେ ଦୁର୍ଗନ୍ଧକୁ ନେଇ ସୁଖ ପାଉଛି। ପିଲାଟି ନିଜକୁ ବୁଝାଇ ପାରୁ ନଥାଏ।

ସନ୍ଧ୍ୟା ବେଳ। ଜଣେ ସାଧୁ ବଗିଚା ଭିତରକୁ ପ୍ରବେଶ କରିବା ମାତ୍ରେ ପିଲାଟି ପଚାରିଲା, "ହେ ସାଧୁ ମହାଶୟ! ମାଛି ଦୁଇଟି ଦେଖିବାକୁ ଏକାପରି। କିନ୍ତୁ ଗୋଟିଏ ମାଛି ଫୁଲ ଉପରେ ତ ଆଉ ଗୋଟିଏ ମାଛି ଅପରିଷ୍କାର ଜାଗାରେ ବସିବାକୁ ଭଲ ପାଉଛି। ଏହା ଅର୍ଥ ବୁଝାଇ ଦିଅନ୍ତୁ।"

ସାଧୁ କହିଲେ, "ଶୁଣ ବତ୍ସ! ଦୁଇଟି ମାଛି ଦେଖିବାକୁ ସିନା ଏକାପରି, କିନ୍ତୁ ଯାହାର ସ୍ୱଭାବ ଯେପରି ସେ ବଞ୍ଚିବ ସେପରି। ନିକୃଷ୍ଟ ବ୍ୟକ୍ତିର ରୁଚି ସହ ଉତ୍କୃଷ୍ଟ ବ୍ୟକ୍ତିର ରୁଚି ସମାନ ହେବ କେମିତି? ଠିକ୍ ଏହିପରି ଦୁଇଟି ମାଛିଙ୍କ ଚରିତ୍ର।"

ସାଧୁଙ୍କ ମଧୁର ବଚନ ଶୁଣି ପିଲାଟି ମାଛି ଦୁଇଟିକୁ ଖୋଜିଲା ବେଳକୁ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ। ■

# ଧର୍ମ ବିଚାର



ଯମରାଜାଙ୍କ ଦରବାର ବସିଥାଏ। ଦୁଇ ଜଣଙ୍କ ବିଚାର ଚାଲିଥାଏ। ଜଣେ ଦେହଜୀବୀ ଓ ଆଉ ଜଣେ ବେଇମାନ। ସମସ୍ତ ବିଚାର ପ୍ରକ୍ରିୟା ସାରି ଯମରାଜ ନ୍ୟାୟ ଘୋଷଣା କଲେ, ଦେହଜୀବୀ ମାତ୍ର ମାସେ ରଡ଼ ନିଆଁରେ ଚାଲିବ, କିନ୍ତୁ ବେଇମାନ ତତଲା ତେଲ କଡ଼େଇରେ ଚାରି ମାସ ଛଣା ହେବ।

ଏ ପ୍ରକାର ନ୍ୟାୟ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ମନକୁ ସନ୍ତୁଷ୍ଟ କରି ପାରିଲା ନାହିଁ। ପଚାରିଲେ, "ହେ ଧର୍ମରାଜ! ଦେହଜୀବୀକୁ ଦଣ୍ଡ କମ୍, ବେଇମାନକୁ ଅଧିକ ଦଣ୍ଡ, ନ୍ୟାୟଟା ଅସଙ୍ଗତି ଲାଗୁଛି।"

ଯମରାଜ କହିଲେ, "ପେଟଭୋକ ପାଇଁ ବିଚରା ମହିଳା ନିରୁପାୟ ହୋଇ ଦେହକୁ ବିକ୍ରି କଲା ଓ ଗ୍ରାହକର କାମନା ନିଆଁକୁ ନିର୍ବାପିତ କଲା। କିନ୍ତୁ ବେଇମାନ ବିଶ୍ୱାସରେ ବିଷ ଦେଇଥିବାରୁ ଧର୍ମ ବିଚାରରେ ଦେହଜୀବୀଠୁ ବେଇମାନ ବଡ଼ ଅପରାଧୀ।

ମନ୍ତ୍ରୀ ଚିତ୍ରଗୁପ୍ତ ବିଚାର ଦସ୍ତାବିଜରେ ଉଲ୍ଲେଖ କଲେ ବରଂ ଦେହଜୀବୀକୁ ଛାଡ଼ ଅଛି। କିନ୍ତୁ ବେଇମାନକୁ ଧର୍ମ ଦୁଆରେ ଛାଡ଼ ନାହିଁ। ■

ମୋ: ୯୪୩୭୧୬୩୪୨୧

# କ୍ଷଣ କ୍ଷଣକେ ଆନ



ଜୟନ୍ତୀ ରଥ

ବୋଉ ମୁଁ ଆଜି ନନ୍ଦୀନାଗରୀ ଲିପି ଶିଖିଲି
ନଣ୍ଡା ବାଗୁଲି ଖାଉଚୁ
ହଉ ଖାଆ, ଖାଆ
ଭଲ ହଜମ ହେବ।
ନା- ବୋଉକୁ ଶୁଭୁ ନାହିଁ
ତାକୁ କିଛି ବୁଝାଇ
କହି ହେବନି।
ଆଉ, ସେ ଯାହା
ନିଜ ଆଡୁ କହୁଚି କହୁ...

ଦିଅଁ ପୂଜିବାକୁ
ରାତି ଚାରିଟାରେ ଉଠି
ଗାଧୋଉଥିଲା
ଏବେ ଅପରାହ୍ନ ସାଢ଼େ ପାଞ୍ଚ
କହୁଚି, କେତେ ଡେରି ହେଲାଣି
ମୋତେ ଉଠେଇ ଦେଲନି ଟିକେ
ନିଆଁ ଲଗା ନିଦଟା
ଅବେଳରେ ଆସୁଚି
ଆଉ ସମସ୍ତେ ଶୋଇଲାବେଳେ
ପତା ପଡୁନି ଆଖିର

ଭାସ୍କର ବେଲପତ୍ର ଆଣିଚି?
ତାକୁ କହିଥିଲି
ସବୁ ସଂକ୍ରାନ୍ତିରେ ହୋମ ହେବ
ବୋହୂ ମାଆ ଏକୁଟିଆ
ପାରିବନି।
ତୁ ଆସି ଯୋଗାଡ଼ି ଦେବୁ
ଏବେ ସବୁ କଥାକୁ
ଗାଳଉଚି –
ପରା ଟୋକାଟା।

ଓହୋ ବୋଉ।
ସବୁ ପୂଜା ଠିକ୍‌ଠାକ୍ ଚାଲିଚି
ତୁ ଜମ୍ମା ବ୍ୟସ୍ତ ହ'ନା
ବୋଉ ଉଦାସ ହୋଇ
କହୁଚି
ବ୍ୟସ୍ତ ହୋଇ
କ'ଣ କରିବି
ମୁଁ ତ ମଲାଗଲା
ହୋଇ ପଡ଼ିଚି
ଜ୍ୱାଇଁଙ୍କ ପାଇଁ
ମିଠା ଦହି ଅଛି
ଫ୍ରିଜ୍‌ରେ
ଗଲାବେଳେ ମନେ କରି
ନେଇଯିବୁ

ମୁଁ ବୁଝି ଗଲି
କ୍ଷଣ କ୍ଷଣକେ ଆନ
ଏବେ ବୋଉର ପୃଥିବୀ...
ଦିନେ ମୋର ବି
ଏଇ ଦଶା ହେବ। ■

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

# ମରୁଥାଏ ବାରମ୍ବାର



ଚିତ୍ତରଞ୍ଜନ ମିଶ୍ର

ସେଦିନ କାଶ୍ମୀର ଘାଟିରେ
ମରିଥିଲି ଗୁଳି ଖାଇ ଆତଙ୍କବାଦୀର
ଆଉଥରେ ଗାଜାରେ ନିଖୋଜ ହୋଇ
ଛତ୍ରରେ ମୁଠାଏ ଖାଦ୍ୟ
ଖୋଜିଥିଲି ଭୋକ ବିକଳରେ।
ଜୀବନ ବଞ୍ଚାଇବାକୁ ୟୁକ୍ରେନର
ସୀମା ପାର ହେବା ବେଳେ
ମରିଥିଲି, ମରିଥିଲି ଆଉଥରେ
ବଙ୍ଗଳାଦେଶରେ
ଘର ମୋର ଜଳିଗଲାପରେ
ମରିଥିଲି ମୁର୍ଶିଦାବାଦରେ
ମରିଥିଲି ସେ ଝିଅଟି ଜଳିଯିବା ବେଳେ
ନିଜକୁ ଅଙ୍ଗାର କରି ନ୍ୟାୟ ଅପେକ୍ଷାରେ
ମରିଥିଲି ଉତ୍ତରାଖଣ୍ଡରେ
ପାଦତଳୁ ପାହାଡ଼ଟି ଧସି ଯିବା ପରେ
ମରିଥିଲି ମଦ୍ୟପଙ୍କ ପଞ୍ଝାରେ, ଦାନ୍ତରେ
ପୀଡ଼ିତାର ଚିରା ଦେହ ଛପା ଛବି
କାଗଜରେ ଚିରି ଯିବାପରେ
କିଏ ବା ବଞ୍ଚାଇଥିଲା ଯେତେବେଳେ
ଚାରି ବରଷର ଶିଶୁ
ଫଡ଼ା ଫଡ଼ା ମାଂସ ହୋଇଗଲା
ବୁଲା କୁକୁରଙ୍କ ମେଳେ

ରକ୍ତାକ୍ତ ରାସ୍ତାରେ ?
କେତେଥର ମରିଛି ମୁଁ, ମରୁଛି ମୁଁ
ଧିକ୍ ମୋର ମରିବାକୁ
ବାରମ୍ବାର, ବଞ୍ଚିଥାଇ ଗୋଟେ ଜୀବନରେ
ଜଗତ ନର୍କରେ ଏବେ
କିଏ ଏଠି କାହାକୁ ଊର୍ଦ୍ଧ୍ୱରେ ? ■

ମଞ୍ଜୁଳା, ୱାଟର ୱର୍କ୍ସ ରୋଡ୍
ପୁରୀ - ୭୫୨୦୦୨



## ପୁସ୍ତକ ପରିଚୟ


### ବାଞ୍ଛ
### ସୁଚରିତା ମହାନ୍ତି




ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୧୫୦ ଟଙ୍କା

ଗାଳ୍ପିକା ସୁଚରିତା ମହାନ୍ତିଙ୍କ ଗଳ୍ପ ସଂକଳନ 'ବାଞ୍ଛ' ପ୍ରକାଶ ପାଇଛି। ୩୩ଟି ଗଳ୍ପ ଏହି ପୁସ୍ତକରେ ସଂକଳିତ ହୋଇଛି। 'ବଡ଼ ଅଫିସର',, 'ଅଗ୍ନି ପରୀକ୍ଷା', 'ଶେଷ ଥର', 'ବାଞ୍ଛ', 'ସଂପର୍କ', 'ଅଲିଭା ଗାର', 'ଉଦାସିଆ ଆଖି', 'କନ୍ୟାଦାନ', 'ଅସ୍ତଗାମୀ ସୂର୍ଯ୍ୟ', 'ଶେଷ ପାହାଚ', 'ରେବତୀ', 'ଆମାବାସ୍ୟାର ଚନ୍ଦ୍ର', 'ସମୟ ଖେଳ', 'ବୁଢ଼ୀ ମା'ର କାହାଣୀ ପେଡ଼ି' ପ୍ରଭୃତି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଆଶା, ନିରାଶା, ଦ୍ୱନ୍ଦ୍ୱ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି। ମାତୃତ୍ୱ ଲାଭ କରିବା ନାରୀ ଜୀବନର ବଡ଼ ଉପଲବ୍ଧି। କିନ୍ତୁ ଜନ୍ମ କଲା ସନ୍ତାନମାନେ ଯଦି ବଡ଼ ହୋଇ ବାପାମାଆଙ୍କୁ ଅସମ୍ମାନ ଓ ଅନାଦର କଲେ ସେମାନଙ୍କ ଜୀବନ ହୋଇଉଠେ ଦୁର୍ବିସହ। ଜୀବନର ଏହି ବାସ୍ତବତା ତାହା ଚିତ୍ରିତ ହୋଇଛି 'ବାଞ୍ଛ' ଗଳ୍ପରେ। ସେଥିପାଇଁ ଅବହେଳିତ ଶାଶୁ ଜଣକ ଜରାଶ୍ରମ ଖଟିରେ ପଡ଼ି ଥର ଥର କଣ୍ଠରେ କହୁଥିଲେ "ମୁଁ ବାଞ୍ଛ ହୋଇଥିଲେ ଭଲ ହୋଇଥାଆନ୍ତି।" ଏହି ପୁସ୍ତକର ଅନେକ ଗପରେ ନାରୀ ଜୀବନ ଅକୁହା ବେଦନା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି। 'ବାଞ୍ଛ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଅପାସୋରା ମଣିଷ
### ସଂପାଦକ: ଡକ୍ଟର ବନଜ କୁମାର ବିଶ୍ୱାଳ




ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ
ମଲ୍ଲୀପୁର, କିଶୋରନଗର, କଟକ
ପ୍ରଥମ ପ୍ରକାଶ : ୨୦୨୧
ମୂଲ୍ୟ : ୨୦ ଟଙ୍କା

କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜ ମନସ୍କ ସ୍ୱର୍ଗତ ଗୋପାଳ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡକ୍ଟର ବନଜ କୁମାର ବିଶ୍ୱାଳ ସଂପାଦନାରେ ପ୍ରକାଶ ପାଇଛି 'ଅପାସୋରା ମଣିଷ' ପୁସ୍ତକ। ଏହି ପୁସ୍ତକରେ ସ୍ୱର୍ଗତ ମହାନ୍ତିଙ୍କ ସମାଜ ପ୍ରତି ଅବଦାନ, ପରୋପକାର, ନିରାଡ଼ମ୍ବର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଜୀବନ ସଂପର୍କରେ ସ୍ମୃତି ଚାରଣ କରାଯାଇଛି। ଡକ୍ଟର ଅରବିନ୍ଦ ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଆଲୋକ କାନୁନ୍‌ଗୋ, ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କବିତା ଖଟାଇ, ପ୍ରାଧ୍ୟାପକ କିଶୋର କୁମାର ବିଶ୍ୱାଳ, ଡକ୍ଟର କିଶୋର ଚନ୍ଦ୍ର ଦାସ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଡକ୍ଟର ପାବକ କାନୁନ୍‌ଗୋ, ଡକ୍ଟର ତରଣୀ ସେନ୍ ବାରିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସ୍ମୃତିଚାରଣ କରିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଶୈଳୀ ଥିଲା ନିରାଡ଼ମ୍ବର। ସାଧାରଣ ଲୋକଙ୍କ ସୁଖଦୁଃଖରେ ସେ ସାମିଲ ହେଉଥିଲେ। ସ୍ୱର୍ଗତ ଗୋପଳଚରଣ ମହାନ୍ତିଙ୍କ ସୁଗୁଣାବଳୀ ଉତ୍ତର ପିଢ଼ିଙ୍କ ଉଦ୍‌ବୁଦ୍ଧ କରି ବୋଲି ଆଶା କରାଯାଏ। ■

### କାକ୍ଟସ୍‌ର ଲୁହ
### ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ : ୧୫୦ ଟଙ୍କା

"ବସ୍ତୁବାଦୀ ଦୁନିଆର ଲମ୍ବାରାସ୍ତା,/ ଛଳନା ପ୍ରତାରଣାର କଂକ୍ରିଟ୍ ନିର୍ମିତ/ଆବୁଡ଼ା ଖାବୁଡ଼ା ଚଟାଣର ଦେହ,/ ଆଉ ଥରେ ପୁଣି ସଜାଡ଼ି ଯାଉଛି।" (ଭଙ୍ଗା ବିଶ୍ୱାସର ପୋଲ) ଆଶା ଓ ବିଶ୍ୱାସ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ। ତେବେ ବସ୍ତୁବାଦୀ ଦୁନିଆରେ ବେଳେବେଳେ ମଣିଷ ଧକ୍କା ଖାଏ। ତଥାପି ବିଶ୍ୱାସ ହିଁ ତାକୁ ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିବାକୁ ସାହସ ଓ ଶକ୍ତି ଦିଏ। ଏମିତି ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ 'କାକ୍ଟସ୍‌ର ଲୁହ' ପୁସ୍ତକର ଅନେକ କବିତାରେ। ଏହି ପୁସ୍ତକର 'ଆଉ ଏକ ଦୃଶ୍ୟ', 'ବିଭାଜନ', 'ଏକ ବିସ୍ଥାପିତ ଇଚ୍ଛା', 'ଜୀବନ ଗଣିତ', 'ଶବ୍ଦର ସ୍ୱରୂପ', 'ଧୈର୍ଯ୍ୟ', 'ଯନ୍ତ୍ରଣା', 'ଆଶଙ୍କା', 'ସମୁଦ୍ର ସ୍ନାନ', 'ଦୁଃଖୀଲୋକ', 'ପିତୃପୁରୁଷ', 'କକ୍‌ଟସ୍‌ର ଲୁହ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ଏହି କବିତାଗୁଡ଼ିକରେ କବି ଜୀବନର ବାସ୍ତବ ଚିତ୍ର ଦେବାରେ ବେଶ୍ ସଫଳ ହୋଇଛନ୍ତି। ସେହିପରି 'ବର୍ଷା', 'ପ୍ରକୃତି ମାୟାରେ ବନ୍ଧା', 'ଏକ ବରଗଛର ସ୍ମୃତିରେ' ଆଦି କବିତାରେ ପ୍ରକୃତିର ଜୀବନ୍ତ ଚିତ୍ର ମାର୍ମିକ ଭାବେ ଫୁଟି ଉଠିଛି। 'କାକ୍ଟସ୍‌ର ଲୁହ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ରାଧାନାଥୀୟ ପ୍ରତିଭାର ଅଭିଜାତ ଐଶ୍ୱର୍ଯ୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ଯୁଗପ୍ରବର୍ତ୍ତକ କବି ରାଧାନାଥ ରାୟ। ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ବିନ୍ଧାଣି। ରୀତିଯୁଗର ଆଳଙ୍କାରିକ ପଦଲାଳିତ୍ୟ ଓ ଯୌବନୋଚ୍ଛଳ ପ୍ରେମ ପ୍ରଣୟକୁ ଆଦୌ ପରିହାର ନ କରି ମଧ୍ୟ ଭଞ୍ଜୀୟ ପୃଷ୍ଠଭୂମି ଉପରେ ଗଢ଼ି ଦେଇଛନ୍ତି ଆଧୁନିକ କାବ୍ୟ ଚେତନାର ଏକ ବିଶାଳ ଓ ସୁରମ୍ୟ ହର୍ମ୍ୟ। ସେଥିପାଇଁ କିଏ ତାଙ୍କୁ ଯୁଗପ୍ରବର୍ତ୍ତକ କହେ ତ କିଏ କହେ ବିପ୍ଳବୀ ରାଧାନାଥ।

କବିବର ରାଧାନାଥ ଥିଲେ ଶୁଦ୍ଧ ସୌନ୍ଦର୍ଯ୍ୟବାଦୀ। ପ୍ରକୃତିର ଉପାସକ। ଅସାଧାରଣ ତାଙ୍କ ଆହରଣ ଦକ୍ଷତା ଓ ସମୀକରଣ କୌଶଳ। ଚମତ୍କାର ତାଙ୍କ ଗଳ୍ପଗୁମ୍ଫନ କୌଶଳ। କଥାରେ ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ଖବର।" ଜଗତର ବିଶାଳତାକୁ ଅନୁଭବ କରିବା ପାଇଁ ନିଜ ମନପକ୍ଷୀକୁ ଉଡ଼େଇ ଦେଇଛନ୍ତି ଦୂର ଆକାଶରେ। ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ପାର୍ସୀ ଓ ଉର୍ଦ୍ଦୁ ଆଦି ବିଭିନ୍ନ ଭାଷାରେ ପାରଦର୍ଶିତା ଯୋଗୁଁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନଠାରୁ ଆରମ୍ଭ କରି ଗ୍ରୀକ୍ ଓ ରୋମ୍ ସାହିତ୍ୟ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାଙ୍କ କଳ୍ପନାର ଚାରଣ ଭୂମି। ଗଭୀର ଅଧ୍ୟୟନ ଓ ଅଭିଜ୍ଞାନ ବଳରେ ବିଶ୍ୱର ବିଭିନ୍ନ କ୍ଷେତ୍ରରୁ ଚିନ୍ତା ଓ ସୌନ୍ଦର୍ଯ୍ୟର ପୁଷ୍ପ ଚୟନ କରି ସେ ନିର୍ମାଣ କରିଛନ୍ତି ଆପଣା କାବ୍ୟ ତପୋବନ। ବିଷୟବସ୍ତୁ କିମ୍ବଦନ୍ତୀୟ ହେଉ କି ପାଶ୍ଚାତ୍ୟ ଜନଶ୍ରୁତିର ରୂପକଥା ହେଉ, ତା'ର ଭାବକଳ୍ପର ଶିରାରେ ଶିରାରେ ଭରି ଦେଇଛନ୍ତି ଉତ୍କଳୀୟତାର ସ୍ପନ୍ଦନ। ଗ୍ରୀକ୍ କବି ଓଭିଡଙ୍କ 'ମେଟାଫରସିସ୍' ପୁସ୍ତକର ଆପୋଲ ଡାଫିନଙ୍କୁ ଆଣି ଓଡ଼ିଶା ମାଟିରେ ପହଞ୍ଚେଇ ଦେଇଛନ୍ତି, ଯିଏ କୋଣାର୍କର ବେଳାଭୂମିରେ ବିଚରଣ କରିଛନ୍ତି ସୂର୍ଯ୍ୟଦେବ ଓ ଚନ୍ଦ୍ରଭାଗା ରୂପରେ। ଏହା ହୋଇପାରେ ଏକ ବିଦେଶୀ କଥାବସ୍ତୁର ଓଡ଼ିଆ କରଣ, ମାତ୍ର କବିଙ୍କ ଲେଖନୀରେ ବିଭୂତିମଣ୍ଡିତ ହୋଇ ଚନ୍ଦ୍ରଭାଗା ପାଲଟି ଯାଇଛି ଏକ ତୀର୍ଥକ୍ଷେତ୍ର। ତା' ସହିତ ଯୋଡ଼ି ହୋଇଯାଇଛି ମାଘସପ୍ତମୀ ଓ ବାରୁଣିସ୍ନାନ। କବି କଳ୍ପନାର ଏହି ଇନ୍ଦ୍ରଜାଲ ଭିତରେ ଛନ୍ଦିହୋଇ ପାଠକ ବିଚାରା ବୁଝି ପାରେନି ଚନ୍ଦ୍ରଭାଗା କାହାର ନାମ ନାରୀର ନା ନଦୀର?

କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକରଣ ନୁହେଁ, ଓଡ଼ିଶାର ଦେବଦେବୀ, ରାଜାମହାରାଜା, ମାଟି,ପାଣି, ପବନ, ନଦନଦୀ, ଶିଳା, ଶାଳଗ୍ରାମ ଆଦିର ସମାବେଶ ତଥା ଉତ୍କଳ ଗୌରବ ଗାଥାର ପୁନଃ ସ୍ଥାପନ ହିଁ ତା'ର ମୂଳକଥା। ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅନେକ ଉଚ୍ଚକୋଟୀର କାବ୍ୟ ଲେଖା ସାରିଥିଲେ ବି ସେଥିରେ କାବ୍ୟ ରୂପ ପାଇ ନଥିଲା ଜାତୀୟ ଅସ୍ମିତାର ସମକାଳୀନ ଚିନ୍ତନ। ଓଡ଼ିଆ ବାଙ୍ମୟ ଅଭିବ୍ୟକ୍ତିରେ ଊଣା ଥିଲା ଇତିହାସ ଦୃଷ୍ଟି। ଏହାକୁ ଅନୁଭବ କରି ଉତ୍କଳର ଭୂପ୍ରକୃତି,ଲୋକଜୀବନ ତଥା ତା'ର ଗୌରବମୟ ଅତୀତକୁ ଆଣି କବି ଠିଆ କରେଇ ଦେଲେ ଉତ୍କଳଲକ୍ଷ୍ମୀ 'ଚିଲିକା' କୂଳରେ। ରକ୍ତବାହୁ ଯବନର ପତନ, ମାଣିକ ଗଉଡୁଣୀ ଓ କାଞ୍ଚି ବିଜୟ କାହାଣୀକୁ ନେଇ ଓଡ଼ିଆ ଅସ୍ମିତାର ଏକ ବିମ୍ବ ହୋଇ ଠିଆ ହେଲା ମରାଳ ମାଳିନୀ ନୀଳାମ୍ବୁ ଚିଲିକା। କେବଳ 'ଚିଲିକା' ନୁହେଁ, ବିଦ୍ରୂପାତ୍ମକ କାବ୍ୟ 'ଦରବାର'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଜାତୀୟ ଅସ୍ମିତାର ଜୟଯାତ୍ରା। ମହାଯାତ୍ରା କାବ୍ୟରେ ସେ ପାଣ୍ଡବମାନଙ୍କୁ ସାରା ଓଡ଼ିଶା ବୁଲେଇଛନ୍ତି ଏବଂ ଉତ୍କଳର ମହିମା ଗାନ କରିବାକୁ ଯାଇ ଅଗ୍ନିଦେବଙ୍କ ଜରିଆରେ କହିଛନ୍ତି- "ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ... ।"

ରାଧାନାଥଙ୍କ ଶବ୍ଦର ଇନ୍ଦ୍ରଜାଲରେ ଓଡ଼ିଶାର ଗିରି ହୋଇଛି ଗିରୀନ୍ଦ୍ର,ସର ହୋଇଛି ସାଗର, ଶିମୁଳି ଗଛ ବି ଲଭିଛି ଶାଶ୍ମଳୀ ତରୁର ମର୍ଯ୍ୟାଦା। କବିଙ୍କ ଭାଷାରେ- "ଶାଶ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ, ଲଙ୍ଘି ନାନା ବନ ଜନପଦ ମିଶେ ବଙ୍ଗ ସାଗରେ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଏବଂ ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ସାଂସ୍କୃତିକ ରାଜଧାନୀ। ସେହି ପବିତ୍ର ଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ ସେ ଲେଖିଛନ୍ତି – "ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ, ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ।" ଏଥିସହ ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ପରିମଣ୍ଡଳ ଭାବରେ ଗଢ଼ିବାକୁ ଯାଇ ତାକୁ ସେ ଯୋଡ଼ିଛନ୍ତି 'ପାର୍ବତୀ', 'ଚନ୍ଦ୍ରଭାଗା' ଓ 'ଚିଲିକା' ଆଦି କାବ୍ୟ ସହିତ।

ରାଧାନାଥଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକ ଗୁଣଟି ଥିଲା ପ୍ରକୃତି ଉପାସନା। ଶୈଶବରୁ ବିଜନତା ମଧ୍ୟରେ ନିମଜ୍ଜନ ତାଙ୍କୁ ଶିଖେଇ ଥିଲା ପ୍ରକୃତିର ମହାଭାବ ସହିତ ଏକାତ୍ମ ହେବାର ରହସ୍ୟ। କବି ସେହି ରହସ୍ୟମୟ ଭାବମୟତାର ଚିତ୍ରକର। ପ୍ରକୃତି ବର୍ଣ୍ଣନା ଓଡ଼ିଆ କାବ୍ୟରେ କିଛି ନୂଆ କଥା ନୁହେଁ, ବରଂ ଖୁବ୍ ବିସ୍ତୃତ ଓ ମାର୍ମିକ। ଏହା ରୀତି କାବ୍ୟରେ ଯେତିକି ପ୍ରାଣସ୍ପର୍ଶୀ, ରାଧାନାଥଙ୍କ ସମସାମୟିକ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସୃଷ୍ଟିରେ ସେତିକି ଆବେଗସ୍ନାତ । ମାତ୍ର ପ୍ରକୃତିକୁ କେନ୍ଦ୍ରରେ ରଖି ଗୋଟେ କାବ୍ୟ ଯେ ଲେଖା ଯାଇପାରେ, ରାଧାନାଥଙ୍କ ପୂର୍ବରୁ କେହି କେବେ କଳ୍ପନା କରି ନ ଥିଲେ ଏକଥା। ରୀତି ସାହିତ୍ୟରେ ପ୍ରକୃତି ଥିଲା ଏକ ଚିତ୍ର। ତାକୁ ଚରିତ୍ରରେ ପରିଣତ କରିଦେଲା ରାଧାନାଥୀୟ ପ୍ରତିଭା। ଚିଲିକା ହ୍ରଦଟିଏ ହେଲେ ବି କବି କଲମରେ ସେ ପାଲଟିଗଲା ଏକ ହାସ୍ୟମୟୀ ଓ ଲାସ୍ୟମୟୀ ନାରୀ, ଯେଉଁ କାବ୍ୟ ନାୟିକାର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି- "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର।" କବି ଦୃଷ୍ଟିରେ ପ୍ରକୃତି ନିର୍ବାକ ଓ ନିସ୍ପନ୍ଦ ନୁହେଁ, ତାହା ପ୍ରାଣବନ୍ତ ଓ ବାଙ୍ମୟ। ସେ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ କବି, ଯିଏ ପ୍ରକୃତି ଉପରେ ଆରୋପ କରିଛନ୍ତି ମାନବିକ ଗୁଣ। ଓଡ଼ିଆ କାବ୍ୟ କବିତାରେ ବର୍ଷାବର୍ଣ୍ଣନା ତ ବିସ୍ତୃତ। ମାତ୍ର ସେ ବର୍ଣ୍ଣନାରେ ନ ଥିଲା ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ତୁଳନା। କବି ସେଭଳି ତୁଳନାତ୍ମକ ଚିତ୍ର ଆଙ୍କିବାର ପରମ୍ପରା ଆରମ୍ଭ କଲେ, ଯା'ର ଦୃଷ୍ଟାନ୍ତ ହେଉଛି- "ବହି ଯାଉଛି ବାରି ଭେଦି କିଆରି, ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ।" (ତୁଳସୀ ସ୍ତବକ)

ମଣିଷ ଜୀବନର ମୌଳ ଆବେଗ ହେଉଛି ପ୍ରେମ ଏବଂ ଏହା ହିଁ ସବୁ କଳା କଳ୍ପନାର ମୂଳକଥା। ଜୀବନର ଏହି ଅଭିଜାତ ଐଶ୍ୱର୍ଯ୍ୟରେ ଖୁବ୍ ଐଶ୍ୱର୍ଯ୍ୟବନ୍ତ ଥିଲା ରୀତିଯୁଗୀୟ କାବ୍ୟକଳା। ମାତ୍ର ତା'ର ବିଷୟ ବିନ୍ୟାସରେ ନ ଥିଲା ବ୍ୟଞ୍ଜନାମୟ ବୈଚିତ୍ର୍ୟ। ସୁଖଦୁଃଖ, ହସକାନ୍ଦ ମିଶାମିଶି ଜୀବନ ହିଁ ମଣିଷର ଅଲଙ୍ଘନୀୟ ଭାଗ୍ୟ। ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ମିଳନାତ୍ମକ ପରିସମାପ୍ତି ଥିଲା ରୀତିକାବ୍ୟର ପରଂପରା। ତା'ର ଏହି ଗତାନୁଗତିକ ପରିପାଟୀରେ ରାଧାନାଥ ଆଣିଲେ ଭିନ୍ନତା। ପ୍ରେମ ପାଇଁ ଜୀବନ ବିସର୍ଜି ଦେବାକୁ ଆଗେଇ ଆସିଲେ ତାଙ୍କ କାବ୍ୟର ନାୟକ ନାୟିକା କେଦାର ଓ ଗୌରୀ। କେବଳ 'କେଦାରଗୌରୀ' ନୁହେଁ, 'ପାର୍ବତୀ', 'ନନ୍ଦିକେଶରୀ', 'ଚନ୍ଦ୍ରଭାଗା' ଆଦି ଅନେକ କାବ୍ୟରେ ଦୁଃଖଦ ଉପସଂହାରକୁ ନେଇ ଉଦ୍‌ଘାଟିତ ହେଲା କଳାର ଏକ ଅଭିନବ ଦିଗନ୍ତ।

ରାଧାନାଥ ଥିଲେ କାବ୍ୟିକ ଭାଷାର ପ୍ରଥମ ସଂସ୍କାରକ। କାବ୍ୟର ଆଙ୍ଗିକ ପରିବର୍ତ୍ତନ କରିବାକୁ ଯାଇ ସେ ହିଁ ପ୍ରଥମେ ପ୍ରୟୋଗ କଲେ ଅମିତ୍ରାକ୍ଷର ଛନ୍ଦ। ତାଙ୍କ ସରଳ, କୋମଳ, ମଧୁର ଓ ମଞ୍ଜୁଳ ଶବ୍ଦ ସଂଯୋଜନା ଯୋଗୁଁ ଆଉ ଅଳଙ୍କାରର ପ୍ରାବଲ୍ୟରେ ଭାରାକ୍ରାନ୍ତ ହେଲା ନାହିଁ କାବ୍ୟସୁନ୍ଦରୀ। ବରଂ ସବୁ ବର୍ଗର ପାଠକଙ୍କୁ ଆମୋଦିତ ଓ ଆହ୍ଲାଦିତ କଲା ତାଙ୍କ ଉପମା ପ୍ରୟୋଗର ସୂକ୍ଷ୍ମ ଚାତୁରୀ ଓ ଲଳିତ ପଦ ବିନ୍ୟାସ। ଅର୍ଥବୋଧ,ରସବୋଧ ଓ ଭାବ ସଞ୍ଚରଣଶୀଳତା ନିମନ୍ତେ ଆଉ ରହିଲାନି ପ୍ରତି ପଦରେ ଅଭିଧାନ ଅଣ୍ଡାଳିବାର ଭଞ୍ଜୀୟ ଝିଙ୍କଟ। ରାଧାନାଥ ଥିଲେ ଜଣେ ନିର୍ଭୀକ ତଥା ବାସ୍ତବବାଦୀ ସ୍ରଷ୍ଟା। ନିଜର ପ୍ରଜ୍ଞା, ପ୍ରତିଭା ଓ ଅଧ୍ୟବସାୟ ବଳରେ ସେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ସତ,ହେଲେ କେବେ କିଛି ଲେଖି ନାହାଁନ୍ତି ଅନୁଗୃହୀତ ହେବା ଲକ୍ଷ୍ୟରେ। ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଛନ୍ତି ଇଂରେଜ ସରକାର। ବାମଣ୍ଡା ରାଜଦରବାରରୁ ସେ ପାଇଛନ୍ତି କବିବର ଉପାଧି। ଅଥଚ ଇଂରେଜ ସରକାର ହୁଅନ୍ତୁ କି ଦେଶୀୟ ରାଜା ହୁଅନ୍ତୁ, ସେମାନଙ୍କ ପ୍ରଜା ଶୋଷଣ ନୀତିକୁ ସେ ଖୁବ୍ ବିଦ୍ରୂପ କରିଛନ୍ତି 'ଦରବାର' କାବ୍ୟରେ। ରାଧାନାଥ ଥିଲେ ସମକାଳୀନ ବାସ୍ତବତା ଓ ନିଜ ବିଷାଦରେ ଆଚ୍ଛନ୍ନ ଏକ ବିମର୍ଷ କବି ପ୍ରତିମା। ଜୀବନ ବିମୁଖତା ସତ୍ତ୍ୱେ ପ୍ରତିଟି ପରିବୋଧନୀୟ ମୁହୂର୍ତ୍ତର ଆତ୍ମିକ ଉପଲବ୍ଧିକୁ ବୌଦ୍ଧିକତାରେ ରସାଣିତ କରି ସେ ଶୁଣେଇଛନ୍ତି ଅନେକ ଦାର୍ଶନିକ ବାଣୀ। ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନବୋଧ ପ୍ରତି ଆସ୍ପୃହା ନେଇ ଗାଇଛନ୍ତି- "ଧର୍ମ ଏକା ସିନା ମହତ ପଣିଆ, ଆଉ ବଡ଼ପଣ ଅଡ଼େଇ ଦିନିଆ।" (ଦରବାର) ■

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁପଟ୍ଟନାୟକ ନଗର ଭଦ୍ରକ
ମୋ: ୬୩୭୧୬୪୨୪୬୪

# ପୁଲିସକୁ ପଥର ଛେଚି ହତ୍ୟା



ପୁରୁଣା କଟକ/ହରଭଙ୍ଗା, ୧୫।୧୧(ସମିସ): ଜଣେ ପୁଲିସ କର୍ମଚାରୀଙ୍କୁ ପଥରରେ ଛେଚି ହତ୍ୟା କରିବା ସହ ତାଙ୍କ ଶବକୁ ଅଳିଆ ଗଦାରେ ପୋତିଦେବା ଭଳି ଘଟଣା ବୌଦ୍ଧ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପୁରୁଣା କଟକ ଥାନା ଅନ୍ତର୍ଗତ ବାଲିସାଇ

## ୪ ଦିନ ପରେ ଅଳିଆ ଗଦାରୁ ଗଳିତ ଶବ ଉଦ୍ଧାର

ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ପୁଲିସ କର୍ମଚାରୀ ହେଲେ, ବାଲିସାଇ ଗ୍ରାମର ଉଦୟ ରଞ୍ଜନ ପଟ୍ଟନାୟକ। ବାଲିଗୁଡ଼ା ଥାନାରେ ସେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ। ୪ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ପୁଲିସ ଆଜି ତାଙ୍କ ଗଳିତ ଶବକୁ ଅଳିଆ ଗଦାରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଏକ ହତ୍ୟା ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲା, ସଞ୍ଜୟ ନାଏକ।

ସୂଚନାନୁଯାୟୀ, ଉଦୟ ଓ ସଞ୍ଜୟ ଦୁଇ ପଡ଼ୋଶୀ। ୪ ଦିନ ତଳେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ସଂଜୟ ଉତ୍କ୍ଷିପ୍ତ ହୋଇ ଉଦୟଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲା। ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କ ଶବକୁ ଘର ପଛ ପାଖରେ ଥିବା ଏକ ଅଳିଆ ଗଦାରେ ପୋତି ଦେଇଥିଲା। ତେବେ ଉଦୟଙ୍କ ପୁଅ ଏ ସଂପର୍କରେ ଜାଣିବାରୁ ସଞ୍ଜୟ ତାକୁ ବି ହତ୍ୟା ଧମକ ଦେଇଥିଲା। ତେବେ ଆଜି ଉକ୍ତ ସ୍ଥାନରୁ ଉତ୍କଟ ଦୁର୍ଗନ୍ଧ ହେବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୁଲିସ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଅଳିଆ ଗଦାରେ ଖୋଜାଖୋଜି କରି ପୁଲିସ ଉଦୟଙ୍କ ଶବ ଜବତ କରିଥିଲା। ପୁରୁଣାକଟକ ପୁଲିସ, ବୌଦ୍ଧ ଏସ୍‌ଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ସରଜମିନ ତଦନ୍ତ କରି ନମୁନା ସଂଗ୍ରହ କରିଥିଲେ। ଉଦୟଙ୍କ ବଡ଼ଭାଇ ବିହାରୀ ରଞ୍ଜନ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁରୁଣାକଟକ ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଜୟକୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ମଧ୍ୟ ପୁଲିସ ଜବତ କରିଛି। ଏନେଇ ପୁରୁଣାକଟକ ଥାନାରେ ୧୯୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଅରୁଣ ସିଂ ସୂଚନା ଦେଇଛନ୍ତି।

# ମୟୂରଭଞ୍ଜରେ ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ

ବାରିପଦା, ୧୫।୧୧(ସମିସ): ମହମ୍ମଦ ଗଜନୀଙ୍କ ଦ୍ୱାରା ୧୦୨୪ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର ସୋମନାଥ ମନ୍ଦିର ଧ୍ୱଂସ ପରେ ଶତାବ୍ଦୀ ଶତାବ୍ଦୀ ଧରି ନଷ୍ଟ ଅବସ୍ଥାରେ ରହିଥିବା 'ମୂଳ ସୋମନାଥ ଜ୍ୟୋତିର୍ଲିଙ୍ଗ' ପୁନଃ ଆବିଷ୍କାର ହୋଇଛି। ବର୍ତ୍ତମାନ ଅତ୍ୟନ୍ତ ପ୍ରତିକୂଳ ସ୍ଥିତିରେ ଥିବା ଏହି ଦୁର୍ଲଭ ଶିବଲିଙ୍ଗ ପ୍ରଥମଥର ପାଇଁ ବାରିପଦାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଉପଲବ୍ଧ ହେବାକୁ ଯାଉଛି। ଆସନ୍ତା ସୋମବାର ମହାପୁଣ୍ୟ ଅବସରରେ ରୁଦ୍ରାଭିଷେକ ଓ ସାଧାରଣ ଦର୍ଶନ ହେବ। ଏହି ଐତିହାସିକ ଓ ଧାର୍ମିକ ମହୋତ୍ସବକୁ ନେଇ ସମଗ୍ର ଜିଲ୍ଲା ଏବଂ ପଡ଼ୋଶୀ ଅଞ୍ଚଳରେ ଭକ୍ତଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ପୁଣ୍ୟ ଦର୍ଶନ ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ବାରିପଦାର ବେଲଗଡ଼ିଆ ରାଜପ୍ରାସାଦ ପଛ ପ୍ରବେଶଦ୍ୱାରରେ ପୂଜା ଓ ରୁଦ୍ରାଭିଷେକ ସକାଳ ୯ଟାରୁ ଆରମ୍ଭ ହେବ। ସାଧାରଣ ଦର୍ଶନ ସକାଳ ୧୦ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ। ଅନୁଷ୍ଠାନର ସଙ୍ଗଠକମାନେ କହିଛନ୍ତି ଯେ ଭଗବାନ ଶିବଙ୍କ ଏହି ଦୁର୍ଲଭ ସ୍ୱରୂପର ଦର୍ଶନ କୋଟିକୋଟି ଭକ୍ତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଆଣିଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହର ଲହରି ଦେଖିବାକୁ ମିଳୁଛି। ଏହି ଅବସରରେ ମୟୂରଭଞ୍ଜର ଅଧିବାସୀମାନଙ୍କ ଭାଗ୍ୟକୁ ସେମାନେ ପ୍ରଶଂସା କରିଛନ୍ତି।

# ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେବେ ହ୍ୟୁମାନ ସାଗର!

ଭୁବନେଶ୍ୱର,୧୫।୧୧(ସମିସ): ଓଲିଉଡ୍‌ର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ବେଳେ ବର୍ତ୍ତମାନ ସେ ଶ୍ୱାସକ୍ରିୟା ପାଇଁ ନନ୍-ଇନ୍‌ଭେସିଭ୍ ଭେଣ୍ଟିଲେଟର୍ ସପୋର୍ଟରେ ଅଛନ୍ତି। ଗତ ୨୪ ଘଣ୍ଟାରେ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ତେଣୁ, ଆଗାମୀ ୭୨ଘଣ୍ଟା ହ୍ୟୁମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି। ଆଜି ଏମ୍ସରେ ହ୍ୟୁମାନ ସାଗରଙ୍କ ପରିବାର ପହଞ୍ଚିଥିବା ବେଳେ



ତାଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋ' ପୁଅର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି। ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନଥିବା ଡାକ୍ତର କହୁଛନ୍ତି। ମୋ ପୁଅକୁ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛି। ଏଥିପାଇଁ ଓଡ଼ିଶାବାସୀ ଓ ସରକାରଙ୍କୁ ସାହାଯ୍ୟ ପାଇଁ ସେ ନିବେଦନ କରିଛନ୍ତି। ତେବେ ହ୍ୟୁମାନଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇପାରେ ବୋଲି ସୂଚନା ମିଳିଛି।

ସୂଚନା ଅନୁସାରେ, କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର (୩୬) ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ଅପରାହ୍ଣ ୧ଟା ୧୦ରେ ତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ଏମ୍ସ ଜରୁରୀକାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା।

# ୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର

ଭୁବନେଶ୍ୱର,୧୫।୧୧(ସମିସ): ରାଜ୍ୟରେ ଗତ ସପ୍ତାହେ ହେବ ଅଧିକାଂଶ ସ୍ଥାନରେ ଶୀତ ଅନୁଭବ ହେଉଛି। ଶୁକ୍ରବାର ରାତିରେ ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ସେମିଳିଗୁଡ଼ାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରେକର୍ଡ କରାଯାଇଥିବା

## ଆଜି ୩ ଜିଲ୍ଲାରେ ଶୀତ ଲହରୀ

ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

ପାଣିପାଗ କେନ୍ଦ୍ର ଅନୁଯାୟୀ ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା। ସେହିପରି ରାଉରକେଲାରେ ୧୦.୨ ଡିଗରୀ, ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇ ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ ୧୧.୬ ଡିଗ୍ରୀ ତାପମାତ୍ରାରେ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ ଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି। ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ରବିବାର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ ଶୀତ ଲହରୀ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

■ ସରକାରୀ ନିୟମର ଉଲଂଘନ

# ନିଯୁକ୍ତି ବୟସ ସୀମା ୩୨ ବର୍ଷକୁ କମାଇଲା ଓଏଚ୍‌ପିସି

ଭୁବନେଶ୍ୱର,୧୫ ।୧୧(ସମିସ): ନିଯୁକ୍ତି ପାଇଁ ସରକାରଙ୍କ ନିୟମକୁ ରାଜ୍ୟ ପିଏସ୍‌ୟୁ ସଂସ୍ଥା ମାନୁ ନାହାନ୍ତି। ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ଇଚ୍ଛା ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରୁଛନ୍ତି। ନିଯୁକ୍ତି ପାଇଁ ବୟସ ସୀମା ୪୨ ବର୍ଷକୁ ରାଜ୍ୟ ସରକାର ବଢ଼ାଇଥିବାବେଳେ ରାଜ୍ୟ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଏହାକୁ ୩୨ ବର୍ଷ କରିଛି। ଫଳରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉଡ଼ିଗଲା ଥାନା...

ଘଟିଥିବା କୁହାଯାଉଛି। କିନ୍ତୁ ତାଙ୍କୁ ଚିହ୍ନଟ କରାଯାଇପାରିନାହିଁ। କୁହାଯାଉଛି ଯେ ଥାନରେ ପୂରା ୩୬୦ କେଜି ବିସ୍ଫୋରକ ରଖାଯାଇଥିଲା।

ତେବେ ଏହି ବସ୍ଫୋରଣ ଏକ ଦୁର୍ଘଟଣା ଥିଲା ବୋଲି ଜମ୍ମୁ-କଶ୍ମୀର ଡିଜିପି ନୀଳମ ପ୍ରଭାତ କହିଛନ୍ତି। ନମୁନା ସଂଗ୍ରହ ବେଳେ ବି ।।ସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରକ ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡା ମୁଜାମିଲ ଗନୋଇର ଭଡ଼ା ଘରୁ ଜବତ କରାଯାଇଥିଲା।। ପୁଲିସ ଏବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରିଦେଇଛି। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ସେମାନଙ୍କୁ ଭିତରକୁ ଛାଡୁନାହିଁ। ବିସ୍ଫୋରଣ କାରଣ ନେଇ ଯାଞ୍ଚ୍ କରାଯାଉଛି ବୋଲି ଜମ୍ମୁ-କଶ୍ମୀର ଡିଭିଜନର ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଇତିମଧ୍ୟରେ ସିଆରପିଏଫ୍‌ର ଆଇଜି ଘଟଣାସ୍ଥଳକୁ ଯାଇଛନ୍ତି।

## ଆଳୁ କେଜି...

ଏହି ଆଳୁ ବର୍ଷକୁ କେବଳ ୧୦୦ ଟନ୍ ଉତ୍ପାଦନ ହେଉଛି। ପ୍ରତି ବର୍ଷ ମେ' ଏବଂ ଜୁନ୍‌ରେ ଏହାର ବିକ୍ରି ହୋଇଥାଏ। ଆଟଲାଣ୍ଟିକ ମହାସାଗରର ଲୋଇରା ଅଞ୍ଚଳ ସ୍ଥିତ ଫ୍ରାନ୍ସର 'ନୋଇରମୌସିର' ଦ୍ୱୀପରେ ଏହି ଆଳୁ ଚାଷ କରାଯାଉଛି। ନିଆରା ସ୍ୱାଦ କାରଣରୁ ଏହାର ଚାହିଦା ଅଧିକ ରହିଛି। ଉତ୍ପାଦନ ଅଧିକ ହେଉ ନ ଥିବାରୁ ଏହାର ମୂଲ୍ୟ ବଢ଼ି ବଢ଼ି ଚାଲିଛି। ସ୍ଥାନୀୟ ଚାଷୀ 'ବିନୋଇଟ ବିନୋଟେ'ଙ୍କ ନାମରେ ଏହି ଆଳୁର ନାମକରଣ ହୋଇଛି। ପାରମ୍ପରିକ ଉପାୟରେ ଏହି ଆଳୁ ଚାଷ କରାଯାଉଛି। ଉତ୍ପାଦନରେ ମେସିନର ବ୍ୟବହାର କରାଯାଏ ନାହିଁ। ଏହି ଆଳୁ ଛୋଟ ହୋଇଥିଲେ ମଧ୍ୟ ଚୋପା ବହୁତ ପତଳା। ସାଧାରଣତଃ ଏହାକୁ ସିଝାଇ ଲୁଣ ଏବଂ ଲହୁଣୀ ସହ ଖିଆ ଯାଇଥାଏ।

## ଜାଡ଼ରେ ଥରୁଛି...

ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା। ସେହିପରି ଭୀଷଣ ଥଣ୍ଡାରେ ଜିଲ୍ଲାରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କୁହୁଡ଼ି ପାଇଁ ରାତିରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ନିଆଁ ଜାଳି ଲୋକେ ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି। ରାତି ୮ଟା ପରେ ସହର, ରାସ୍ତାଘାଟ ଶୂନଶାନ ହୋଇଯାଉଛି। ତେବେ, ପାଣିପାଗ ବିଭାଗ ପକ୍ଷରୁ ଏଯାବତ୍ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ। ଫୁଟପାଥିରେ ଶୋଇ ରହୁଥିବା ଲୋକଙ୍କ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରସ୍ତୁତ ହେବ...

ବିଭାଗକୁ କୁହାଯାଇଛି। ଏହି ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆସନ୍ତା ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ବିଭାଗ ପ୍ରଚଳିତ ଆର୍ଥିକ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଥିବାବେଳେ ଏଥିପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ବଜେଟ ବର୍ଷ(ୱାଇ), ୱାଇ+୧ ଏବ ୱାଇ+୨ ଆଧାରରେ କାର୍ଯ୍ୟ କରିବ। ଯାହାଫଳରେ ବିଭାଗଗୁଡ଼ିକୁ ଯୋଜନା କାର୍ଯ୍ୟକାରୀ ପାଇଁ ୩ ବର୍ଷ ପର୍ଯ୍ୟପ୍ତ ସମୟ ମିଳିବ ଏବଂ ଏଥିପାଇଁ ଆଗୁଆ ବ୍ୟୟ ଅଟକଳ ମଧ୍ୟ କରାଯାଇପାରିବ। ଏହାଫଳରେ ସରକାରଙ୍କୁ ଏକାଧିକ ଲାଭ ମିଳିବା ନେଇ ମତ ରଖିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଏହାଦ୍ୱାରା ବିଭାଗଗୁଡ଼ିକ ବହୁ ବର୍ଷୀୟ ପରିଯୋଜନାକୁ କ୍ରିୟାନ୍ୱୟନ କରିବାରେ ସହଜତା ଲଭିପାରିବେ। ସେହିପରି ବିଭାଗ ଗୁଡ଼ିକୁ ନିଜ ନିଜର ଖର୍ଚ୍ଚ ବ୍ୟୟ ପରିସୀମା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବାକୁ ଥିବାବେଳେ ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ମଧ୍ୟ ବଜାୟ ରହିପାରିବ। ଏହାଦ୍ୱାରା ବିଭାଗ ଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବାକୁ ଥିବାବେଳେ ଦାୟିତ୍ୱବୋଧତା ମଧ୍ୟ ବଢ଼ିବ ବୋଲି ମତପ୍ରକାଶ ପାଇଛି।

## ଦୁଇ ଦିନରେ..

ଭାରତର ଅଧିନାୟକ ଶୁବମନ୍ ଗିଲ ରିଟାୟାର୍ଡ ହର୍ଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଏଭଳି ଘଟଣା ସଂପର୍କରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ୍ ଭନ୍ ଏହା ଏକ ଭୟଙ୍କର ପିଚ୍ ବୋଲି କହିଥିବା ବେଳେ ଅନୀଲ୍ କୁମ୍ବଲେ ବାମହାତୀ ବ୍ୟାଟ୍ସମ୍ୟାନ୍ ଏହି ପିଚ୍ ସୁହାଇଥାଏ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ଏଭଳି ଫଳାଫଳ ଦେଖି ବହୁ ଦର୍ଶକ ଓ କ୍ରିକେଟ୍ ଫ୍ୟାନ୍‌ମାନେ ଇଡେନ୍‌ରେ ଆଉ ଟେଷ୍ଟ ମ୍ୟାଚ୍ ଖେଳା ନ ଯିବା ପାଇଁ ଦାବି କରିଛନ୍ତି।


**AFFIDAVIT**

I, Babita Jena, aged about 42 years, W/o- Pramod Kumar Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 46, dtd-12/11/2025 that now onwards I shall be known as **BEBITA JENA** for all future purposes instead of Babita Jena.

**IN THE COURT OF THE CIVIL JUDGE (SR. DIVISION) RANAPUR**
C.S. No 249/18
ମନୋଜ କୁମାର ଭୂୟାଁ ...ବାଦୀ
ବନାମ
ଅମରୀ ବର ଏବଂ ଅନ୍ୟମାନେ ...ପ୍ରତିବାଦୀ
Summon U/O R.5. Rule.20 C.P.C
ପ୍ରାପ୍ତେଷୁ,
ଧରଣୀଧର ମଣ୍ଡଳ, ପିତା- ରଘୁ ମଣ୍ଡଳ, ସା- ପାଟବେରଣା, ପୋ- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା-ନୟାଗଡ଼।
ଉପରଲିଖିତ ବାଦୀ ଏହି ଭାଗ ବଣ୍ଟା ମକଦ୍ଦମା ତୁମ ବିପକ୍ଷରେ ଆଣିଛନ୍ତି ଓ ଏଥିରେ ତୁମ ପାଖକୁ ପଠାଯାଇଥିବା ଅଦାଲତ ସମନକୁ ତୁମେ ଉପେକ୍ଷା କରିଛ ଏଥିନିମନ୍ତେ, ତୁମକୁ ଆଦେଶ ଦିଆଯାଇଛି କି ତୁମେ ଏହି ଦିନ ତା. ୦୮/୧୨/୨୦୨୫ ସମୟ ୧୦.୩୦ମିରେ ଅଦାଲତରେ ଉପସ୍ଥିତ ରହିବ ଅଥବା ତୁମ ବିନା ଉପସ୍ଥିତିରେ ଏହି ମୋକଦ୍ଦମା ଶୁଣାଣି ହେବ।
ଜମିଜମା ବିବରଣୀ- ତହସିଲି-ଥାନା ରଣପୁର ଜିଲ୍ଲା-ନୟାଗଡ଼, ମୌ-ରଣପୁରଗଡ଼, ଖା -ନଂ- ୬୧, ଖା-ନଂ୧୫, 'ଖା-ନଂ୨୨୭, ଖା-ନଂ ୬୮
ଏଥିରେ ମୋର ଦସ୍ତଖତ ସହିତ କୋର୍ଟର ସିଲ୍ ଦିନ୧୩-୧୧-୨୦୨୫ ।
ସିଭିଲ୍ ଜଜ୍ (ସି) ଡିଭିଜନ
ରଣପୁର

**AFFIDAVIT**

By virtue of an affidavit (CF No.10, dtd- 14/11/2025) sworn before the Notary Public, Padampur. I, **Bina Suna,** W/o Bihari Suna, resident of Khuntpali, PS- Gaisilat, Dist- Bargarh, PIN-768036, Odisha declare that I have changed the name of my minor son from **Donraj Suna** (old name) to **Akant Prasad Suna** (new name). Henceforth, he shall be known as **Akant Prasad Suna** for all purposes.
**Bina Suna**

**LOST**

I, Khageswar Behera, S/o- Late Panchanan Behera,resident of At-Dharosyamsundarpur,P.O- Sukleswar, P.s- Mahanga, Dist- Cuttack. Declare that my original Sale deed vide No-433 dated 16/03/1996 has been lost at any where inspite of my best efforts I could not able trace it out.If anybody has got interest in any manner on the above property in question, may put forth his grievance/complain with supporting documents within 15days of this publication notice, before the advocate mentioned below.
Name- Diptimayee sahoo,
Mobile no - 7978874629.

**AFFIDAVIT**

I, Mohammad Hamid Akhter, aged about 61 years, H/o- Farzana Rahman, Resident of Flat No: 4/A4-08, Hi-Tech Heaven Apartment, Matiapada-II, Po- Govindpur, Dist-Puri, Odisha, Pin- 752104 declare by this affidavit No. 947, dated- 15/11/2025 that now onwards I shall be known as **MD HAMID AKHTAR** for all future purposes.

**AFFIDAVIT**

I, Tellavadu, aged about 60 years, S/o- G Enkeya, resident of At- Plot No. 62/3726, Jagannath Nagar, GGP Colony, Rasulgarh, Bhubaneswar, PS- Mancheswar, Dist- Khordha, PIN- 751010, Odisha declared by this affidavit No. 2331, dtd- 15/11/2025 that now onwards I shall be known as **G TELEDU** for all future purposes.

**AFFIDAVIT**

I, Birendra Kishore Tripathy Sharma, aged about 71 years, S/o- Narasingh Tripathy resident of At: Plot No-1533p, Lane-9, Kukuteswar Colony, Aerodrome Area, Bhubaneswar, Dist- Khurda, Pin- 751020, Odisha declare by this affidavit No.2331, dtd- 15/11/2025, that now onwards I shall be known as **BIRENDRA KISHORE TRIPATHY** for all future purposes.

**ଘୋଷଣାନାମା**

ଶ୍ରୀ ଗଦାଧର ବେହେରା ପି.: ୰ ପ୍ରାଣବନ୍ଧୁ ବେହେରା, ଗ୍ରା/ପୋ-ବଡ ଖଲାଡି, ଥାନା- କପ୍ତିପଦା, ଜିଲ୍ଲା- ମୟୂରଭଞ୍ଜ, ପି. କୋଡ- ୭୫୭୦୪୦, ଏତଦ୍ୱାରା ଘୋଷଣା କରୁଅଛୁ କି ମୋର ପୁଅର ନାମ ସାଧୀନ ଭାରତ ଥିଲା। ଏହି ନାମଟି ତାହାର ଜନ୍ମ ପ୍ରମାଣ ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ପାନ କାର୍ଡ ଆଦିରେ ସାଧୀନ ଭାରତ ଭାବେ ସ୍ଥାନ ପାଇଅଛି। ତାହାର ପାସପୋର୍ଟ ଓ ଅନ୍ୟାନ୍ୟ କାଗଜାତ ନିମନ୍ତେ ବର୍ତ୍ତମାନ ତାହାର ନାମକୁ ସାଧୀନ ରଖାଗଲା ଓ ସଂଜ୍ଞା ଭାବରେ ଭାରତ ରଖାଗଲା। ଉକ୍ତ ବିଷୟ Executive Magistrate cum Addl. Tahasildar, ବାରିପଦାଙ୍କ ସମ୍ମୁଖରେ ଏଫିଡେଭିଟ କରାଯାଇଛି। ବର୍ତ୍ତମାନ ଠାରୁ ତାର ନାମ ସାଧୀନ ଏବଂ ସଂଜ୍ଞା ଭାରତ ଭାବେ ପରିଚୟ ପାଇବେ।
ସା/- ଗଦାଧର ବେହେରା

**AFFIDAVIT**

By virtue of an affidavit no-1642 sworn before the Executive Magistrate, Dhenkanal on dtd-09/10/2025, I **Mita Padhan,** resident of At- Chhadasingh, Po- Badanagena, Ps- Sadar, Dist- Dhenkanal, Pin- 759014, Odisha, I have changed my name from **Rasmita Dehury** (old name) to **Mita Padhan** (new name). Henceforth, both name **Rasmita Dehury** and **Mita Padhan** is one & same person & I will be known as **Mita Padhan** for all future purposes.
**Sd/- Mita Padhan**

**AFFIDAVIT**

By virtue of an affidavit sworn before the Notary Public, Swampatna, dated-14/11/2025 vide No.5249, I Rani Kisku, D/o- Jamuna Tudu, resident of At/Po- Damahuda, Ps- Patna, Dist- Keonjhar, Odisha declare that I have changed my name from **Rani Kisku,** D/o- Jamuna Tudu to **Rani Tudu,** D/o- Jamuna Tudu. Henceforth, I shall be known as **Rani Tudu,** D/o- Jamuna Tudu for all future purposes.
**Rani Tudu**

**AFFIDAVIT**

By virtue of an affidavit No. 6029 sworn before the Executive Magistrate, Champua on dated-01/11/2025, I **Pabani Mahanta,** W/O- Pramod Mahanta resident of Vill- Banguriposi, Po- Padua, Ps- Baria, Dist- Keonjhar, Odisha, Pin-758032, I have changed my minor daughter's name from **Rreetimai Mahanta To Preetimayee Mahanta.** Henceforth she shall be known as **Preetimayee Mahanta** for all future purposes.
**Pabani Mahanta**

यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଏସ୍‌ଏମ୍‌ଆଇଟି ଡଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ / ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଗାୟତ୍ରୀ ବସନ୍ତିଆ, ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) ଶ୍ରୀ ଦୁଷ୍ମନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ୩) ଶ୍ରୀମତୀ ସୋରାଜୁ ବସନ୍ତିଆ, ସ୍ୱାମୀ: ଦେବରାଜ ବସନ୍ତିଆ, ୪) ଶ୍ରୀ ହେମନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ୫) ଶ୍ରୀ ସୁକାନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା / କୋ-ଓବ୍ଲିଗାଣ୍ଟ: ଶ୍ରୀ ଦୁର୍ଗା ପ୍ରସାଦ ପ୍ରଧାନ, ପିତା: ଉମାକାନ୍ତ ପ୍ରଧାନ, ସା: ବଡ଼ସାହି, ସାହାପୁର, ପୋ.: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା | ୧) ଶ୍ରୀମତୀ ଗାୟତ୍ରୀ ବସନ୍ତିଆ, ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) ଶ୍ରୀ ଦୁଷ୍ମନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ୩) ଶ୍ରୀମତୀ ସୋରାଜୁ ବସନ୍ତିଆ, ସ୍ୱାମୀ: ଦେବରାଜ ବସନ୍ତିଆ, ୪) ଶ୍ରୀ ହେମନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ୫) ଶ୍ରୀ ସୁକାନ୍ତ ବସନ୍ତିଆ, ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ (ମିଳିତ ସମ୍ପତ୍ତି) ଯାହାର ପ୍ଲଟ୍ ନଂ.: ୪୫୨୩, ଖାତା ନଂ.: ୮୬୩, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଗ୍ରାମ/ମୌଜା: ସୁନାଥର, ରେଭିନ୍ୟୁ ସର୍କଲ: ପୁରୁଷୋତ୍ତମପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବସନ୍ତିଆଙ୍କ ଜମି, ପଶ୍ଚିମ: ଶ୍ରୀ ତ୍ରିନାଥ ବସନ୍ତିଆଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୯.୦୮.୨୦୨୩ / ୦୨.୦୧.୨୦୨୪ / ୧୪.୧୧.୨୦୨୫ |
| ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୯୩୨୬୯୦୩୦୩୧ / ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ତ୍ୱାଧିକାରୀ: ସୁକେଶ କୁମାର ପଣ୍ଡା, ଗ୍ରାମ: ଜଳେଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟ: ସୁଶିଳା ପଣ୍ଡା, ଗ୍ରାମ: ଜଳେଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଶ୍ରୀମତୀ ସୁଶିଳା ପଣ୍ଡା, ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳେଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ ସ୍ଥିତର ସାଉଦର୍ଶ ରୋଡରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳେଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୁଲ୍ୟା ନଦୀ | ୦୨.୦୬.୨୦୨୨ / ୨୬.୦୮.୨୦୨୨ / ୧୪.୧୧.୨୦୨୫ |
| ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ / ଋଣଗ୍ରହୀତା: ମେସର୍ସ କାଜଲ ପ୍ରୋଡକ୍ଟ, ସ୍ୱତ୍ତ୍ୱାଧିକାରୀ: ଭଞ୍ଜରାମ ମହାରଣା, ସା: ପିଡବ୍ଲୁଡି ଅଫିସ୍ ଏବଂ ଲକ୍ଷ୍ମୀ ନାଏକ କଲ୍ୟାଣୀ ମଣ୍ଡପ ନିକଟ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪ / ଋଣଗ୍ରହୀତା/ବନ୍ଧକଦାତା: ଭଞ୍ଜରାମ ମହାରଣା, ପିତା: ଅର୍ଜୁନ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ / ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀ ମହାରଣା, ସ୍ୱାମୀ: ଭଞ୍ଜରାମ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ | ଭଞ୍ଜରାମ ମହାରଣାଙ୍କ ନାମରେ ଥିବା ଗୃହ ସମ୍ପତ୍ତି (ଘରବାରୀ) ଯାହାର ରେଭିନ୍ୟୁ ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଇଲୁଣ୍ଡି, ଥାନା: ବୈଦ୍ୟନାଥପୁର, ତହସିଲ/ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଗଞ୍ଜାମ, ଓଡିଶା, ଖାତା ନଂ.: ୨୩୦/୬୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ | ୨୯.୦୪.୨୦୨୫ / ୩୦.୧୦.୨୦୨୫ / ୧୪.୧୧.୨୦୨୫ |
| ବାଉଁଶିଆପଦା ଶାଖା, ଫୋନ୍: ୯୮୧୯୪୧୦୯୫୧ / ୧) ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା, ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା, ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାଡିରି, ତହସିଲ: ନୂଆଗାଁ, ଆର.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୧୪.୧୧.୨୦୨୫ |
| କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ / ଋଣଗ୍ରହୀତା: ଏନ୍ ସୀମା ପାତ୍ର, ପିତା: ଏନ୍. ବାୟା ପାତ୍ର / କୋ-ଆପ୍ଲିକାଣ୍ଟ: ଏନ୍. ପର୍ଶୁରାମ ପାତ୍ର, ପିତା: ଏନ୍. ସୀମା ପାତ୍ର, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣିଆପଲ୍ଲୀ, ପୋ.: ଛତ୍ରପୁର, ଗଞ୍ଜାମ-୭୬୧୦୨୦ | ଏନ୍ ସୀମା ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୯୩/୧୭୮୩, ଖାତା ନଂ.: ୨୯୬/୧୫୫, ମୌଜା: ବ୍ରାହ୍ମଣିଆପଲ୍ଲୀ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୦ଡିସିମିଲି ଯାହା ୪୩୫୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ବୁଦ୍ଧିଆ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୨), ପଶ୍ଚିମ: ପ୍ଲଟ୍ ନଂ.: ୭୮୬ ଏବଂ ୭୮୭, ପିଏଚ୍‌ଡି ରୋଡ୍, ଉତ୍ତର: ଏନ୍. ସୀମା ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୮୯), ଦକ୍ଷିଣ: ବି. ଚନ୍ଦ୍ର ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୩) | ୩୧.୦୩.୨୦୨୧ / ୩୦.୧୦.୨୦୨୧ / ୧୪.୧୧.୨୦୨୫ |
| ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/ ୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) ଶ୍ରୀ ନୀଳକଣ୍ଠ ମହାନ୍ତି, ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | ଶ୍ରୀ ନୀଳକଣ୍ଠ ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ଜମି ଯାହାର ଖାତା ନଂ.: ୧୫୩୦/୭୯୪୦, ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୬, କ୍ଷେତ୍ର: ଏକର୦.୦୧୪୫/୧୦ ଡିସିମିଲି, ରେଭିନ୍ୟୁ ମୌଜା: ଭାବିନିପୁର, ଅଳକାପୁରୀ, ୟୁସି ଇଞ୍ଜିନିୟରିଙ୍ଗ୍ ସ୍କୁଲ ନିକଟ, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ପଣ୍ଡାଙ୍କ ସମ୍ପତ୍ତି, ପଶ୍ଚିମ: ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୧.୧୦.୨୦୧୯ / ୦୩.୦୧.୨୦୨୦ / ୧୪.୧୧.୨୦୨୫ |
| କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ / ୧) ମେସର୍ସ ପାତ୍ର ଜୁଏଲାରୀ, ସ୍ୱତ୍ତ୍ୱାଧିକାରୀ: ପି ଶୌରୀ ଶଙ୍କର ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୨) ପି ଶୌରୀ ଶଙ୍କର ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୩) ପି ସଂଯୁକ୍ତା ପାତ୍ର, ସ୍ୱାମୀ: ପି ଶୌରୀ ଶଙ୍କର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୪) ୰ ପି ଦେବେନ୍ଦ୍ର ପାତ୍ର(ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: କ) ପି ତେଜଲକ୍ଷ୍ମୀ ପାତ୍ର, ସ୍ୱାମୀ: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଖ) ପି ଶୌରୀ ଶଙ୍କର ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଗ) ପି କୈଳାସ ଚନ୍ଦ୍ର ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଘ) ପି ତ୍ରିପତି ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ଙ) ପି ପୂର୍ଣ୍ଣ ଚନ୍ଦ୍ର ପାତ୍ର, ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା | ୧) ୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ), ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮୦, ଖାତା ନଂ.: ୭୨୨, କ୍ଷେତ୍ର: ଏକର୦.୦୫୭ ଡିସିମିଲି ଯାହା ୨୪୮୩ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶୌରୀଶଙ୍କର ପାତ୍ରଙ୍କ ଗୃହ, ପଶ୍ଚିମ: ସନ୍ତୋଷ ସାହୁଙ୍କ ଗୃହ, ଉତ୍ତର: ବଡ଼ ନଦୀ, ଦକ୍ଷିଣ: ରାଜ ଦାଣ୍ଡ, ୨) ୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ), ପିତା: ୰ ନର୍ସୁ ପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୯, ଖାତା ନଂ.: ୬୧୮, କ୍ଷେତ୍ର: ଏକର୦.୦୩୮ ଡିସିମିଲି ଯାହା ୧୫୨୫ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପି ସୁବାଷ ଚନ୍ଦ୍ର ପାତ୍ରଙ୍କ ଗୃହ, ପଶ୍ଚିମ: ପି ଦେବେନ୍ଦ୍ର ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୪.୦୯.୨୦୨୦ / ୧୦.୧୨.୨୦୨୧ / ୧୪.୧୧.୨୦୨୫ |
| ବାରାକ୍ସ ଶାଖା, ଫୋନ୍: ୭୮୦୦୦୧୬୮୦୦ / ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଭି ଜ୍ୟୋତି, ସ୍ୱାମୀ: ଭି କାଳି / ଗ୍ୟାରେଣ୍ଟିଦାତା: ଶ୍ରୀ ଭି ଭୋଟିକଳା କାଳି, ପିତା: ଭି ଦଣ୍ଡାସି, ଉଭୟଙ୍କ ଠିକଣା- ସା: କାମ୍ପ ସାହି, କାପୁ ଷ୍ଟ୍ରିଟ, ୧ମ ଲେନ୍, କେ ସି ଟାଉନ୍ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡିଶା-୭୬୦୦୦୧ | ଆଇନଗତ ମତାମତ ଅନୁଯାୟୀ ଶ୍ରୀମତୀ ଭି ଜ୍ୟୋତିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୮/୯୪୯, ଖାତା ନଂ.: ୮୯/୨୦୨, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭, ଖାତା ନଂ.: ୧୨୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, ରେଭିନ୍ୟୁ ମୌଜା: ସତ୍ୟନାରାୟଣପୁର, ରେଭିନ୍ୟୁ ସର୍କଲ: ବ୍ରହ୍ମପୁର, ଥାନା: ଟାଉନ୍ ଥାନା, ଏସ୍‌ଆରଓ: ବ୍ରହ୍ମପୁର, ଗଞ୍ଜାମ, ଓଡିଶା | ୧୪.୦୯.୨୦୨୩ / ୦୮.୧୨.୨୦୨୩ / ୧୪.୧୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୫.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସକାଳ THE SAKALA



www.sakalaepaper.com

# ଆଖଡ଼ା ଶୋଭାଯାତ୍ରାବେଳେ ଗଣ୍ଡଗୋଳ

**ଅନ୍ୟ ଜଣେ ଅଭିଯୁକ୍ତ ଗିରଫ**

**ସୋର, ୧୫।୧୧(ସମିସ):** ଗତ ଜୁନ ୭ରେ ସୋର ପୌର ପାଳିକାରେ ଇଦ ଉଲ ଜୁହା ପାଳନ ଅବସରରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତ ଜୁନ ୭ରେ ଏହି ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଜଟୁଆ ଗ୍ରାମର ସେକ ରେହେମାନ, ଦିଦାର ଖାନ ଏବଂ ପାଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକରେ ଶୋଭାଯାତ୍ରା ଦେଖୁଥିଲେ। ଏହି ସମୟରେ କାଶୀପୁର ଗ୍ରାମର ୩ ଜଣ ଯୁବକ ହାତରେ ଖଣ୍ଡା, ହକିଷ୍ଟିକ ଧରି ସେଠାରେ ପହଞ୍ଚି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ଦିଦାରର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସିତ ହୋଇ ଫେରିବା ପରେ ସେକ ରେହେମାନ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ କାଶୀପୁର ଗ୍ରାମର ସେକ କାଦିର (୨୫)କୁ ଗତକାଲି ବିଳମ୍ବିତ ରାତିରେ ପୁଲିସ ଗିରଫ କରିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ସୋରରେ ପୃଥକ ଦୁର୍ଘଟଣା; ୧୩ ଆହତ

**ସୋର, ୧୫।୧୧(ସମିସ)**

ସୋର ଥାନା ଅଧୀନ ଭିନ୍ନ ଭିନ୍ନ ସ୍ଥାନରେ ପୃଥକ ଦୁର୍ଘଟଣାରେ ୧୩ ଜଣରୁ ଅଧିକ ଆହତ ହୋଇଥିବା ଜଣାପଡିଛି। ଆଜି ଅପରାହ୍ନରେ ଏକ ଇନୋଭା କାର ଖଇରାରୁ ସୋର ଅଭିମୁଖେ ଆସୁଥିବା ବେଳେ ସୋର ଥାନା କାନପୁର ନିକଟରେ ତିନୋଟି ବାଇକକୁ ଧକ୍କା ଦେଇ ନୟନଯୋରୀକୁ ଓଲଟି ପଡିଥିଲା। ଫଳରେ ବାଇକରେ ଥିବା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କାନ୍ତିଆଡି ଅଞ୍ଚଳର ଆକାଶ ସେଠୀ (୨୮) ଓ ତାଙ୍କ ସ୍ତ୍ରୀ ସବିତା ସେଠୀ(୨୭), ଔପଦା ବ୍ଲକ କମାରପାଳ ଗ୍ରାମର ରତିକାନ୍ତ ବେହେରା, ତାଙ୍କ ସ୍ତ୍ରୀ ଆରତି ବେହେରା, ଛଅ ବର୍ଷର ପୁଅ ରିଗାଂଶୁ ବେହେରା ଓ ତିନି ମାସର ଶିଶୁ କନ୍ୟା ଅନିଶାରାଣୀ ବେହେରାଙ୍କ ସମେତ ୮ ଜଣ ଗୁରୁତର ଆହତ ହୋଇଥିଲେ। ଇନୋଭାଟି ନୟନଯୋରୀକୁ ଓଲଟି ପଡିଥିବା ବେଳେ ନିଶାସକ୍ତ ଅବସ୍ଥାରେ ଥିବା ଗାଡି ଚାଳକକୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ସହ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଗାଡି ଚାଳକ ନିରଜ କୁମାର ପାତ୍ର(୪୦)ଙ୍କ ସମେତ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ସେହିପରି ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ କାର ବର୍ତ୍ତନା ଛକ ନିକଟରେ ଦୁଇଟି ବାଇକକୁ ଧକ୍କା ଦେଇଥିଲା। ଏଥିରେ ସୋର ପୌରାଞ୍ଚଳ ୮ ନମ୍ବର ୱାର୍ଡ ଅନ୍ତର୍ଗତ ଗ୍ରାମର ମନୋରଞ୍ଜନ ପାତ୍ର ଓ ସାହସପୁରା ଗ୍ରାମର ଶେଖ ଆଜିବୁଲା ଓ ତାଙ୍କ ସ୍ତ୍ରୀ ନଜମା ବିବି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ସ୍କର୍ପିଓ ଚାଳକ ଫେରାର ଥିବାବେଳେ ଖବର ପାଇ ସୋର ପୁଲିସ କାନପୁର ଛକରେ ପହଞ୍ଚି ଇନୋଭା ଗାଡି ସମେତ ବାଇକକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦୁଇ ବେଆଇନ ବାଲି ଗାଡ଼ି ଜବତ

**ସୋର,୧୫।୧୧(ସମିସ):** ଆଜି ସକାଳେ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଖବର ପାଇ ସୋର ତହସିଲଦାର ଦେବିଦାସ ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଛକାବନ୍ଧ କରି ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଦୁଇଟି ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିଥିଲେ। ଚଢାଉ ହେଉଥିବା ଜଣିପାରି ୩୦ ଗାଡି ଫେରାର ହୋଇଯାଇଥିବା ଜଣାପଡିଛି।

# ସମବାୟ ସପ୍ତାହ ପାଳିତ



**ନୀଳଗିରି, ୧୫।୧୧ (ସମିସ):** ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ୭୨ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସମିତିର କୃଷକ ବସନ୍ତ କୁମାର ପାତ୍ର ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ସମିତିର ସ୍ଥାୟୀ ସଭାପତି ମନୋରଞ୍ଜନ ଦାସ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଗଦାଧର ପାତ୍ର ସମବାୟ ଦିବସ ପାଳନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସରପଞ୍ଚ ପୁରୁଷୋତ୍ତମ ସେଠୀ ସମବାୟ ସମିତିର ଗଠନ, ସ୍ଥାୟିତ୍ୱ ସହ ଆଗାମୀ ଦିନରେ ଚାଷୀ କିଭଳି ସହଜରେ ଋଣ ପାଇପାରିବେ ସେ ବାବଦରେ ଆଲୋକପାତ କରିଥିଲେ। ଏହି ଅବସରରେ ୮୦ରୁ ଅଧିକ ଚାଷୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ଚାଷୀ ଉପସ୍ଥିତ ରହିଥିବାବେଳେ ପରିଷଦର ସଦସ୍ୟ ଲକ୍ଷ୍ମୀଧର ସ, ପ୍ରଫୁଲ୍ଲ ଦାସ, ବୃନ୍ଦାବନ ବାରିକ, ବାସନ୍ତୀ ସ, ଉପସଭାପତି ସ୍ନିଗ୍ଧା ରାଣୀ ଦାସ, ପିତାମ୍ବର ଧାଉଡ଼ିଆ, ଭୋଳନାଥ ମାଝି, ଆଦିକନ୍ଦ ମଲ୍ଲିକ, ଶମ୍ଭୁନାଥ ନାୟକ, ସାରଥୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷିୟାନ ସାଥୀ କୈଳାସ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

**ସିମୁଳିଆ,୧୫।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତର ବଣାମୁନୀ ପଡିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବ୍ଲକ ଭାରାପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରିଣୀ ରଶ୍ମିରେଖା ସେଠୀଙ୍କ ସଭାପତିତ୍ୱ ଏବଂ ସ୍ୱରୂପାନନ୍ଦ ପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ଓ ସରକାରୀ ଯୋଜନାର ଫାଇଦା ନେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼. ଅଜିତ କୁମାର ସାମଲ ସରକାରଙ୍କ ବିଭିନ୍ନ ଯୋଜନାର ସାମିଲ ହୋଇ ଲାଭ ନେବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରିଣୀ ରେଶମା ରାଣୀ ସିଂ, ୪୦ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ଉପଧକ୍ଷା ହିମାଦ୍ରି ନନ୍ଦିନୀ ମହାପାତ୍ର, ବାଙ୍ଗର ଖଡ଼ିଗଡ଼ିଆ ସରପଞ୍ଚ ଅଞ୍ଜନା ନାୟକ, ଅଣ୍ଡରାଇ ପଞ୍ଚାୟତ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି, ଅବର୍ଝୁଣା ସରପଞ୍ଚ ଲକ୍ଷ୍ମୀଧର ବଳ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୪୪୦ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ୧୩ଟି ଷ୍ଟଲରେ ବିଭିନ୍ନ କୃଷି ଭିତ୍ତିକ ବହୁ ତଥ୍ୟ ସଂପର୍କରେ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ଶ୍ରେଷ୍ଠ ଗୋପାଳକ ଭାବରେ ଇନାୟତପୁର ଗ୍ରାମର ସନ୍ଧ୍ୟାରାଣୀ ନାୟକ, ଶ୍ରେଷ୍ଠ ଛେଳି ଚାଷ ପାଇଁ ଆଙ୍କୁଲା ଗ୍ରାମର ସ୍ୱର୍ଣ୍ଣଲତା ଦତ୍ତ, ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନା ପାଇଁ ବଣାର ଅବଦେଶ ସାହୁ, ଜୈବିକ ପଦ୍ଧତିରେ ମାଛଚାଷ ପାଇଁ ଭୁବନପୁରର ରାମଚନ୍ଦ୍ର ବାରିକ, ମତ୍ସ୍ୟ ପୋଖରୀ ଯୋଜନାରେ ପାଟୁଳିର ସୁଶାନ୍ତ ନାୟକ, ରାମବିନ୍ଧା ମହିଳା ଦୁଗ୍ଧ ଉତ୍ପାଦକ ସମିତି ଲିଃ ପକ୍ଷରୁ କ୍ଷୀର ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ପ୍ରମୁଖଙ୍କୁ ସଫଳ ଚାଷୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସିମୁଳିଆ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରିଣୀ ଗାୟତ୍ରୀ ନାୟକ ଧନ୍ୟବାଦ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ ବ୍ୟାଟେରୀଚାଳିତ ଗାଡ଼ି ପ୍ରଦାନ

**ସିମୁଳିଆ, ୧୫।୧୧ (ସମିସ):** ସିମୁଳିଆ ବିଧାୟକଙ୍କ ଦ୍ୱାରା ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ଅନ୍ତରା ଗ୍ରାମର ଲକ୍ଷ୍ମୀଧର ନାୟକ ଜଣେ ଗରିବ ଓ ଭିନ୍ନକ୍ଷମ ଯୁବକ। ସେ ଚାଲି ବୁଲି ପାରୁ ନ ଥିବାର ଖବର ବିଧାୟକଙ୍କ ନିକଟରେ ପହଞ୍ଚିବା ପରେ ବିଧାୟକ ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ତୁରନ୍ତ ଗାଡି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଅନ୍ତରା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କୁ ନିଜ ବାସଭବନରେ ବ୍ୟାଟେରୀ ଚାଳିତ ଗାଡି ପ୍ରଦାନ କରିଥିଲେ। ସିମୁଳିଆ ବିଧାୟକଙ୍କ ସହିତ ସିମୁଳିଆ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ପୂର୍ବତନ ଅଧକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର, ମଣ୍ଡଳ ସଭାପତି ଅବିନାଶ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ।



# ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ସ୍ଥାନ ପରିବର୍ତ୍ତନ ଦାବି



**ଖଇରା,୧୫।୧୧ (ସମିସ):** ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଶୁକ୍ରବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଶିଳାନ୍ୟାସର ୨୪ଘଣ୍ଟା ନ ପୂରୁଣୁ ସ୍ଥାନ ନିରୂପଣକୁ ନେଇ ବିରୋଧାଭାସ ଆରମ୍ଭ ହୋଇଛି। ଶନିବାର ସାରକୋଣା ସରପଞ୍ଚ ସୁଶାନ୍ତ କୁମାର ନାୟକ, ଗ୍ରାମ କମିଟି ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅତିରିକ୍ତ ତହସିଲଦାର ଗଦାଧର ସେଠୀଙ୍କୁ ଭେଟି ଜାଗା ପରିବର୍ତ୍ତନ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୂର୍ବରୁ ଖାତା ନମ୍ବର ୨୩୫ ପ୍ଲଟ ନମ୍ବର ୭୦୬ର ଉତ୍ତରପୂର୍ବ କୋଣରେ ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ରାଜସ୍ୱ ନୀରିକ୍ଷକ ଜାଗା ଚିହ୍ନଟ କରିଥିଲେ। ହେଲେ ଠିକାଦାର ଇଛା ଅନୁସାରେ ସ୍ଥାନ ପରିବର୍ତ୍ତନ କରି ପ୍ଲଟ ମଝିରେ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିବାରୁ ଏଥିଯୋଗୁଁ ୧ଶହରୁ ଉର୍ଦ୍ଧ୍ୱ ପରିବାର ପ୍ରଭାବିତ ହେବାର ଆଶଙ୍କା ଦେଖାଇଦେଇଛି। ଯଦି ସେହି ସ୍ଥାନରେ କାର୍ଯ୍ୟ କରାଯାଏ ଗ୍ରାମବାସୀ କାର୍ଯ୍ୟବନ୍ଦ କରିବାକୁ ସରପଞ୍ଚ ଚେତାବନୀ ଦେଇଛନ୍ତି।

# ଟେଙ୍ଗରାମାରୀ ସେବାଶ୍ରମରେ ସହିଦ ବିର୍ସାମୁଣ୍ଡା ଜୟନ୍ତୀ

**ଭୋଗରାଇ, ୧୫।୧୧ (ସମିସ):** ଭୋଗରାଇ ବ୍ଲକ ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ ଟେଙ୍ଗରାମାରୀ ସେବାଶ୍ରମ ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ସେବକ ହେମନ୍ତ କୁମାର ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତୀରାଣୀ ମିଶ୍ର ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉତ୍ସର୍ଗୀକୃତ ମହାପୁରୁଷ ମାନଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ସେବାରେ ବ୍ରତୀ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଶୋକ ମିଶ୍ର, ପୂର୍ବତନ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ଉତ୍ତମ ସାମଲ, ବିକାଶ ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଠନମୂଳକ ସମାଜ ଗଢ଼ିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଭୋଗରାଇ, ୧୫।୧୧(ସମିସ):** ଗଠନ ମୂଳକ ସମାଜ ଗଢିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ବାଲେଶ୍ୱର ଜିଲ୍ଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଶୀର୍ଷକ ସେମିନାରରେ ବିଶିଷ୍ଟ ବ୍ୟକ୍ତି ମାନେ ମତ ପ୍ରକାଶ କରିଥିଲେ। ଏଥିରେ ପୌରହିତ୍ୟ କରିଥିଲେ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର। ବେଦପାଠ କରିଥିଲେ ଅଧ୍ୟାପକ ବ୍ରଜବିହାରୀ ପତି। ମଙ୍ଗଳାଚରଣ କରିଥିଲେ ବରିଷ୍ଠ ସାମ୍ବାଦିକ ନରନାରାୟଣ ମିଶ୍ର। ସ୍ୱାଗତ ସଙ୍ଗୀତ ଗାନ ପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ ବରିଷ୍ଠ ସାମ୍ବାଦିକ ବିକାଶ ପାଣିଗ୍ରାହୀ। ମଞ୍ଚ ଆହ୍ୱାନ କରିଥିଲେ ସାମ୍ବାଦିକ ପ୍ରଦୀପ ଦାସ। ସ୍ୱାଗତ ଭାଷଣ ଦେଇଥିଲେ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ ଓ ଦିଲ୍ଲୀପ ଦାସ। ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଲେ ଗଣତାନ୍ତ୍ରିକ ଦେଶରେ ଗଣମାଧ୍ୟମ ଆଜି ବିପଦଗାମୀ ଓ ଅସୁରକ୍ଷିତ। ଏଥିପାଇଁ ଗଣମାଧ୍ୟମ ଦାୟିତ୍ୱ ସମ୍ପନ୍ନ ଓ କର୍ତ୍ତବ୍ୟ ପରାୟଣ ହୋଇ କାର୍ଯ୍ୟ କଲେ ଗଣତନ୍ତ୍ର ସୁଦୃଢ଼ ହେବ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ସତ୍ୟଶିବ ଦାସ ଗଣତନ୍ତ୍ର ସତ୍ତା ହେଲେ ଗଣ ମାଧ୍ୟମ ଓ ଯୁବଶକ୍ତି ହେଲେ ଆମଦେଶର ପ୍ରାଣ ବୋଲି ପ୍ରକାଶ କରିଥିଲେ । କେନ୍ଦୁଝର ଯୋଡ଼ାର ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ମହାନ୍ତି, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ଅଂଶୁମାନ ମହାନ୍ତି, ପୂର୍ବତନ ବ୍ୟାଙ୍କ ଅଧିକାରୀ ଅନୁପ କୁମାର ମିଶ୍ର, ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଜଗଦୀଶ ଚନ୍ଦ୍ର ଗିରି, ଅଧ୍ୟାପକ ଡ. ଧୀରେନ୍ଦ୍ର କୁମାର ଜେନା, ଅଧ୍ୟାପକ ଡ. ଅନୁପ କୁମାର ସାମଲ ପ୍ରମୁଖ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବଶକ୍ତି ଆମଦେଶର ଦ୍ରଷ୍ଟା ଓ ସ୍ରଷ୍ଟା ଭାବେ କାର୍ଯ୍ୟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଶିଷ୍ଟ ବର୍ଷୀୟାନ ସାମ୍ବାଦିକ ତଥା ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଯୋଡ଼ାର ସାମ୍ବାଦିକ ମନୀନ୍ଦ୍ର ସୁନ୍ଦର ବାରିକ, ରମେଶ ଚନ୍ଦ୍ର ମହାପାତ୍ର, ବେଣୁଧର ବେହେରା, ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚାନ୍ଦ, ପ୍ରତାପ ପାତ୍ର, ସୁଶାନ୍ତ କୁମାର ପ୍ରଧାନ, ଡ. ଶ୍ରୀକୁମାର ଘୋଷ, ପ୍ରଦୀପ କୁମାର ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଅଂଶୁମାନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ( ମୁଁ ବି ହେବି ସାମ୍ବାଦିକ) ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୫ ଫୁଟିଆ ନାଗ ଉଦ୍ଧାର

**ବସ୍ତା ବ୍ଲକ, ୧୫।୧୧ (ସମିସ) :** 'ସକାଳ'ର ବାଲେଶ୍ୱର ଜିଲ୍ଲା ବିଜ୍ଞାପନ ଅଧିକାରୀ ଧୃତି ସୁନ୍ଦର ପଣ୍ଡାଙ୍କ ବସ୍ତାସ୍ଥିତ ଘର ବାଡିରୁ ୫ ଫୁଟର ଏକ ନାଗ ସାପ ଉଦ୍ଧାର ହୋଇଛି। ଶନିବାର ସକାଳେ ତାଙ୍କ ଘରେ କାମ ଚାଲିଥିବାବେଳେ ଏକ ଭଙ୍ଗା ଆଜବେଷ୍ଟସ ତଳେ ନାଗ ସାପ ଦେଖି ପରିବାର ଲୋକେ ଭୟଭୀତ ହୋଇ ଯାଇଥିଲେ। ଏ ନେଇ ଶ୍ରୀ ପଣ୍ଡା ଭୋଗରାଇ ଅଞ୍ଚଳର ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ କମଲ ପଣ୍ଡାଙ୍କୁ ଖବର ଦେବା ପରେ ସେ ତାଙ୍କ ବାସ ଭବନ ପହଞ୍ଚି ସାପକୁ ଆୟତ୍ତ କରି କୁଲଡିହା ଅଭୟାରଣ୍ୟରେ ଛାଡ଼ି ଥିବା ଜଣାପଡିଛି।



# ଶିଶୁ ଦିବସ ପାଳିତ

**ବାଲେଶ୍ୱର,୧୫।୧୧(ସମିସ):** ଅନ୍ତର୍ଜାତୀୟ ଶିଶୁ ଦିବସ ତର୍ଜୁମାନ ଟୁଟୋରିଆଲ୍ ପକ୍ଷରୁ ପାଳନ କରାଯାଇଛି। ସଭାପତି ଭାବେ ଉର୍ଦ୍ଦୁ ଶିକ୍ଷକ ହାଫେଜ ଅଜୀମ ବାଲେଶ୍ୱରୀ ଯୋଗ ଦେଇଥିଲେ। ଶିକ୍ଷକମାନେ ତାଙ୍କର ଭାଷଣରେ ଶିଶୁମାନଙ୍କ ସଠିକ ନୈତିକ ଶିକ୍ଷା, ନୈତିକ ଉନ୍ନତି ଏବଂ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ସମାଜର ସମମିଳିତ ଦାୟିତ୍ୱ ଉପରେ ଜୋର ଦେଇଥିଲେ। ଶେଷରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ଉପହାର ବିତରଣ କରାଯାଇଥିଲା।




# ବଣପାରିଆ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ



**ଖଇରା,୧୫।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇର ବ୍ଲକ ଅଧୀନ ବଣପାରିଆ ପ୍ରାଥମିକ ବିଦ୍ୟାଳୟ ଏବଂ ଆମ ଅଙ୍ଗନବାଡି କେନ୍ଦ୍ର ମିଳିତ ସହଯୋଗରେ ପବିତ୍ର ଶିଶୁ ଦିବସ ପାଳନ ସହିତ ପ୍ରବନ୍ଧ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଅନୁଷ୍ଠିତ ହୋଇ ଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ପ୍ରଶାନ୍ତ ବେହେରା, ଶ୍ୟାମସୁନ୍ଦର ପଣ୍ଡା, ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପାଠୀ, ଶ୍ରୀଧର ପଲେଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଭୁବନ ଚନ୍ଦ୍ର ବାରିକ, ମଞ୍ଜୁଲତା ରଣା, ଶୁଭେନ୍ଦୁ କୁମାର ପରିଡା, ପଦ୍ମନାଭ ପଣ୍ଡା, ରଘୁନାଥ ପତ୍ରୀ, ରାମଚନ୍ଦ୍ର ପତ୍ରୀ ତଥା ସମସ୍ତ ବଣପାରିଆ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

# ହାଡ଼ଭଙ୍ଗା ଶୀତରେ ଥରୁଛି ମୟୂରଭଞ୍ଜ

**କରଞ୍ଜିଆ, ୧୫।୧୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଦିନକୁ ଦିନ ପାରଦ ଖସିବାରେ ଲାଗିଛି। ତାପମାତ୍ରା ଯେତିକି ଖସୁଛି ସେତିକି ଥଣ୍ଡା ବଢ଼ିବାରେ ଲାଗିଛି। ଜିଲ୍ଲାରେ ହାଡ଼ଭଙ୍ଗା ଶୀତ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଲାଣିବ। ଶନିବାର ଶିମିଳିପାଳ ଉପରବାରାକାମୁଡ଼ାରେ ସର୍ବନିମ୍ନ ୩ ଡ଼ିଗ୍ରୀ ଥିବା ବେଳେ ଚହଲାରେ ୭, ବରେହିପାଣିରେ ୯, ଗୁରୁଗୁଡ଼ିଆରେ ୧୦, ରାମତୀର୍ଥରେ ୧୪, କିଆଝରୀରେ ୧୩ ଓ ସାତକୋଶିଆରେ ୧୪ ଡ଼ିଗ୍ରୀ ରହିଛି। ପ୍ରବଳ ଥଣ୍ଡା ପଡୁଥିବାରୁ ଲୋକେ ଗାଁ ଗହଳିରେ ଅଧିକାଂଶ ସ୍ଥାନରେ ନିଆଁ ଜାଳି ଘଣ୍ଟା ଘଣ୍ଟା ବସିରହୁଛନ୍ତି। ଥଣ୍ଡା ସହିତ କୁହୁଡି ମଧ୍ୟ ଅନେକ ସମୟ ପର୍ଯ୍ୟନ୍ତ ପଡ଼ି ରହୁଛି। ସକାଳୁ ଘରୁ ବାହାରିବା କଷ୍ଟ ହେଉଛି। ସନ୍ଧ୍ୟା ହେଲେ ବଜାର ଖାଁ ଖାଁ। ଏବେ ଶୀତ ବସ୍ତ୍ର ଦୋକାନରେ ଲାଗିଛି ଭିଡ଼। ଗତକାଲି ମୟୂରଭଞ୍ଜ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ଶିମିଳିପାଳର କୋର ଏବଂ ବଫର ଅଞ୍ଚଳରେ ଦୁଇ ଦିନ ହେଲା ହାଡ଼ଭଙ୍ଗା ଶୀତ ପଡୁଛି। ଆଗକୁ ଥଣ୍ଡା ବଢ଼ିବାରେ ଯଥେଷ୍ଟ ସମ୍ଭାବନା ରହିଛି। ଥଣ୍ଡା ପାଇଁ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ ଲାଗିଲାଣି।



# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ନୀଳଗିରି, ୧୫।୧୧ (ସମିସ):** ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ରାଇପାଳ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ବାବା ବିର୍ସା ମୁଣ୍ଡା ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ବାହାମଣୀ ମାର୍ଣ୍ଣୀ, ପୂର୍ବତନ ସରପଞ୍ଚ ସରସ୍ୱତୀ ମୁର୍ମୁ, ଆରବନ୍ଦ ସରପଞ୍ଚ କୁଳମଣି ନାୟକ, ସରେନ୍ ବସ୍କେ, ଉପେନ୍ଦ୍ର ଦାସ, ଭୀମ ମୁର୍ମୁ, ବଳଭଦ୍ର ବାସ୍କେ, ରୁପାୟେ ଟୁଡୁ, କଙ୍କା ଟୁଡୁ, ଅକ୍ଷୟ ମାଝି, ରଞ୍ଜନ ବାରିକ, ଅରବିନ୍ଦ ଦାସ, ରଞ୍ଜନ ଶଙ୍ଖୁଆ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ବୈଶିଙ୍ଗା, ୧୫।୧୧(ସମିସ):** ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୁଲିସ। ଅଭିଯୋଗ ଅନୁସାରେ, ଗତ ୧୨ ତାରିଖରେ ନାବାଳିକା ଜଣକ ନିଜର ସାଙ୍ଗ ଘରୁ ଫେରି ଟ୍ୟାପରୁ ପାଣି ନେଉଥିଲେ। ଏହି ସମୟରେ ଉକ୍ତ ଗ୍ରାମ ଅଧୀନ ଜରକାସାହିର ଟେମ୍ପା ମାଝୀ ଛୁରୀ ଦେଖାଇ ନିଛାଟିଆ ଜାଗାରେ ଦୁଷ୍କର୍ମ କରି ଫେରାର ହୋଇଯାଇଛି। ଦୀର୍ଘ ସମୟଧରି ପରିବାରବର୍ଗ ଏଣେତେଣେ ଖୋଜାଖୋଜି କରିବା ପରେ ମଧ୍ୟ ନାବାଳିକାକୁ ପାଇନଥିଲେ। ପରେ ପୀଡିତା ଜଣକ ଘରେ ପହଞ୍ଚି ସବୁ କଥା ପ୍ରକାଶ କରିଥିଲା। ଏ ନେଇ ହରିପୁର ଗ୍ରାମରେ ଏକ ବିଚାର କରିବା ପାଇଁ ବୈଠକ ବସିଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରିନଥିବାରୁ ପରିବାରବର୍ଗ ବୈଶିଙ୍ଗା ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

ଜନଜାତୀୟ ଗୌରବ ଦିବସ

# ଜୟନ୍ତୀରେ 'ଭଗବାନ' ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି







କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମରେ ବିର୍ସା ଜୟନ୍ତୀ

କେନ୍ଦୁଝର,୧୫।୧୧(ସମିସ):

'ଭଗବାନ' ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କେନ୍ଦୁଝରଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଡିଟୋରିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଦିବାସୀ ସାହସ ଓ ସ୍ୱାଭିମାନର ପ୍ରତୀକ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ବିଶିଷ୍ଟ ବ୍ୟକ୍ତି, ଛାତ୍ର, ଅଧିକାରୀ ଏବଂ ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନେ ଏକତ୍ରିତ ହୋଇଥିଲେ।

ମୁଖ୍ୟଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ସମାବେଶକୁ ସମ୍ବୋଧିତ କରି ଭଗବାନ ବିର୍ସା ମୁଣ୍ଡାଙ୍କ କାଳଜୟୀ ଅବଦାନ ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ, ସାଂସଦ କହିଥିଲେ ଯେ ବିର୍ସା ମୁଣ୍ଡା କେବଳ ଜଣେ ଆଦିବାସୀ ନାୟକ ନଥିଲେ ବରଂ ସାହସ ଏବଂ ପ୍ରତିରୋଧର ଜାତୀୟ ପ୍ରତୀକ ଥିଲେ। ନିର୍ଯାତନା ବିରୋଧରେ ତାଙ୍କର ଲଢ଼େଇ ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ତାଙ୍କର ଦୃଷ୍ଟିକୋଣ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସୁଛି। ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଆମର ଜନଜାତି ସମ୍ପ୍ରଦାୟର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଆମର ସାମୂହିକ ଦାୟିତ୍ୱ। ସେ ଆଦିବାସୀ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ବିର୍ସା ମୁଣ୍ଡାଙ୍କ ତ୍ୟାଗ, ଏକତା ଏବଂ ସ୍ୱାଭିମାନର ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଅନୁରୋଧ କରିଥିଲେ।

ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, କେନ୍ଦୁଝର ସମନ୍ୱିତ ଆଦିବାସୀ କଲ୍ୟାଣ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରକଳ୍ପ ପ୍ରଶାସକ, ଶିବଶଙ୍କର ମିଶ୍ର ସ୍ୱେଚ୍ଛାସେବୀ କମଳାକାନ୍ତ ସିଂ, ମମିତା ନାଏକ, କିରଣବାଳା ନାଏକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଆଦିବାସୀ ସମ୍ପ୍ରଦାୟର ପ୍ରାଣବନ୍ତ ଏବଂ ଐତିହ୍ୟକୁ ପ୍ରତିଫଳିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ସକାଳେ ସାଂସଦ ଅନନ୍ତ ନାୟକ, ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଭଗବାନ ବିର୍ସା ମୁଣ୍ଡା, ଗୁରୁ ଗୋମକେ ରଘୁନାଥ ମୁର୍ମୁ ଏବଂ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶା ଏବଂ ଭାରତର ସାମାଜିକ ଏବଂ ସାଂସ୍କୃତିକ ପରିଦୃଶ୍ୟରେ ସେମାନଙ୍କ ଅମ୍ଳାନ ଅବଦାନକୁ ସମ୍ମାନ ଜଣାଇଥିଲେ। ଆଦିବାସୀ କଲ୍ୟାଣ ପଦକ୍ଷେପଗୁଡ଼ିକୁ ଆହୁରି ମଜବୁତ କରିବା ଏବଂ ବିର୍ସା ମୁଣ୍ଡାଙ୍କ ଦ୍ୱାରା ପ୍ରଦତ୍ତ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ବୈଦାଖିଆ ଆଶ୍ରମ ସ୍କୁଲରେ ଜୟନ୍ତୀ ସଭା

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ବୈଦାଖିଆ ଆଶ୍ରମ ସ୍କୁଲରେ ଜନଜାତି ଗୌରବ ୧୫୦ତମ ବିର୍ସାମୁଣ୍ଡା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନ୍ମଥ ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ବହୁ ସଂଖ୍ୟାରେ ଅଭିଭାବକମାନେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ରଞ୍ଜନ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ଏବିଇଓ



ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଶାସଙ୍ଗ କ୍ଲଷ୍ଟରର ସିଆରସିସି ଅଞ୍ଜନ କୁମାର ଦାସ, ଡବ୍ଲ୍ୟୁଇଓ ଆକାଶ କୁମାର ଜେନା, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସୁଭଦ୍ରା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗୌରୀଦତ୍ତା ମାଝୀ ବିବରଣୀ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଧାମୁଡ଼ିଆ, ଅମୀୟ ରଞ୍ଜନ ରାଉତ, ଜଗନ୍ନାଥ ବାରିକ ବିଭିନ୍ନ ସୂଚନା ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷାବିଭାଗ, ପ୍ରାଣୀ ବିଭାଗ, ଉଦ୍ୟାନ ବିଭାଗ, ମିଲେଟ୍ ମିଶନ ଓ ତହସିଲ ବିଭାଗ ଅଧିକାରୀମାନେ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମରେଇଗାଁରେ ରକ୍ତଦାନ ଶିବିର: ୪୦ ୟୁନିଟ୍ ସଂଗ୍ରହ

ହାଟଡ଼ିହୀ,୧୫।୧୧(ସମିସ): ହାଟଡ଼ିହୀ ବ୍ଲକ୍ ମରେଇଗାଁସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର କମିଟି ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ସମସ୍ତ ସଭ୍ୟଙ୍କ ସହଯୋଗରୁ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ତ୍ରୈଲୋକ୍ୟନାଥ ଜେନା ଓ ସମ୍ପାଦକ ଚିନ୍ତାମଣି ଜେନା ସଂଯୋଜନା କରିଥିଲେ। ବିଭିନ୍ନ



ସମୟରେ ରକ୍ତହୀନତା ରୋଗଙ୍କୁ ରକ୍ତ ଯୋଗାଇ ଦେବା ଲକ୍ଷ୍ୟନେଇ ମନ୍ଦିର କମିଟି ସଭ୍ୟମାନେ ଏହି ଶିବିରକୁ ଆୟୋଜନ କରିଥିଲେ। ଆନନ୍ଦପୁର ଉପଖଣ୍ଡ ମେଡିକାଲର ରକ୍ତଭଣ୍ଡାରରୁ ଡ଼ାକ୍ତରୀ ଟିମ୍ ଆସିଥିଲେ। ମୋଟ୍ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ଲକ୍ଷ୍ମୀପ୍ରିୟା ଗିରି, ଅରମିତା ଜେନା, ସ୍ନିଗ୍ଧାରାଣୀ ଘଡ଼େଇ, ନିରଞ୍ଜନ ଜେନା, ସନ୍ତୋଷ କୁମାର ସା, ସୁଦାମ ଚରଣ ଜେନା, ସୁଦର୍ଶନ ଘଡ଼େଇ, ମହେଶ୍ୱର ଶଙ୍ଖୁଆ, ଦେବେନ୍ଦ୍ର ଜେନା, ସନ୍ତୋଷ ମହାନ୍ତି, ସନାତନ ଜେନା, ରତ୍ନାକର ଜେନା, ମହେଶ୍ୱର ମହାନ୍ତି, ଦୟାନିଧି ଗିରି, ଘନଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲା ବେଳେ ଜଗନ୍ନାଥ ମହାନ୍ତି, ଅଲେଖଚନ୍ଦ୍ର ଜେନା, ଗଣେଶ ମହାନ୍ତି, ପଦ୍ମଲୋଚନ ଜେନା, ଅଜୟ ଜେନା ସହଯୋଗ କରିଥିଲେ।

## ଡିସ୍କ-ଥ୍ରୋ'ରେ ଆଦର୍ଶ ବିଦ୍ୟାଳୟର ଛାତ୍ରଙ୍କ ସଫଳତା



ତେଲକୋଇ, ୧୫।୧୧(ସମିସ): ବାଲେଶ୍ୱରଠାରେ ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ବୟସ ଖେଳାଳିଙ୍କୁ ନେଇ ଗେମ ଓ ସ୍ପୋର୍ଟସରେ ତେଲକୋଇ ବ୍ଲକ ଓରିୟାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ତଥା ସଲେଇକାନ ଗ୍ରାମର ପୁଷ୍ପକେଶର ରାଉତଙ୍କ ପୁତ୍ର ସାଇ ପ୍ରତ୍ୟୁଷ ରାଉତ ଡିସ୍କ ଥ୍ରୋ'ରେ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ଜାତୀୟସ୍ତରୀୟ ଖେଳରେ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିଛନ୍ତି। ସାଇ ପ୍ରତ୍ୟୁଷଙ୍କୁ ବିଦ୍ୟାଳୟର ଅଧକ୍ଷ ରଘୁନାଥ ପରିଡା ଶୁଭେଚ୍ଛା ଜଣାଇବା ସହ ଜାତୀୟ ସ୍ତରୀୟ ଖେଳରେ ଭଲ ଖେଳିବାର ଆଶୀର୍ବାଦ କରିଛନ୍ତି।

## ପିଏନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ

କେନ୍ଦୁଝର,୧୫ ।୧୧(ସମିସ): କେନ୍ଦୁଝରସ୍ଥିତ ପିଏନ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡା. କୁଳମଣି ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଭାଗୀରଥି ଗିରି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଅଧ୍ୟାପିକା ସ୍ନେହାଶ୍ରୀ ପୃଷ୍ଟିଙ୍କ ଦ୍ୱାରା ପରିଚାଳିତ ଏହି



କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକଅଧ୍ୟାପିକାଶୈଳେନ୍ଦ୍ରି ସେଠୀ, ଅଧ୍ୟାପିକା ପ୍ରତିଭା ମହାନ୍ତ ସହିତ ନିର୍ଶେକ ରାୟଗୁରୁ ସାହୁ ଏବଂ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରାଚୀଶ୍ୱେତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଲିଆମେଣ୍ଟାରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା



ଆନନ୍ଦପୁର, ୧୫।୧୧ (ସମିସ): ଘସିପୁରା ବ୍ଲକ୍ ଖାଲିଆମେଣ୍ଟା ଗ୍ରାମର କେନାଲ କୂଳରେ ନୂତନ ମା' ଲକ୍ଷ୍ମୀଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ମନ୍ଦିରର ରନୁମୁଦ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ୨୬୦ରୁ ଅଧିକ ଶ୍ରଦ୍ଧାଳୁ ବୈତରଣୀ ନଦୀରୁ କଳସ ବୁଡ଼ାଇ ଚାଲିଚାଲି ଖାଲିଆମେଣ୍ଟା ପର୍ଯ୍ୟନ୍ତ ଆସି ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ମଣ୍ଡପ ନିକଟରେ କଳସ ସ୍ଥାପନା କରିଥିଲେ। ଆଚାର୍ଯ୍ୟ ପଣ୍ଡିତ ଧର୍ମାନନ୍ଦ ପତି, ମନୋରଞ୍ଜନ ପଣ୍ଡା, ଆନନ୍ଦ ପାଣିଗ୍ରାହୀ, ଚଗଲା ଦାଶ, ନିଗମାନନ୍ଦ ପତିଙ୍କ ସହ ମୁଖ୍ୟ ସଂକଳ୍ପରେ ଗ୍ରାମର ସମାଜସେବୀ ସୁରେନ୍ଦ୍ର ଭୂୟାଁ ଏବଂ ତାଙ୍କ ପତ୍ନୀ ପ୍ରୀତିନନ୍ଦା ଭୂୟାଁ ଯୋଗ ଦେଇଥିଲେ। ତିନିଦିନ ଧରି ଏହି ପୂଜାକାର୍ଯ୍ୟ ଲାଗିଥିବାବେଳେ ଗ୍ରାମର ଆବାଳବୃଦ୍ଧବନିତା ସହଯୋଗ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଶନିବାର ଅନୁଷ୍ଠିତ ପୂର୍ଣ୍ଣାହୁତି ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସାଂସଦ ଅନନ୍ତ ନାୟକ, ଘସିପୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁର, ବିଜେପି ନେତା ଭଗବାନ ସାହୁ, ଦେବେନ୍ଦ୍ର ଜେନା, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ସାଇଁକୁଳରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ପ୍ରସ୍ତୁତି

ଆନନ୍ଦପୁର, ୧୫।୧୧ (ସମିସ): ଘସିପୁରା ବ୍ଲକ ସାଇଁକୁଳ ହିଙ୍ଗୁଳା ଆଥଲେଟିକ



ଆସୋସିଏସନ୍ ପକ୍ଷରୁ ୨୦୨୬ ଜାନୁଆରୀ ୧୧ ତାରିଖରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଗୋପୀନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହା ଜାନୁୟାରୀ ୨୫ ତାରିଖରେ ଉଦଯାପିତ ହେବ। ଏଥିରେ ଓଡ଼ିଶା ଓ ରାଜ୍ୟ ବାହାରୁ ୮ ଟି ଦଳ ଅଂଶଗ୍ରହଣ କରିବେ। ଉକ୍ତ ସଭାରେ ସମ୍ପାଦକ ତ୍ରିଲୋଚନ ପରିଡ଼ା, ବରିଷ୍ଠ ସଦସ୍ୟ ବିପିନ୍ ବିହାରୀ ମହାନ୍ତି, ନନ୍ଦକିଶୋର ବେହେରା, ହିମାଦ୍ରିନାଥ ଜେନା, ରବିନ୍ଦ୍ର ତ୍ରିପାଠୀ, ଶିବଚରଣ ମହାରଣା, ବିନୋଦ ବିହାରୀ ଜେନା, ବ୍ରହ୍ମାନନ୍ଦ ପଟ୍ଟନାୟକ, ପ୍ରଭାତ ସ୍ୱାଇଁ, ବିଭାସ ନାୟକ, ବିଜୟ ଜେନା, ମାର୍କଣ୍ଡ ସାମଲ, ଶ୍ରୀକାନ୍ତ ସେନାପତି, ଜଗବନ୍ଧୁ ପରିଡା, ଚୈତନ୍ୟ ଦେହୁରୀ, ରମୁ ଚକ୍ର, ପ୍ରାଣକୃଷ୍ଣ ପରିଜା, ଆନନ୍ଦ ନାୟକ, ଗଗନ ବିହାରୀ ପରିଡ଼ା, ବିଷ୍ଣୁଚରଣ ସାମଲ, ଚିତ୍ତରଞ୍ଜନ ପରିଡ଼ା, ତାରିଣୀ ଶଙ୍କର ପରିଡା ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସମ୍ପାଦକ ସ୍ୱର୍ଗତ ଜନାର୍ଦ୍ଦନ ଦାଶଙ୍କ ଏକାଦଶାହ ଅବସରରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପରବର୍ତ୍ତୀ ବୈଠକ ହେବାକୁ ସ୍ଥିର କରାଯାଇଛି।

■ ମାଧପୁର ମା'କାଳୀ କମିଟିର ବୈଠକ

## ନୂତନ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ



କେନ୍ଦୁଝର, ୧୫।୧୧(ସମିସ): ମାଧପୁର ମା'କାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ର ବଡ଼ଘାଗରାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମନ୍ଦିରକୁ ପାଖାପାଖି ୫୦ ବର୍ଷ ସମୟ ହୋଇଯାଇଛି। ଯଥାଶୀଘ୍ର ଏକ ନୂତନ ମନ୍ଦିର ନିର୍ମାଣ ପାଇଁ ବୈଠକରେ ନିଷ୍ପତ୍ତିକ୍ରମେ ପରିଚାଳନା କମିଟି ପକ୍ଷରୁ ଏକ ନିର୍ମାଣ କମିଟି ଗଠନ କରି ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କମିଟିର ସଂଯୋଜକ ଭାବେ ପ୍ରଫୁଲ୍ଲ ସାହୁ, ନିର୍ମାଣ ସମ୍ପାଦକ ପ୍ରିୟବ୍ରତ ଜେନା, ଉନ୍ନୟନ ସମ୍ପାଦକ ଭୂଷିତ ଚାୱଡା ଏବଂ ନିର୍ମାଣ କୋଷାଧ୍ୟକ୍ଷ ଭାବରେ ଭଗବାନ ନାଏକ ଚୟନ ହୋଇଛନ୍ତି। ଏହାପରେ ଶ୍ରଦ୍ଧାଳୁ ଏବଂ ମା'କାଳୀଙ୍କର ଭକ୍ତମାନେ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## କୋଡ଼ପଡ଼ା ପଞ୍ଚାୟତରେ ମହାଦୁର୍ନୀତି ଅଭିଯୋଗ

ଆନନ୍ଦପୁର, ୧୫।୧୧(ସମିସ): ଆନନ୍ଦପୁର ବ୍ଲକ କୋଡ଼ପଡ଼ା ପଞ୍ଚାୟତର ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦୁଝର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରି ନିରାଶ ହେବା ପରେ ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିବା ଜଣାଯାଇଛି। ପଞ୍ଚାୟତରେ ଏକାଧିକ ପୋଖରୀ ଗତ ତିନିବର୍ଷ ହେଲା କୌଣସି ନିଲାମ କରାଯାଇ ନଥିବା ବେଳେ କିଛି ବ୍ୟକ୍ତି ଏହି ପୋଖରୀରେ ମାଛଚାଷ କରୁଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ପାଖାପାଖି ୫ ଏକର ଚାଷଜମି ଗତ ଦୁଇବର୍ଷ ହେଲା ନିଲାମ କରା ନଯାଇ ଧାନଚାଷ ହେଉଥିବାବେଳେ ନିଲାମ ଅର୍ଥକୁ ଭତିରିଆ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ପଞ୍ଚାୟତର ଦୋକାନ ଘର, ଗୋଦାମଘରର ମାସିକ ଭଡ଼ା ଗତ ଦୁଇବର୍ଷ ହେଲା ରସିଦ କଟା ନଯାଇ ହଡ଼ପ କରାଯାଉଥିବା ନେଇ ଉଲ୍ଲେଖ କରାଯାଇଛି। ଏହି ଦୁର୍ନୀତିରେ ପଞ୍ଚାୟତର ସରପଞ୍ଚ ଓ ପିଇଓ ସାମିଲ ରହିଥିବା ନେଇ ସ୍ଥାନୀୟ ବାସିନ୍ଦା ଲକ୍ଷ୍ମୀଧର ସାହୁ, ପ୍ରମୋଦ କୁମାର ତ୍ରିପାଠୀ, କାର୍ତ୍ତିକ ମହାରଣା, ଦିପୁରଞ୍ଜନ ସାହୁ, ଅଞ୍ଜନ କୁମାର ବାରିକ, ବସନ୍ତ କୁମାର ସା, ଯଦୁମଣି ଓଝା, ଆର୍ତ୍ତତ୍ରାଣ ନାୟକ, ଆଦିତ୍ୟ ବେହେରା, ବଳରାମ ଓଝା, ଅଜୟ କୁମାର ପଣ୍ଡା, ତ୍ରିଲୋଚନ ଓଝାଙ୍କ ସମେତ ଅନ୍ୟମାନେ




ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ, କେନ୍ଦୁଝର ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମିୟ ରାଉତ କହିଛନ୍ତି, ୨୦୨୨-୨୩ ପରଠାରୁ ଚାଷଜମି ଓ ପୋଖରୀ ନିଲାମ କେହି ନେଇନାହାନ୍ତି। ଆସିଥିବା ଅଭିଯୋଗର ତଦନ୍ତ କରି ଉପରିସ୍ଥ ଅଧିକାରୀଙ୍କୁ ସେ ଜଣାଇବେ।

## ସରକାରୀ ନିର୍ଦ୍ଦେଶକୁ ବେଖାତିର; ଗୋଚର ଜମିରେ ଗୃହ ନିର୍ମାଣ

ହାଟଡ଼ିହୀ,୧୫।୧୧(ସମିସ):

ହାଟଡିହୀ ବ୍ଲକ୍ ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମରେ ଗୋଚର ଜମିରେ ଗୃହ ନିର୍ମାଣ ଚାଲିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ୨୦୨୩ରେ ତତ୍କାଳୀନ ଡଅଁର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଜବରଦଖଲକାରୀଙ୍କ ବିରୋଧରେ କେସ୍ ନଂ ୪୨/୨୦୨୩ ଅନୁଯାୟୀ ଏକ ଜବରଦଖଲ ମାମଲା ପଞ୍ଜିକୃତ କରିବା ସହ ଜରିମାନା ଧାର୍ଯ୍ୟ କରିଥିଲେ। ଏପରିକି ଘର ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ବି ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତି ଜଣକ ଘର କାମ ସମ୍ପୂର୍ଣ୍ଣ କରି ଅଧିକରୁ ଅଧିକ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା ଗ୍ରାମରେ ଗୋରୁଗାଈ ଚରିବାକୁ ସ୍ଥାନର ଘୋର ଅଭାବ ଦେଖାଦେଇଛି। ଏନେଇ



ଗ୍ରାମର ରଞ୍ଜନ ବାରିକ ନାମକ ଜଣେ ବ୍ୟକ୍ତି ହାଟଡିହୀ ତହସିଲଦାର, ଆନନ୍ଦପୁର ଉପଜିଲ୍ଲାପାଳ, କେନ୍ଦୁଝର ଜିଲ୍ଲାପାଳ, ରାଜସ୍ୱ କମିସନର, ରାଜସ୍ୱମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୋଚର ଜମିରେ କୌଣସି ନିର୍ମାଣ କାର୍ଯ୍ୟ କରାଯିବାକୁ ନିୟମ ନଥିବା ବେଳେ ସୋଲପଟା ମୌଜାର ଜଣେ ବ୍ୟକ୍ତି ଗୋଚର ଜମିରେ ଏକ ବିରାଟ ପକ୍କାଘର ନିର୍ମାଣ କରୁଛନ୍ତି। ଡଅଁର ରାଜସ୍ୱ ସର୍କଲ ଅଧୀନସ୍ଥ ସୋଲପଟା ମୌଜାର ଖାତା ନଂ-୧୩୪, ପ୍ଲଟ-ନଂ ୬୨୪ କିସମ ଗୋଚର ଥିବାବେଳେ ତାହା ଉପରେ ଗ୍ରାମର ଜଣେ ବ୍ୟକ୍ତି ଏକ ଗୃହ ନିର୍ମାଣ କରିଛନ୍ତି। ଏହାଦ୍ୱାରା ଗ୍ରାମର ଗୋଚର ଜମି ସଙ୍କୁଚିତ ହେବା ସହ ଗୋରୁଗାଈ ଚରିବାରେ ଅସୁବିଧା ହେଉଛି। ଗ୍ରାମବାସୀଙ୍କ ଦାବି ପରେ ତହସିଲ ପକ୍ଷରୁ ୧୯.୧୨.୨୦୨୩ ତାରିଖରେ ଏକ ନୋଟିସ କରାଯାଇ ଜବରଦଖଲକାରୀଙ୍କୁ ୩୦ଦିନ ମଧ୍ୟରେ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି ଉକ୍ତ ନୋଟିସ୍ ଜାରି ହେବା ସତ୍ତ୍ୱେ ଜବରଦଖଲକାରୀ ଜମି ଖାଲି କରିନାହାନ୍ତି, ବରଂ ଅଧିକରୁ ଅଧିକ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି ଜବରଦଖଲକାରୀଜଣକଙ୍କର ପର୍ଯ୍ୟାପ୍ତ ଜମି ସୋଲପଟା ମୌଜାରେ ଅଛି। ତୁରନ୍ତ ଏହି କୋଠାଘରକୁ ଉଚ୍ଛେଦ କରିବାକୁ ରଞ୍ଜନ ବାରିକ ଦାବି କରିଛନ୍ତି। ଏ ସମ୍ପର୍କରେ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ଦେବାକୁ କହିଛନ୍ତି, ରିପୋର୍ଟ ଆସିଲେ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

## ଟ୍ରାକ୍ଟରରୁ ଖସି ପଡ଼ି ଚାଳକଙ୍କ ମୃତ୍ୟୁ

ତୁରୁମୁଙ୍ଗା, ୧୫।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବଳଭଦ୍ରପୁର ଗ୍ରାମ ରାସ୍ତାରେ ଏକ ବୋଇତାଲୁ ବୋଝେଇ ଟ୍ରାକଟର ଚାପାରେ ଡ୍ରାଇଭରଙ୍କ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ଥାନା ତୋଣ୍ଡ ଗ୍ରାମର ରାଉତ ମୁଣ୍ଡାଙ୍କ ପୁଅ ସୁନିଆ (୩୪)। ସୁନିଆ ଶୁକ୍ରବାର ଟ୍ରାକ୍ଟର ଯୋଗେ ବୋଇତାଲୁ ଲୋଡ କରି ଯାଉଥିବା ସମୟରେ କୌଣସି କାରଣରୁ ସିଟରୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଉପରେ ମଝି ଚକ ଚଢ଼ି ଯାଇଥିଲା। ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ବେକରେ ଓଢଣୀ ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

ବଡ଼ସାହି,୧୫ ।୧୧(ସମିସ): ବଡ଼ସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମରେ ନିଜ ମାମୁଁ ଘରେ ରହି ଆସୁଥିବା ଜଣେ ନାବାଳିକା ଶନିବାର ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ପରିବାର ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଶନିବାର ସକାଳେ ମାମୁଘର ଲୋକେ ନିଜନିଜ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକ ଜଣକ ଘର ଭିତରେ ଓଢଣୀ ସହାୟତାରେ ଫାଶୀଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘରକୁ ଫେରି ତାଙ୍କ ଅଜା ଦେଖିବାପରେ ଆଖପାଖ ଲୋକଙ୍କୁ ଡାକି ବନ୍ଦ କୋଠରୀ ଭିତରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ପିତାମାତା ସହଭାଗିତା କାର୍ଯ୍ୟକ୍ରମ



ବଡସାହି,୧୫।୧୧(ସମିସ): ବଡସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ଅବସରରେ ଏକ ପିତାମାତା ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କୋଚିଲାଖୁଣ୍ଟା ସରପଞ୍ଚ ତପୋଇ ସିଂ, ସମିତି ସଭ୍ୟ ରାମଚନ୍ଦ୍ର ନାଏକ, ଶିକ୍ଷା କମିଟିର ଉପସଭାପତି ଓ ବିଭିନ୍ନ ଲାଇନ ବିଭାଗ ଯଥା କୃଷି, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ମିଶନ ଶକ୍ତିର ଅଧିକାରୀ ଉପସ୍ଥିତ ହୋଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ନାରାୟଣ ନାୟକ, ଶିକ୍ଷୟିତ୍ରୀ ରଂଜିତା ଜେନା, ଲିଲିମା ମଣ୍ଡଳ ପ୍ରମୁଖ ବିଦ୍ୟାଳୟର ସୁରକ୍ଷା ଓ ନିରାପତା, ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଓ ଜୀବନ କୋ÷ଶଳ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ସପ୍ତମ ଶ୍ରେଣୀର ଛାତ୍ରୀ ଇନ୍ଦୁ ନାଏକ ଓ ସ୍ମୃତିରେଖା ନାଏକଙ୍କ ନେତୃତ୍ୱରେ ଛାତ୍ରୀମାନେ ଆକାର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଲୁଗୁ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ



ଶରତ,୧୫।୧୧(ସମିସ): ଶନିବାର ଶରତଠାରେବୀର ବିର୍ସା ମୁଣ୍ଡା ସ୍ମୃତି କମିଟି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ରାଣୀପୋଖରୀ ଗ୍ରାମ ପଞ୍ଚାୟତର ସରପଞ୍ଚ ପୂର୍ବତନ ସରପଞ୍ଚ ତଥା ସାମାଜିକକର୍ମୀ ମାର୍କଣ୍ଡ ହେମ୍ବ୍ରମଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ କପ୍ତିପଦା ବ୍ଲକ ଅଧ୍ୟକ୍ଷ ସଙ୍ଗା ପାଳିଆ, ଶରତ ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରସାଦ ସୋରେନ, ବର୍ତ୍ତମାନର ଶରତ ସରପଞ୍ଚ ପଦ୍ମାବତୀ ସିଂ, ଗାମାଏ ରୀମିଲ ଗୋଇପାଇ, ସମାଜସେବୀ ଲାଦୁରା ହାଇବୁରୁ ପ୍ରମୁଖ ଉପସ୍ଥିତ ରହି ଶହୀଦ ବିର୍ସା ମୁଣ୍ଡାଙ୍କ ଜୀବନୀ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଶେଷରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

### ଅନିଶ୍ଚିତତା ମଧ୍ୟରେ ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର

# ରାଜନୈତିକ ଅଭିସନ୍ଧି ପାଇଁ ଯୋଜନା ଦିଗହରା






ରାଇରଙ୍ଗପୁର,୧୫।୧୧(ସମିସ):

କୁନି କୁନି ଶିଶୁଙ୍କୁ ପ୍ରାକ ଶିକ୍ଷା ପ୍ରଦାନ କରୁଥିବା ବହୁ ଅଙ୍ଗନବାଡ଼ିକୁ ଆଦର୍ଶ କେନ୍ଦ୍ରଭାବେ ପରିଣତ କରାଯିବା ଯୋଜନା ଏବେ ଦିଗହରା ହୋଇଛି। ଏହା ପୂର୍ବ ସରକାରଙ୍କ ଯୋଜନା ହୋଇଥିବାରୁ ରାଜନୈତିକ ଅଭିସନ୍ଧି ରଖି ବର୍ତ୍ତମାନର ବିଜେପି ସରକାର ଏହାକୁ ଅଗ୍ରଗତି କରିବାରେ କୁଣ୍ଠାବୋଧ କରୁଛନ୍ତି। ଫଳରେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଉନ୍ନତମାନର ପ୍ରାକ ଶିକ୍ଷା ପ୍ରଦାନ କରିବାରେ ବାଧକ ସାଜିଛି। ତତ୍କାଳୀନ ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁଙ୍କୁ ଖେଳକୁଦ ସମେତ ଗର୍ଭବତୀ, ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ବିଶେଷ ପଦକ୍ଷେପ ପାଇଁ ଅଙ୍ଗନବାଡ଼ି ଗୁଡିକ ଆଦର୍ଶ ଅଙ୍ଗନବାଡ଼ି ଭାବେ ପରିଣତ କରିବା ନେଇ ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ମୟୂରଭଞ୍ଜ ଜିଲ୍ଲାରେ ସହାୟତାରେ ରୂପାନ୍ତରିତ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା। ଗତ ୨୦୧୯ରେ ଜିଲ୍ଲାର ୮୨୬ଟି ଆଦର୍ଶ ଅଙ୍ଗନବାଡ଼ି ନିର୍ମାଣ ନିମନ୍ତେ ଓମ୍ବାଡସି ପକ୍ଷରୁ ୫୨୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଯେଉଁଥିରେ କି ଏହି ଦୁଇଟି ଉପଖଣ୍ଡ ପାଇଁ ୧୩୯ଟି ଆଦର୍ଶ ଅଙ୍ଗନବାଡ଼ି ରହିଛି। ଏହାର ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ବ୍ୟୟ ବରାଦ ରହିଥିଲା। ଏହାସହିତ ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ରର ପାରିପାର୍ଶ୍ୱିକ

- ପୂର୍ବ ସରକାରଙ୍କ ଯୋଜନାକୁ ଆଗେଇ ନେବାକୁ କୁଣ୍ଠାବୋଧ
- ଉପଖଣ୍ଡର ବହୁ କେନ୍ଦ୍ରର କାମ ଅସମ୍ପୂର୍ଣ୍ଣ

ଉନ୍ନତିକରଣ କରିବା ପାଇଁ ୪ ଲକ୍ଷ ୫୦ ହଜାରରୁ ୭ ଲକ୍ଷ ୫୦ ହଜାର ପର୍ଯ୍ୟନ୍ତ ବ୍ୟୟବରାଦ ରହିଥିଲା। କୁନି କୁନି ପିଲାଙ୍କ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଯତ୍ନ ଓ ପୋଷଣ ଲାଗି ଅଙ୍ଗନବାଡ଼ି କେନ୍ଦ୍ରରେ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶରେ ଏହି କେନ୍ଦ୍ର ବିଶେଷ ସହାୟକ ହେବା ନେଇ ଯୋଜନା ହୋଇଥିଲା। ଗୋଟିଏ ଛାତ ତଳେ ଶ୍ରେଣୀ ଗୃହ, ରୋଷେଇ ଘର, ମମତା ଗୃହ, ଶୌଚାଳୟ ଓ ଖେଳ ପଡ଼ିଆ ଆଦି ରହିଥିଲା। ଏହାର କାନ୍ଥବାଡ଼ରେ ବିଭିନ୍ନ ସଂଖ୍ୟା, ବାର, ଫୁଲ, ଫଳ ଏବଂ ପଶୁପକ୍ଷୀଙ୍କ ରଙ୍ଗିନ ଚିତ୍ର ଅଙ୍କା ଯିବା ସହ ଖେଳ ଉପକରଣ ଓ ମନଲୋଭା ବହି ଆଦି ରହିଛି। ଯାହାକି ଶିଶୁକୁ ଆକୃଷ୍ଟ କରିବା ନେଇ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଓମ୍ବାଡସି ପକ୍ଷରୁ ଗତ ୨୦୨୧-୨୨ରେ ୧୩୯ଟି ଜିଲ୍ଲାରେ ଆଦର୍ଶ ଅଙ୍ଗନବାଡ଼ି ନିମନ୍ତେ ଅର୍ଥ ମଞ୍ଜୁର ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ବ୍ଲକ ଜରିଆରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ୧୩୧ଟି କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ୩ଟି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସାଧାରଣ ନିର୍ବାଚନ ପରଠୁ ନିର୍ମାଣ ଧିମା ଚାଲିଛି। ଏବେ ବିଜେପି ସରକାର ଆଉ ମନ ଦେଉନାହିଁ। ଫଳରେ ଦ୍ୱିତୀୟ ପର୍ଯ୍ୟାୟର ଅର୍ଥ ମଞ୍ଜୁର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗକୁ ପତ୍ର ଲେଖୁଥିଲେ ସୁଦ୍ଧା ତାହା ହେଉନାହିଁ। ବର୍ତ୍ତମାନ ସମୟରେ ସିମେଣ୍ଟ, ବାଲି, ଚିପ୍ସ ଆଦି ଦରଦାମ ଆକାଶ ଛୁଆଁ ହୋଇଛି। ଯାହାକୁ ନେଇ ପୁରୁଣା ୧୫ଲକ୍ଷରେ ରୂପରେଖ ଅନୁଯାୟୀ ଆଦର୍ଶ ଅଙ୍ଗନବାଡ଼ି କରିବା ବାଧକ ସାଜିଛି। ତେଣୁକରି ଏହାକୁ ବୃଦ୍ଧି କରି ୨୫ ଲକ୍ଷ ୫୦ହଜାର କରିବା ପାଇଁ ବିଭାଗକୁ ଅବଗତ କରାଯାଇଛି; ହେଲେ ରାଜନୈତିକ ଅଭିସନ୍ଧି ରଖି ବର୍ତ୍ତମାନର ବିଜେପି ସରକାର ଅବଶିଷ୍ଟ ଆଦର୍ଶ ଅଙ୍ଗନବାଡ଼ି ନିର୍ମାଣ ନିମନ୍ତେ କୁଣ୍ଠାବୋଧ କରୁଛନ୍ତି। ଫଳରେ କୁନି କୁନି ଶିଶୁଙ୍କୁ ମୂଲ୍ୟବୋଧ ଶିକ୍ଷା ପ୍ରଦାନ କରିବାରେ ବାଧକ ସୃଷ୍ଟି କରିଛି। ବହଳଦାରେ ୧୨ଟି ଅଙ୍ଗନବାଡ଼ି ଥିବା ବେଳେ ୧୦ଟି ସରିଛି ଏବଂ ୨ଟି ଜମାରୁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସେହିପରି ବିଜତଳାରେ ୨୭ଟି ଅଙ୍ଗନବାଡ଼ି ମଧ୍ୟରୁ ୨୪ଟି ଶେଷ ୨ଟି କାର୍ଯ୍ୟ ଜାରି ଥିବା ବେଳେ ୧ଟି ଆରମ୍ଭ ହୋଇନାହିଁ। ଯଶିପୁରରେ ୨୯ଟି ଅଙ୍ଗନବାଡ଼ି ଥିବା ବେଳେ ୨୮ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି। କୁସୁମୀରେ ୬ଟି ଅଙ୍ଗନବାଡ଼ି ଥିବା ବେଳେ ୫ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି। ସେହିପରି ରାଇରଙ୍ଗପୁରରେ ୧୨ଟି ଅଙ୍ଗନବାଡ଼ି ଥିବା ବେଳେ ୧୧ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି। ଠାକୁରମୁଣ୍ଡା ବ୍ଲକରେ ୧୦ଟି ଅଙ୍ଗନବାଡ଼ି ଥିବା ବେଳେ ୯ଟି ଶେଷ ହୋଇଥିବା ବେଳେ ଗୋଟିଏ କାର୍ଯ୍ୟ ଜାରି ରହିଛି। ବିଶୋଇ, ଜାମଦା, କରଞ୍ଜିଆ, କରଞ୍ଜିଆ ଏନଏସି, ରାଇରଙ୍ଗପୁର ପୌରପାଳିକା, ରରୁଆଁ, ଶୁକ୍ରୁଲି ଓ ତିରିଂରେ ଯଥାକ୍ରମେ ୧୦, ୩, ୪, ୯, ୨, ୧୧, ୩ ଓ ୧ ଥିବା ବେଳେ ତାହା ସମ୍ପୂର୍ଣ୍ଣ ହୋଇଛି। ନୂତନ ଢାଞ୍ଚାର ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ପିଲାଙ୍କୁ ଅଧିକ ଆକର୍ଷିତ କରିବା ସହ ବିଭିନ୍ନ ସର୍ଜନାତ୍ମକ କାର୍ଯ୍ୟକଳାପ ମାଧ୍ୟମରେ ଶାରୀରିକ ଓ ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହେବ। ତେଣୁକରି ଏହାକୁ ସମ୍ପୂର୍ଣ୍ଣ କରିବା ନେଇ ସରକାରୀ ସ୍ତରରେ ମନୋନିବେଶ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ଅନଲାଇନ ଆବେଦନକୁ ଭିନ୍ନକ୍ଷମ ମଞ୍ଚର ବିରୋଧ

ଗୋପବନ୍ଧୁନଗର/ଉଦଳା,୧୫।୧୧(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ତରଫରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହେଉଛି। ଅନଲାଇନ ଆବେଦନକୁ ବାଧ୍ୟତା ମୂଳକ କରାଯାଇଥିବାରୁ ଭିନ୍ନକ୍ଷମ ମଞ୍ଚ ବିରୋଧ କରୁଛି। ବହୁ ଭିନ୍ନକ୍ଷମ ଅନଲାଇନ ଆବେଦନ କିପରି କରାଯାଏ ଜାଣିନଥିବାରୁ ସେମାନଙ୍କ ପାଇଁ ଅଫଲାଇନ ବ୍ୟବସ୍ଥା କରାଯାଉ ବୋଲି ମଞ୍ଚ ଦାବି କରିଛି। କପ୍ତିପଦା ଭିନ୍ନକ୍ଷମ ମଞ୍ଚର ସଭାପତି ମନୋରଂଜନ ଜେନା କହିଛନ୍ତି ଯେ, ବହୁ ଭିନ୍ନକ୍ଷମ ଅନଲାଇନ ବ୍ୟବସ୍ଥା ଦ୍ୱାରା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବେ। ଏହାବ୍ୟତୀତ କିଛି ଭିନ୍ନକ୍ଷମଙ୍କ ଆଖି ଓ ଆଙ୍ଗୁଳି ଟିପ ଚିହ୍ନର ଫଟୋ ନିଆଯାଇପାରୁ ନଥିବାରୁ ସେମାନଙ୍କର ଆଧାରକାଡର୍ ହୋଇପାରୁନାହିଁ। ଏହି ଭିନ୍ନକ୍ଷମ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣ ସେମାନଙ୍କ କଥା ମଧ୍ୟ ବିଚାରକୁ ନିଆଯାଉ ବୋଲି ମନୋରଂଜନ ନିବେଦନ କରିଛନ୍ତି।

## ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଉଦ୍‌ଘାଟିତ



ତୁରୁମୁଙ୍ଗା, ୧୫।୧୧(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଉଦୟପୁରସ୍ଥିତ ଏକଲବ୍ୟ ମୋଡେଲ ଆବାସିକ ସ୍କୁଲ ଶନିବାର ଉଦଘାଟିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟ ନର୍ମଦା ଦେଡିପଡାଠାରୁ ଆଭାସୀ ମାଧ୍ୟମରେ ଏହି ସ୍କୁଲକୁ ଉଦ୍‌ଘାଟନ କରିଥିବା ବେଳେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସ୍କୁଲ ଦ୍ୱାରା ସ୍ଥାନୀୟ ଅଞ୍ଚଳ ବିକାଶ ସହ ଯୋଡି ହେବା ସହିତ ଆଦିବାସୀ ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ପିଏଆଟିଡିଏ ରାମକୃଷ୍ଣ ଗଣ୍ଡ, ସାହାରପଡା ବିଡିଓ ରଣଜିତ କୁମାର ମହାନ୍ତ ଯୋଗ ଦେଇଥିଲେ। ସମାଜସେବୀ ରାଜେଶ କୁମାର ମହାନ୍ତ ଓ ସ୍ଥାନୀୟ ସ୍ଥାନୀୟ ଅଧିବାସଙ୍କ ସହ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିବା ବେଳେ ସାହାରପଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂର୍ବସା ପ୍ରିୟଦର୍ଶିନୀ ପାତ୍ର କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ୧ ଗୁରୁତର

ବାଲିବନ୍ଧ, ୧୫।୧୧(ସମିସ): ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ମଣ୍ଡମା ନିକଟରେ ଅଜଣା ଗାଡ଼ି ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ଧନୁର୍ଜୟପୁର ପଞ୍ଚାୟତ ହରିପଶି ଗ୍ରାମର ଆଶିଷ ବେହେରା ଓ ଶାନ୍ତନୁ କୁମାର ମହାନ୍ତ ବଡ଼ବିଲଠାରେ ରହିଥିବା ରୁଙ୍ଗଟା ମାଇନ୍ସରେ କାର୍ଯ୍ୟ କରନ୍ତି। ଗ୍ରାମକୁ ଫେରୁଥିବା ସମୟରେ ମଣ୍ଡମା ନିକଟରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା। ବାରିଆ ଥାନା ଏଏସଆଇ ସୁରଥ ଦେହୁରୀ ଯାଉଥିବା ସମୟରେ ଆହତଙ୍କୁ ଉଦ୍ଧାର କରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶିଷ ବେହେରା (୨୮)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଶାନ୍ତନୁ ମହାନ୍ତ (୧୯)ଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାଯାଇଛି। ବାରିଆ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି।

## ପୁଲିସ ଚଢ଼ଉ; ୫୫ ଗୋରୁ ଉଦ୍ଧାର



ଆନନ୍ଦପୁର, ୧୫।୧୧(ସମିସ): କେନ୍ଦୁଝର ପୁଲିସର ଏକ ସ୍ପେସାଲ ସ୍କ୍ୱାଡ୍ ଚଢଉ କରି ୫୫ ଗୋରୁ ଉଦ୍ଧାର କରିଥିବା ବେଳେ ସମ୍ପୃକ୍ତ ଘଟଣାରେ ୩ ଅଟକ ଥିବା ଜଣାପଡ଼ିଛି। ଗୋଟିଏ ପିକଅପ୍ ଜବତ ହୋଇଛି। ଆନନ୍ଦପୁର ଅଞ୍ଚଳରୁ ନିୟମିତ ଭାବେ ବେଆଇନ୍ ଗୋ-ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ପରେ ଶନିବାର ଭୋର୍‌ରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଶାଳବଣି ଛକରୁ ମୟୂରଭଞ୍ଜ ଯିବା ରାସ୍ତାର ବାରୁଆଁ ଛକ ନିକଟରୁ ଏକ ଗୋରୁ ବୋଝେଇ ପିକଅପ୍‌କୁ ଜବତ କରାଯିବା ବେଳେ ୩ଜଣ ଖସି ପଳାଇଥଲେ। ପରେ ଗାଡ଼ି ଡ୍ରାଇଭର ଓ ୨ ଗୋରୁ ବେପାରୀଙ୍କୁ ଅଟକ ରଖିଛି ପୁଲିସ୍। ଫକିରପୁର ହାଟ ବୈତରଣୀ ନଦୀବନ୍ଧ ନିକଟ ପାଦୁଖାଇଠାରେ ଚଢଉ କରାଯାଇଥିଲା।

## ସପ୍ତାହେ ହେଲା ନାବାଳକ ନିଖୋଜ



ତେଲକୋଇ, ୧୫।୧୧(ସମିସ): ତେଲକୋଇ ଥାନା କୁଳଙ୍ଗ ଗ୍ରାମର ଭକ୍ତବନ୍ଧୁ ପାତ୍ରଙ୍କ ନାବାଳକ ପୁଅ ବିଶ୍ୱରଞ୍ଜନ ପାତ୍ର(୧୪) ସପ୍ତାହେ ହେବ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ବିଶ୍ୱ ରଞ୍ଜନ ଗତ ୧୦ ତାରିଖ ସକାଳୁ ବସ ଯୋଗେ କାମାକ୍ଷାନଗର ଆସିବା ପରେ ସେଠାରୁ ବିଭିନ୍ନ ବସ ଯୋଗେ କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ସନ୍ଧ୍ୟା ସମୟରେ ପହଞ୍ଚିଥିଲେ। ସନ୍ଧ୍ୟା ୭ରୁ କେଉଁଆଡେ ନିଖୋଜ ଥିବା ଜଣାପଡିଛି। ପରିବାର ଲୋକ ଗତ ୧୨ ତାରିଖ ସ୍ଥାନୀୟ ବାଦାମବାଡ଼ି ଥାନାରେ ପୁଅର ନିଖୋଜ ସମ୍ବନ୍ଧୀୟ ଅଭିଯୋଗ ଦାୟର କରିଛନ୍ତି। ପୁଲିସ୍ ବିଭିନ୍ନ ସିସି କ୍ୟାମେରା ଫୁଟେଜକୁ ଯାଞ୍ଚ କରି ନାବାଳକ କେଉଁ କେଉଁ ବସ ଯୋଗେ ବାଦାମବାଡି ପହଞ୍ଚିଛି ତାହା ଜାଣିବାକୁ ପାଇଛି। ମାତ୍ର ଅଭିଯୋଗକୁ ୪ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ପତ୍ତା ପାଇପାରିନାହିଁ ବାଦାମବାଡି ପୁଲିସ। ଯାହାକୁ ନେଇ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି।

## ବିଦ୍ୟାଭବନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝୁମ୍ପୁରା, ୧୫।୧୧ (ସମିସ): ଝୁମ୍ପୁରା ବ୍ଲକ ବଡ଼ନେଉଳିସ୍ଥିତ ଖୁଦପଶିଠାରେ ଥିବା ବିଦ୍ୟାଭବନ ବିଦ୍ୟାଳୟର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ମଳୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ଗୋନାସିକା ଟ୍ରଷ୍ଟର ସଂପାଦକ ରାଜକିଶୋର ଖଟେଇ, ଇଂ



ସୁରେଶଚନ୍ଦ୍ର ଖଟେଇ, ସମାଜସେବୀ ରାଜଲକ୍ଷ୍ମୀ ସ୍ୱାଇଁ, ସିନିୟର ଫଟୋଗ୍ରାଫର ଯୋଗେନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ବିଦ୍ୟା ନିକେତନର କାଉଁରୀକଳାର ସଂପାଦକ ଦୁର୍ଯ୍ୟୋଧନ ବାରିକ, ବିଦ୍ୟାଭବନର ସଂପାଦକ ଆଲୋକ ମିଶ୍ର, ରୋଟାରିଆନ ହରିହର ସାହୁ, ଅମରେନ୍ଦ୍ର ସାହୁ, ସାମାଜିକ କର୍ମୀ ଭୀମସେନ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଜେଠୁରାମ ମହାକୁଡ଼, ଗଜେନ୍ଦ୍ର ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଖଣି ବିଭାଗର ଚଢ଼ଉ; ଜେସିବି, ହାଇୱା ଜବତ

ଆନନ୍ଦପୁର, ୧୫।୧୧ (ସମିସ): ବେଆଇନ୍ ବାଲି ଚାଲାଣ ସମୟରେ ଖଣି ବିଭାଗ ଚଢ଼ଉ କରି ଗୋଟିଏ ଜେସିବି ମେସିନ୍ ଓ ବାଲି ବୋଝେଇ ହାଇୱା ଜବତ କରିଛି। କୁଶେଇ ନଦୀର ଭିଟିଶିରା ଘାଟରୁ ଘାଟରୁ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ଡମ୍ପ କରିବା ପରେ ଜେସିବି ମେସିନ୍‌ରେ ହାଇୱାରେ ଲୋଡ୍‌କରି ଚୋରାଚାଲାଣ ହେଉଥିଲା। କୈଣସି ସୂତ୍ରରୁ ଖବରପାଇ କେନ୍ଦୁଝର ଖଣି ବିଭାଗ ରାତିଅଧିଆ ଚଢ଼ଉ କରିବା ଫଳରେ ଗୋଟିଏ ଜେସିବି ମେସିନ୍ ସହ ବାଲି ବୋଝେଇ ହୋଇ ରହିଥିବା ଏକ ହାଇୱା ଗାଡ଼ିକୁ ଜବତ କରିଛି। ଜବତ ଗାଡ଼ିଗୁଡିକୁ ଘଷିପୁରା ଥାନାର ଜିମା ଦେଇ ଅଧିକ ତଦନ୍ତ ଚଳାଇଛି ଖଣି ବିଭାଗ।

## ୫ ଡମ୍ପର, ୨ ଜେସିବି ଜବତ

ରାସଗୋବିନ୍ଦପୁର,୧୫।୧୧(ସମସ): ରାସଗୋବିନ୍ଦପୁର ତହସିଲ ଅଧୀନରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମାଟି ଓ ମୋରମ୍ ଖନନ ହୋଇ ବାହାରକୁ ଚାଲାଣ ହେଉଛି। ବାଲେଶ୍ୱର ଜିଲ୍ଲାରେ ରେଳ ରାସ୍ତା କାମ ନିମନ୍ତେ ଏକ ଘରୋଇ କମ୍ପାନୀ ରାସଗୋବିନ୍ଦପୁର ତହସିଲ ଅଞ୍ଚଳରୁ ପରମିଟ ନେଇଥିଲେ; ହେଲେ ଗୋଟିଏ ପରମିଟରେ ଏକାଧିକ ବାର ବେଆଇନ ଭାବେ ମାଟି ମୋରମ୍ ଚୋରା ଚାଲାଣ କରୁଛନ୍ତି। ତେଣୁ ଆଜି ସକାଳେ ନାକିଚୁଆ ପଞ୍ଚାୟତ ଅଞ୍ଚଳରେ ଗୋଚର ଜମିରୁ ମାଟି ଖନନ ହୋଇ ଚାଲାଣ ହେଉଥିବାର ଖବର ପାଇ ଖଣି ଅଧିକାରୀ ରଞ୍ଜନ କୁମାର ବଡ଼ନାଏକଙ୍କ ନେତୃତ୍ୱରେ ପୁଲିସ ଚଢଉ କରି ପାଞ୍ଚଟି ଡମ୍ପର ଏବଂ ୨ଟି ଜେସିବିକୁ ଜବତ କରାଯାଇଛି।

## ମୋବାଇଲ ବିସ୍ଫୋରଣରେ ଯୁବକ ଗୁରୁତର

ବାରିପଦା,୧୫ ।୧୧(ସମିସ): ମୋବାଇଲ ବିସ୍ଫୋରଣ ଘଟି ଝାରଖଣ୍ଡର ପୂର୍ବ ସିଂହଭୂମର ଜାମବଣି ଗାଁର ବରୁଣ କୁମାର ସିଂଙ୍କ ପୁଅ ମଞ୍ଜିତ (୧୮) ଗୁରତର ହୋଇଛନ୍ତି। ତାଙ୍କୁ ଗୁରତର ଅବସ୍ଥାରେ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ମଞ୍ଜିତଙ୍କ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ହୋଇଛି। ତେବେ କେଉଁ ପରିସ୍ଥିତିରେ ଏହି ବିସ୍ଫୋରଣ ଘଟିଲା ତାହା ଏ ଯାଏ ଅସ୍ପଷ୍ଟ ରହିଛି।

## ପିଲାଙ୍କ ସହ ଶିକ୍ଷକଶିକ୍ଷୟିତ୍ରୀ ପିକ୍‌ନିକ୍‌ରେ; କର୍ତ୍ତୃପକ୍ଷ ଜଳକା

ତୁରୁମୁଙ୍ଗା, ୧୫।୧୧(ସମିସ):



କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବାଇକଳାସ୍ଥିତ ମହାପାଟ ସରକାରୀ ଉଚ୍ଚବିଦ୍ୟାଳୟରେ ଶିକ୍ଷକମାନେ ସ୍କୁଲରୁ ଛୁଟି ନନେଇ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଗୋଚରରେ ଏବଂ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇ ପିଲାଙ୍କୁ ନେଇ ପିକନିକ

### ଗ୍ରାମବାସୀଙ୍କ ପ୍ରତିବାଦ, କାର୍ଯ୍ୟାନୁଷ୍ଠାନ ଦାବି

ଯାଇଥିବା ସ୍ଥାନୀୟ ଅବିଭାବକ ତଥା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଶନିବାର ଦୁଇଦିନ କାର୍ଯ୍ୟ ଦିବସ ଥିବା ବେଳେ ମାତ୍ର ୨ ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କ ହାତରେ ସ୍କୁଲ ଛାଡି ୧୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଶୁକ୍ରବାରଠାରୁ ପିକନିକ ଯିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ପାଠପଢ଼ା ଦିନଗୁଡିକରେ ଛାତ୍ରଛାତ୍ରୀଙ୍କୁ ନିଆଯାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିବାସହ ଏନେଇ ଶନିବାର ସ୍କୁଲ ସମ୍ମୁଖରେ ପ୍ରତିବାଦ କରିଥିଲେ। କୌଣସି ଅଘଟଣ ଘଟିଲେ କିଏ ଦାୟୀ ହେବେ ବୋଲି ଅଭିଭାବକ ଯତୀନ କୁମାର ନାଏକ ପ୍ରଶ୍ନ କରିଛନ୍ତି। ଏନେଇ ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶୈଳେନ୍ଦ୍ରି ମହାନ୍ତଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ସାହାରପଡା ଏବିଇଓ ଭାରତୀ ପୋହିଙ୍କ ପାଖରେ କୌଣସି ସୂଚନା ନଥିବା କହିବା ସହ ଅନୁଷ୍ଠାନ ତରଫରୁ କୌଣସି ଅନୁମତି ନିଆ ଯାଇ ନଥିବା କହିଥିଲେ। ଯଦି କୌଣସି ଅଭିଯୋଗ ଆସେ ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏନେଇ ଅବଗତ କରାଯିବ ବୋଲି ସେ କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ସଞ୍ଜୟ ନାଏକ ପୂର୍ଣ୍ଣଚନ୍ଦ୍ର ପାତ୍ର, ଡାକ୍ତର ପାତ୍ର, ରମାକାନ୍ତ ଖୁଣ୍ଟିଆ ଦାବି କରିଛନ୍ତି।

## କେନ୍ଦ୍ରାପଡ଼ା ପୁଲିସକୁ ଆକ୍ରମଣ ଘଟଣାରେ ୩ ଗିରଫ, ଚଢ଼ଉ ଜାରି

ହାଟଡ଼ିହୀ,୧୫।୧୧(ସମିସ): ଏକ ଠକେଇ ମାମଲାରେ କେନ୍ଦ୍ରାପଡ଼ା ପୁଲିସ କେନ୍ଦୁଝର ଜିଲ୍ଲା ଶାଳଣିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ ଗିରଫ କରି ନେଉଥିବା ବେଳେ ପୁଲିସକୁ ମାଡ଼ ମାରି ଅଭିଯୁକ୍ତଙ୍କୁ ଛଡ଼ାଇ ନେବା ଘଟଣାରେ ନନ୍ଦିପଦା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ କେନ୍ଦ୍ରାପଡା ସଦର ଥାନା ଇନ୍ସପେକ୍ଟର ବି.ବି.ସାହାଣୀଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା କେସ ନଂ ୩୬୨/୨୫ରେ ଏକ ମାମଲା ରୁଜୁ କରାଯାଇ ଥିବାବେଳେ ଗତକାଲି ରାତିରେ କେନ୍ଦୁଝର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଆଜି ସୁଦ୍ଧା ଯୋଗେନ୍ଦ୍ରଙ୍କ ୨ଭାଇ ଓ ଜଣେ ସମର୍ଥକଙ୍କୁ ପୁଲିସ ଗିରଫ କରିଥିବା ନେଇ ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସକୁ ଆକ୍ରମଣ କରାଯାଇଥିବାରୁ କିପରି ଅଭିଯୁକ୍ତଙ୍କୁ ଧରାଯିବ ସେନେଇ ଦିନରାତି ଏକ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ପୁଲିସର ଏପରି ଚଢ଼ଉରେ ସନ୍ଧ୍ୟା ହେଲେ ଏଲକଣିଆ ଗାଁ ପୁରୁଷଶୂନ୍ୟ ହୋଇପଡୁଛି। ପୂର୍ବରୁ ଏଲକଣିଆ ଗାଁରେ ହୋଇଥିବା ଶିଶୁବଳି ସମୟରେ ପୁଲିସ ଉପରେ ଆକ୍ରମଣ ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ବର୍ତ୍ତମାନର ପୁଲିସ ଉପରେ ଆକ୍ରମଣ ଗ୍ରାମବାସୀଙ୍କୁ ଭୟଭୀତ କରୁଛି।

ଏଠାରେ ସୂଚନାଯୋଗ୍ୟ, ନନ୍ଦିପଦା ପୁଲିସ ସହାୟତାରେ ଗତ ଗୁରୁବାର ଶାଳଣିଆଁ ପଞ୍ଚାୟତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତକୁ ଧରି ରାତି ପ୍ରାୟ ସାଢ଼େ ୮ଟା ବେଳେ କେନ୍ଦ୍ରାପଡା ଅଭିମୁଖେ ବାହାରିଥିଲା। କିନ୍ତୁ ଅନ୍ୟତମ ଅଭିଯୁକ୍ତ ବରଦା ପ୍ରସନ୍ନ ନାୟକକୁ ଆଣିବାକୁ ଗେଡ଼ମା ପଞ୍ଚାୟତ ଜଳସରାପୁର ଗାଁକୁ ଯିବାବେଳେ ଚଷାଖଣ୍ଡ ନିକଟରେ କିଛି ଯୁବକ ସଂଘବଦ୍ଧ ଭାବେ କେନ୍ଦ୍ରାପଡା ପୁଲିସ ଟିମକୁ ଆକ୍ରମଣ କରି ଅଭିଯୁକ୍ତ ଯୋଗେନ୍ଦ୍ରଙ୍କୁ ଛଡାଇ ନେଇଥିଲେ। ଏଥିରେ କିଛି ପୁଲିସ ଆହତ ହୋଇଥିବା ଅଭିଯୋଗ ହୋଇଛି।



# 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ

ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ ଶେଷ ହୋଇଛି। ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି। ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଏହି ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଟାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଏଥିରେ ଭରପୂର କମେଡି ମଧ୍ୟ ଅଛି। ଫ୍ୟାମିଲି ଡ୍ରାମା ସହ ଲଭ୍ ରୋମାନ୍ସ ଥିବା ବେଳେ, ଆମ ଓଡ଼ିଶାର ଦୋଳ ପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ।। ଏହି ଫିଲ୍ମ ରେ, ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରି ହେବ। ■

## ପ୍ରଶଂସା ସାଉଁଟୁଛି ଅଭିଜିତଙ୍କ 'ସଜନା'

# ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ



ରିଲିଜ୍ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ 'ସଜନା'। ଯାହା ଦର୍ଶକଙ୍କ ହୃଦୟ ଜିଣୁଥିବା ବେଳେ ୟୁଟ୍ୟୁବରେ ଖୁବ୍ ପ୍ରଶଂସା ସାଉଁଟୁଛି। 'ସଜନା' ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ୍ ଫ୍ୟୁଜନ୍। ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। 'ସଜନା' ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ। ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି। ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଏହି ମ୍ୟୁଜିକ୍ ଭିଡିଓରେ ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି। 'ସଜନା' ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ୍ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି। ତେବେ ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି। ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ 'ସଜନା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■



## ଟେଲିଭିଜନ ପ୍ରିମିୟର

# 'ଗଙ୍ଗା, ଯମୁନା, ସରସ୍ୱତୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଟିଭିରେ ଟେଲିଭିଜନ ପ୍ରିମିୟର୍ ହେବ 'ଗଙ୍ଗା, ଯମୁନା, ସରସ୍ୱତୀ'। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଶ୍ରଦ୍ଧା। ଶ୍ରଦ୍ଧା ଏଥିରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ତିନିଟି ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ସଞ୍ଜୟ ନାୟକ। ପ୍ରଯୋଜନାରେ ଅଛନ୍ତି କ୍ଷୀରୋଦ ପଟ୍ଟନାୟକ। ସଂଗୀତରେ ସନ୍ଦୀପ ପଣ୍ଡା ଥିବା ବେଳେ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ସନ୍ଦୀପ। ସେହିପରି ସିନେମାଟିର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍. ଜିତୁ, ପାୟଲ ମହାନ୍ତି। ଶ୍ରଦ୍ଧାଙ୍କ ବ୍ୟତୀତ ସିନେମାରେ ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ରଶ୍ମି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂହ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ■





# ମାଣବସା ଗୁରୁବାରରେ 'ଲକ୍ଷ୍ମୀପୁରାଣ'

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇ ଆସିଛି ବଳରାମ ଦାସଙ୍କ ଅନନ୍ୟ କୃତି 'ଲକ୍ଷ୍ମୀ ପୁରାଣ'। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଦର୍ଶକ ଏଥିରେ 'ଲକ୍ଷ୍ମୀ ପୁରାଣ' ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୪ଟା ସମୟରେ ଦେଖିବାର ସୁଯୋଗ ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିଛନ୍ତି ଓଡ଼ିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଦର୍ଶକେ ଯୋଡ଼ି ହେବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

# ରେକର୍ଡିଂ ପୂର୍ବରୁ ଗୀତର ସୁଟିଂ

ସାଧାରଣତଃ ଫିଲ୍ମ ଗୀତଗୁଡ଼ିକ ପ୍ରଥମେ ରେକର୍ଡିଂ କରାଯାଇଥାଏ। ତାପରେ ଗୀତ ଅନୁଯାୟୀ ଏହାର ଦୃଶ୍ୟ ସୁଟିଂ ହୋଇଥାଏ। କିନ୍ତୁ ଏଭଳି ଏକ ଗୀତ ରହିଛି , ଯାହାର ଗୀତ ରେକର୍ଡିଂ ପୂର୍ବରୁ ପ୍ରଥମେ ଦୃଶ୍ୟର ସୁଟିଂ ହୋଇଥିଲା। ଏହି ଗୀତଟି ଥିଲା 'ପଟାଖା ଗୁଡ୍ଡି'। ୧୧ ବର୍ଷ ତଳେ ଆସିଥିବା ଏହି ଗୀତ ରାତାରାତି ସୁପରହିଟ୍ ହୋଇଥିଲା। ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହାଇୱେ'ର ଏହା ଏକ ଲୋକପ୍ରିୟ ଗୀତ। ଏହି ଗୀତକୁ ନୁରନ୍ ସିଷ୍ଟର୍ସ ଗାଇଥିଲେ। ଏହାର ମ୍ୟୁଜିକ୍ ଓ କମ୍ପୋଜିସନ୍ ଏଆର୍ ରେହମାନ୍ କରିଥିଲେ। ଗୀତକୁ ରଚନା କରିଥିଲେ ଇରଶାଦ୍ କାମିଲ। ଏହା ଫିଲ୍ମ ଇଣ୍ଡଷ୍ଟ୍ରୀର ପ୍ରଥମ ଗୀତ ଯାହା ରେକର୍ଡିଂ ପୂର୍ବରୁ ପ୍ରଥମେ ସୁଟିଂ ହୋଇଥିଲା। ଇମତିୟାଜ୍ ଅଲ୍ଲୀ ପ୍ରଥମେ ଏହି ଗୀତର ଭିଜୁଆଲ୍ ସୁଟ୍ କରିସାରିଥିଲେ। ସେ ଲୋକେସନ୍, ମୁଡ୍ ଓ ଚରିତ୍ର ଅନୁଯାୟୀ ସ୍ଥାନ ନିରୂପଣ କରିଥିଲେ। ପରେ ଏ.ଆର୍. ରେହମାନଙ୍କୁ ପ୍ରଶ୍ନ କରିଥିଲେ, ଗୀତ ପାଇଁ କେଉଁଭଳି ପରିବେଶ ଆବଶ୍ୟକ। ହିନ୍ଦୀ ସିନେମାରେ ଏପରି ଦୃଶ୍ୟ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଇମତିୟାଜ୍ ଅଲ୍ଲୀ ଗୀତରେ ବାସ୍ତବ ଯାତ୍ରା ଓ ନୂତନତ୍ୱର ଏକ ଝଲକ ଦେଖାଇବାକୁ ଚାହୁଁଥିଲେ। କେବଳ ସେତିକି ନୁହେଁ, ସୁଟିଂ ଯାଏଁ ଗୀତର ଧୁନ୍ ମଧ୍ୟ ଜଣା ନ ଥିଲା। କିନ୍ତୁ ସେ ଆଲିଆ ଓ ରଣଦୀପ ହୁଡ୍ଡାଙ୍କୁ ନେଇ ଏପରି ଦୃଶ୍ୟ ସୁଟ୍ କରିଥିଲେ, ଯେଉଁଥିରେ ସ୍ୱାଧୀନତା ଓ ବେଫିକର୍ ହୋଇ ବୁଲିବାର ଦିଶୁଥିଲେ। ପରବର୍ତ୍ତୀ ସମୟରେ ରେହମାନ୍ ଏହି ଦୃଶ୍ୟ ଦେଖିବା ପରେ ଫିଲ୍ମର ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ। ଏଥିପାଇଁ ଏହି ଗୀତରେ ଏକ ବାସ୍ତବ, ଜୀବନ୍ତ ଦୃଶ୍ୟର ଅନୁଭୂତି ଦେଖିବାକୁ ମିଳିଥିଲା। ଏହାକୁ ପଞ୍ଜାବ ଓ ହରିୟାଣାର ସୁନ୍ଦର ରାସ୍ତାରେ ସୁଟିଂ କରାଯାଇଥିଲା। ଖୋଲାପ୍ରାନ୍ତର, ରାସ୍ତା ଓ ଟ୍ରକ୍‌ସବାରୀ ଗୀତରେ ଏକ ନିଆରା ଅନୁଭୂତି ଦେଇଥିଲା। ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଦ୍ୱିଗୁଣା ଆୟ କରିଥିଲା। ■



ସାକ୍ଷାତକାର

ବାପା ତାଙ୍କର କଳା ଜଗତ ସହିତ ଜଡ଼ିତ ଥିଲେ। ତାଙ୍କୁ ଦେଖି ସେ ବି ଜଣେ ଅଭିନେତ୍ରୀ ହେବାକୁ ଚାହିଁଥିଲେ । ସ୍କୁଲରୁ କଲେଜ ସବୁଠି ଏକକ ଅଭିନୟ କରି ସେ ଦର୍ଶକଙ୍କ ମନ କିଣି ପାରୁଥିଲେ। ଅଭିନେତ୍ରୀ ହେବାର ଜିଦ୍ ତାଙ୍କୁ ପରବର୍ତ୍ତୀ ସମୟରେ ଦେଇଥିଲା ସଫଳତା। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ହେଉଛନ୍ତି କେଉଁଝର ଜିଲ୍ଲା ଆନନ୍ଦପୁରର ମାମାଲି ସାହୁ। କମେଡିରୁ କାମ ଆରମ୍ଭ କରି 'ମୋ ଶାଶୂର ଶାଶୂମା'ରେ ଚମତ୍କାର ଅଭିନୟ କରିଛନ୍ତି। ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିଛନ୍ତି। ନିକଟରେ ସେ 'ଚାରିଧାମ' ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ଜଣେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# "ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ"



**ମାମାଲି ସାହୁ, ଅଭିନେତ୍ରୀ**

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

● ପିଲାଟି ଦିନେ ଟିଭିରେ ଯାହା ଦେଖୁଥିଲି ତାକୁ ନକଲ କରୁଥିଲି। 'ଛଅ ମାଣ ଆଠ ଗୁଣ୍ଠ', 'ବଡ଼ ଘର ବଡ଼ ଗୁମର କଥା' ଆଦି ଧାରାବାହିକ ମୋର ପ୍ରିୟ ଥିଲା। ସେଥିରେ ଶ୍ୱେତା ଆଚାର୍ଯ୍ୟଙ୍କ ନେଗେଟିଭ୍ ଚରିତ୍ରକୁ ମୁଁ ଅନୁକରଣ କରୁଥିଲି। ତାଙ୍କର ମୁଁ ପ୍ରଶଂସକ ଥିଲି। ତାଙ୍କ ପରି ଅଭିନୟ କରିବାକୁ ସ୍ୱପ୍ନ ଦେଖିଥିଲି। ଯେହେତୁ ମୋ ପିତା କଳା ଲାଇନ୍‌ରେ ଥିଲେ ସେ ବି ଚାହୁଁଥିଲେ ଝିଅ ଅଭିନେତ୍ରୀ ହେଉ। ତେଣୁ ମୋର ଏହି ଯାତ୍ରା ସହଜ ହୋଇଯାଇଥିଲା। ପ୍ରଥମେ ପ୍ରଜ୍ଞା ଭାଇଙ୍କ ସହିତ କିଛି କମେଡି କରିଲି। ପରେ ଧାରାବାହିକ 'ମୋ ଶାଶୂର ଶାଶୂମା'ରେ କମେଡି ଚରିତ୍ରରେ ନଜର ଆସିଥିଲି। ପରବର୍ତ୍ତୀ ସମୟରେ 'ଆଭା', 'ଦୁର୍ଗା' ସିନେମାରେ କାମ କରିବାକୁ ସୌଭାଗ୍ୟ ଲାଭ କରିଛି। ସେହିଭଳି 'ବେଶୀ ଜମା ଭଲ ନୁହେଁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ଦର୍ଶକଙ୍କ ଭଲ ପାଇବା ପାଇଛି।

**କମେଡି ସିନ୍‌ରୁ ସିନେମାରେ ନେଗେଟିଭ୍ ଚରିତ୍ର କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

● କମେଡି ଆଉ ଅଭିନୟ ଏ ଦୁଇଟି ମୋତେ କରିବାର ଥିଲା। ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବ। ଏହି କଥାକୁ ମନେ ରଖି ସିନେମାରେ ଅଭିନୟ କରିଛି। 'ଆଭା' ସିନେମାରେ ମୁଁ ଜଣେ ଶିକ୍ଷୟିତ୍ରୀ ଭାବେ ଅଭିନୟ କରିଥିଲି। 'ଦୁର୍ଗା' ଚଳଚ୍ଚିତ୍ରରେ ମୁଁ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଥିଲି। 'ଚାରିଧାମ'ରେ ମୁଁ ବୋହୂ ଭୂମିକାରେ ନଜର ଆସିଥିଲି। ଯିଏକି ନିଜର ଶାଶୂ ଏବଂ ଶ୍ୱଶୁରଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛି। ଯଦିଓ କମ୍ ସମୟ ପାଇଁ ଏହି ଚରିତ୍ର ଥିଲା। ହେଲେ ଦର୍ଶକ ମୋ ଚରିତ୍ରକୁ ବହୁତ ଭଲପାଇବା ଦେଇଛନ୍ତି। କେବଳ 'ଚାରିଧାମ' ନୁହେଁ 'ଆଭା' ସିନେମାଟି ମୋତେ ଲୋକପ୍ରିୟ କରାଇଛି।

**'ଚାରିଧାମ'ରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

● 'ଚାରିଧାମ' ସିନେମାରେ ଅଭିନୟ କରିବା ପୂର୍ବରୁ ମୁଁ କିଛି ସିନେମାରେ କାମ କରିସାରିଥିଲି। ଏହାକୁ ଦେଖି ତାପସ ସରଘରିଆ ଭାଇ 'ଚାରିଧାମ' ପରି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। ଆଉ ଚରିତ୍ର ଭଲ କେମିତି କରିବି ସେ ନେଇ ସେ ଗାଇଡ୍ କରିଥିଲେ। ତେଣୁ 'ଚାରିଧାମ' ପରି ସିନେମା କରିବା ସୌଭାଗ୍ୟର ବିଷୟ। ବହୁତ ଖୁସି ଲାଗିଥିଲା ଏହି ସିନେମାକୁ ନେଇ।

**ଫିଟ୍ ରହିବାକୁ କଣ କରନ୍ତି?**

● ଆଗରୁ ଧାରାବାହିକରେ କାମ କରୁଥିଲି। ସେଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ପଡୁଥିଲା। ଏହା ଦ୍ୱାରା ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଧାରାବାହିକ କାମ ଛାଡ଼ି ନିଜକୁ ସମୟ ଦେଉଛି। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ। ବ୍ୟାୟାମ ଓ ଯୋଗ କରେ।

**ଡ୍ରିମ ରୋଲ?**

● ନେଗେଟିଭ୍ ଏବଂ ଲାଜକୁଳା ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛି। ମୌଳିକଧର୍ମୀ କାହାଣୀର ସିନେମାରେ କାମ କରିବାକୁ ଯୋଜନା ରଖିଛି। ଯାହା ବି ମୋତେ ଚରିତ୍ର ମିଳିବ ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେଉଛି।

**ଭଲ ଅଭିନୟ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

● ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ମୋ ମୁହଁର ଭାବ, ବେଶ ପରିପାଟୀ ଖାପ ଖାଉଛି କି ନାହିଁ, କେମିତି ମୋ ଅଙ୍ଗଭଙ୍ଗୀ ରହିବ ତାହାକୁ ସବୁ ଧ୍ୟାନ ଦିଏ। ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ।

**କଳା କ୍ଷେତ୍ରକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ନୂଆ ପିଢ଼ିଙ୍କୁ ଏତିକି କହିବି ଏ ଲାଇନ୍‌କୁ ଆସୁଥିଲେ, ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଧୀରେ ଧୀରେ କାମ ଆରମ୍ଭ କରନ୍ତୁ। କାରଣ ଛୋଟ ଛୋଟ କଥା ମଣିଷଙ୍କୁ ବଡ଼ ସଫଳତା ଦେଇଥାଏ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଶିଖିବାର ଆବଶ୍ୟକତା ରହିଛି। ଶିଖିଲେ ହିଁ ମଣିଷ ଆଗକୁ ବଢ଼ିବ। ■

## ଦ.ଆଫ୍ରିକା ଧରାଶାୟୀ; ଭାରତ ନିୟନ୍ତ୍ରଣରେ ମ୍ୟାଚ୍

# ଇଡେନ୍‌ରେ ବୋଲରଙ୍କ ରାଜୁତି ଜାରି

କୋଲକାତା, ୧୫ ।୧୧ (ଏଜେନ୍ସି): ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିବସରେ ୧୧ ୱିକେଟ୍‌ର ପତନ ଘଟିଥିବାବେଳେ ଶନିବାର ଆଉ ୧୫ଟି ୱିକେଟ୍ ପଡ଼ିଛି। ଦୁଇଦିନରେ ମୋଟ୍ ୨୬ଟି ୱିକେଟର ପତନ ଘଟିସାରିଲାଣି।

୩୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ ସଂଗ୍ରହ କରିଛି। ଅଧିନାୟକ ତେମ୍ବା ବଭୁମା ୨୯ ଓ କୋର୍ବିନ ବୋଶ୍ ୧ ରନରେ ଅପରାଜିତ ରହିଛନ୍ତି। ମାର୍କୋ ଜାନସେନ ୧୩, ର୍ୟାନ ରିକ୍ଲେଟନ ୧୧, ୱିଆନ ମଲ୍ଡର ୧୧, କାଏଲ ଭେରେନୀ ୯, ଆଇଡେନ ମାର୍କରମ ୪, ଟ୍ରିଷ୍ଟାନ ଷ୍ଟବ୍ସ ୫, ଟୋନି ଡି ଜୋରଜି ୨ ରନରେ ଆଉଟ୍ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ନେଇ ସବୁଠୁ ସଫଳ ବୋଲର ରହିଥିଲେ। କୁଲଦୀପ୍ ଯାଦବ ୨ ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଛନ୍ତି। ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ମୋଟ୍ ୬୩ ରନରେ ଅଗ୍ରଣୀ ରହିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଭାରତ ଏବେ ଦୃଢ଼ସ୍ଥିତିରେ ରହିଛି।

### ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ

### ରାହୁଲଙ୍କ ୪ ହଜାର ରନ ପୂରଣ

ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ସୀମିତ ରହିବା ପରେ ଭାରତ ପ୍ରଥମ ଦିବସ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୩୭ ରନ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୬୨.୨ ଓଭରରେ ୧୮୯ ରନରେ ସୀମିତ ରହିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୩୯ ରନ କରିଥିଲେ। ଏହିକ୍ରମରେ ସେ ୧୮ତମ ଭାରତୀୟ ଭାବେ ଟେଷ୍ଟରେ ୪ ହଜାର ରନ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୯, ଋଷଭ ପନ୍ତ ୨୭, ଜାଡେଜା ୨୭, ଅକ୍ଷର ୧୬, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୪ ରନ କରିଥିବାବେଳେ ବେକରେ ଆଘାତ ପାଇ ରିଟାୟର୍ଡ ହର୍ଟ୍ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାଇମନ ହାର୍ମର ୪ ଓ ମାର୍କୋ ଜାନସେନ ୩ଟି ୱିକେଟ ହାସଲ କରିଥିଲେ।




**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦
ଭାରତ ପ୍ରଥମ ଇନିଂସ: ୧୮୯/୯ (ଗିଲ୍- ରିଟାୟାର୍ଡ ହର୍ଟ୍- ୪, ରାହୁଲ- ୩୯, ୱାଶିଂଟନ- ୨୯, ଜାଡେଜା- ୨୭, ପନ୍ତ- ୨୭, ଜୁରେଲ- ୧୪, ଅକ୍ଷର- ୧୬, ହାର୍ମର- ୪/୩୦, ଜାନସେନ- ୩/୩୫)।
ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୯୩/୭, ୩୫ ଓଭର (ବଭୁମା- ୨୯, ଜନସେନ- ୧୩, ମଲ୍ଡର- ୧୧, ମାର୍କରମ- ୪, ଷ୍ଟବ୍ସ- ୫, ଜାଡେଜା- ୪/୨୯, କୁଲଦୀପ୍- ୨/୧୨)।

## ଆଇପିଏଲ୍-୧୯ : ଖେଳାଳି ରିଟେନ୍‌ସନ୍ ତାଲିକା ଜାରି

# ଜାଡେଜାଙ୍କୁ ଛାଡ଼ି ସଞ୍ଜୁଙ୍କୁ ଆଣିଲା ସିଏସ୍‌କେ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି ଶନିବାର ଥିବା ରିଟେନସନ୍ ତାଲିକାର ଜାରି କରିବାର ଶେଷଦିନ। ଏହି ଅବସରରେ ସମସ୍ତ ୧୦ଟି ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ରଖିଲେ ଓ କାହାକୁ ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ମିନି ନିଲାମୀକୁ ଛାଡ଼ିଲେ ତାହାର ତାଲିକା ଜାରି କରିଛନ୍ତି। ସେହିଭଳି ଫ୍ରାଞ୍ଚାଇଜ-ଫ୍ରାଞ୍ଚାଇଜ ମଧ୍ୟରେ ଖେଳାଳି ଅଦଳବଦଳ ନେଇ ଟ୍ରେଡ୍ ଡିଲ୍ ମଧ୍ୟ ହୋଇଛି। ଏହିକ୍ରମରେ ସବୁଠୁ ବଡ଼ ଅଦଳବଦଳ ହୋଇଛି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ। ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଏହାର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ରାଜସ୍ଥାନ ସହ ଟ୍ରେଡ୍ ଡିଲ୍ କରିଛି। ଜାଡେଜା ରାଜସ୍ଥାନକୁ ଯାଇଥିବାବେଳେ ରାଜସ୍ଥାନର ନିର୍ଭରଯୋଗ୍ୟ ବ୍ୟାଟର୍ ସଞ୍ଜୁ ସାମସନ ଚେନ୍ନଇ ଦଳରେ ସାମିଲ ହୋଇଛନ୍ତି। ସିଏସ୍‌କେର ବାସନ୍ଦ ୨ ବର୍ଷ (୨୦୧୬ ଓ ୨୦୧୭)କୁ ଛାଡ଼ି ଜାଡେଜା ୨୦୧୨ରୁ ଏହି ଫ୍ରାଞ୍ଚାଇଜ ପାଇଁ ଖେଳୁଛନ୍ତି। ତାଙ୍କର ମୂଲ୍ୟ ୧୪ କୋଟି ଟଙ୍କା ରହିଥିଲା। ଏଥିପୂର୍ବରୁ ଜାଡେଜା ଆଇପିଏଲ୍ ଆରମ୍ଭ ସମୟରେ ରାଜସ୍ଥାନ ଦଳର ସଦସ୍ୟ ଥିଲେ। 'ଏବେ ଜାଡେଜାଙ୍କ ଘର ବାହୁଡ଼ା ହୋଇଛି' ବୋଲି ରାଜସ୍ଥାନର ମାଲିକ ମନୋଜ ବଦଲେ କହିଛନ୍ତି। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସିଏସ୍‌କେ ଜାଡେଜାଙ୍କୁ ଛାଡ଼ିଥିବା କୁହାଯାଉଛି। ଅପରପକ୍ଷରେ ଅନ୍ୟ ବଡ଼ ଡିଲ୍ ମଧ୍ୟରେ ସନରାଇଜର୍ସ ହାଇଦରାବାଦ୍‌ର ମହମ୍ମଦ ସାମି ଟ୍ରେଡ୍ ଡିଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସକୁ ଯାଇଛନ୍ତି। ସେହିଭଳି ସାମ୍ କୁରନ ଚେନ୍ନାଇରୁ ରାଜସ୍ଥାନକୁ, ନୀତୀଶ ରାଣା ରାଜସ୍ଥାନରୁ ଦିଲ୍ଲୀ କ୍ୟାପିଟାଲ୍ସକୁ, ଅର୍ଜୁନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସରୁ ଲକ୍ଷ୍ନୌକୁ, ଶାର୍ଦ୍ଦୁଳ ଠାକୁର ଲକ୍ଷ୍ନୌରୁ ମୁମ୍ବାଇକୁ ଟ୍ରେଡ୍ ଡିଲରେ ଯାଇଛନ୍ତି।

### ରିଲିଜ୍ ହେଲେ ମ୍ୟାକ୍ସୱେଲ ଓ ରସେଲ୍



ସେହିପରି ବିଭିନ୍ନ ଫ୍ରାଞ୍ଚାଇଜ ବଡ଼ ବଡ଼ ଖେଳାଳିଙ୍କୁ ଦଳରୁ ରିଲିଜ କରି ନିଲାମୀକୁ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ଫାଫ୍ ଡୁ ପ୍ଲେସିସଙ୍କୁ, ବେଙ୍ଗାଲୁରୁ ମୟଙ୍କ ଅଗରୱାଲ, ଟିମ୍ ସେଇଫର୍ଟ, ଲିଆମ ଲିଭିଂଷ୍ଟୋନଙ୍କୁ, ପଞ୍ଜାବ ଗ୍ଲେନ ମ୍ୟାକ୍ସୱେଲ, ଜୋଶ୍ ଇଂଲିଶଙ୍କୁ, ଚେନ୍ନାଇ ରାଚିନ ରବୀନ୍ଦ୍ର, ଦୀପକ ହୁଡା, ବିଜୟ ଶଙ୍କର, ମହୀଷ ପଥିରାଣାଙ୍କୁ, ଗୁଜରାଟ ଦସୁନ ଶନକା, ଗେରାଲ୍ଡ କୋର୍ଜିଙ୍କୁ, କୋଲକାତା ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି କକ୍, ମୋଇନ ଅଲିଙ୍କୁ, ଲକ୍ଷ୍ନୌ ଡେଭିଡ୍ ମିଲର, ଆକାଶ ଦୀପ୍, ରବି ବିଷ୍ଣୋଇଙ୍କୁ, ମୁମ୍ବାଇ ରିସି ଟୋପଲୀ, କର୍ନ ଶର୍ମା, ମୁଜିବ ଉର୍ ରେହମାନ, ରାଜସ୍ଥାନ ୱାନିନ୍ଦୁ ହାସରଙ୍ଗା, ମହୀଷ ଥିକସାନା ଏବଂ ହାଇଦରାବାଦ୍ ଆଦାମ ଜାମ୍ପା, ରାହୁଲ ଚହର, ୱିଆନ ମଲ୍ଡର ପ୍ରମୁଖଙ୍କୁ ଦଳରୁ ରିଲିଜ ଅର୍ଥାତ୍ ବାହାର କରିଛି।

# ଷ୍ଟେଟ୍-ଏ ଟ୍ରଫି: ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୧୫ ।୧୧ (ସମିସ): ଭଦୋଦରାରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୩୭ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ଓମ୍ ଟି ମୁଣ୍ଡେ (୫୪) ଓ ଶ୍ରେୟାଂଶ ଭରଦ୍ୱାଜ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୭ ରନ କରିଥିଲା। ଗୁଜରାଟର କୁଶନ ଶ୍ୟାମ ପଟେଲଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କୁଶନଙ୍କ ୬୦ ରନ ସତ୍ତ୍ୱେ ୪୭.୪ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଏମ୍‌ଡି ଡାନିସ ୩ ଓ ବିମଳ କୁମାର ୨ଟି ୱିକେଟ୍ ହାତେଇଥିଲେ। ଏଥିସହ ଓଡ଼ିଶା ୪ର୍ଥ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ରେ ମୁମ୍ବଇ (୧୬) ଓ ଆନ୍ଧ୍ର (୧୨) ପଛକୁ ରହିଛି।

## ଟେଷ୍ଟରେ ୪ ହଜାର ରନ ଓ ୩୦୦ ୱିକେଟ୍

# କପିଳଙ୍କ ପରେ ଜାଡେଜା ଦ୍ୱିତୀୟ ଭାରତୀୟ

କୋଲକାତା, ୧୫ ।୧୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ କୋଲକାତା ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ରନର ଛୋଟିଆ ପାଳି ଖେଳିବା ସହ ଜାଡେଜା ଟେଷ୍ଟରେ ୪ ହଜାର ରନ ପୂରଣ କରିଛନ୍ତି। ଜାଡେଜା ବର୍ତ୍ତମାନ ସୁଦ୍ଧା ୮୮ଟି ଟେଷ୍ଟ ଖେଳି ୪୦୧୭ ରନ ସହ ୩୪୨ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହି ସଫଳତା ପାଇବାରେ ସେ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଓ ଓଭରଅଲ୍ ବିଶ୍ୱର ୪ର୍ଥ କ୍ରିକେଟର୍।

**ଟେଷ୍ଟରେ ୪୦୦୦ ରନ ଓ ୩୦୦ ୱିକେଟ୍**

| ଖେଳାଳି | ମ୍ୟାଚ୍ | ରନ | ୱିକେଟ |
|---|---|---|---|
| କପିଳ ଦେବ | ୧୩୧ | ୫୨୪୮ | ୪୩୪ |
| ଇଆନ ବୋଥାମ | ୧୦୨ | ୫୨୦୦ | ୩୮୩ |
| ଡାନିଏଲ୍ ଭିଟ୍ଟୋରୀ | ୧୧୩ | ୪୫୩୧ | ୩୬୨ |
| ରବୀନ୍ଦ୍ର ଜାଡେଜା | ୮୮ | ୪୦୧୭ | ୩୪୨ |



ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ଓ ୪ ହଜାର ରନ ସଂଗ୍ରହ ଭଳି ଏଲିଟ୍ କ୍ଲବରେ ଜାଡେଜା ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ୨୭

# ଅମନ, ନେହାଙ୍କ ନିଲମ୍ବନ ପ୍ରତ୍ୟାହାର କଲା ଡବ୍ଲ୍ୟୁଏଫ୍‌ଆଇ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଭାରତୀୟ ରେସଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଏକ ବଡ଼ ନିଷ୍ପତ୍ତି ନେଇଛି। ଡବ୍ଲ୍ୟୁଏଫ୍‌ଆଇ ଏହାର ନିଷ୍ପତ୍ତିର ପୁର୍ନବିଚାର କରି ପ୍ୟାରିସ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଅମନ ଶେରାୱତ ଓ ଉଦୀୟମାନ କୁସ୍ତିଯୋଦ୍ଧା ନେହା ସାଙ୍ଗୱନଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିନେଇଛି। ଅମନ ଓ ନେହା ସେମାନଙ୍କ ଧାର୍ଯ୍ୟ ଓଜନବର୍ଗ ଅତିକ୍ରମ କରି ଯଥାକ୍ରମେ ବିଶ୍ୱ ଚାମ୍ପିଅନସିପ୍ ଓ ୨୦ ବର୍ଷରୁ କମ୍ ବିଶ୍ୱଚାମ୍ପିଅନସିପ୍‌ରେ ଭାଗନେବାରେ ଅଯୋଗ୍ୟ ହୋଇଥିଲେ। ଯେଉଁଥି ପାଇଁ ଡବ୍ଲ୍ୟୁଏଫ୍‌ଆଇ ନେହାଙ୍କୁ ୨ ବର୍ଷ ଓ ଅମନଙ୍କୁ ଏକ ବର୍ଷ ଲାଗି ବାସନ୍ଦ କରିଥିଲା। କିନ୍ତୁ ଉଭୟ କୁସ୍ତିଯୋଦ୍ଧାଙ୍କ ନିକଟରୁ କ୍ଷମା ପ୍ରାର୍ଥନା ଚିଠି ପାଇବା ପରେ ଡବ୍ଲ୍ୟୁଏଫ୍‌ଆଇ ଦେଶର ଶ୍ରେଷ୍ଠ କୋଚ୍‌ଙ୍କ ସହ ଆଲୋଚନା କରି ଶେଷରେ ନିଲମ୍ବନ ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛି।

## ରଣଜୀ ଟ୍ରଫି: ଆଜିଠୁ ନାଗାଲାଣ୍ଡ ବିପକ୍ଷ ଲଢ଼େଇ

# ୭ ବର୍ଷ ପରେ କିଟ୍‌ରେ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୧୫ ।୧୧ (ସମିସ): ଚଳିତ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଚଳିତ ରଣଜୀ ସିଜନରେ ଏହି ଦୁଇ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରି ନାହାନ୍ତି। ଓଡ଼ିଶା ଓ ନାଗାଲାଣ୍ଡ ୩ଟି ଲେଖାଏ ମ୍ୟାଚ୍ ହାରିଥିବାବେଳେ ଗୋଟିଏ ମୁକାବିଲା ଡ୍ର' ରଖି ୧ ପଏଣ୍ଟ ପାଇଛନ୍ତି। ତେଣୁ ଉଭୟ ଦଳ ନିକଟରେ ଏଠାରେ ବିଜୟ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ସେହିଭଳି ଟେବଲ୍‌ର ସର୍ବନିମ୍ନ ସ୍ଥାନ ଲାଗି ଏଠାରେ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ପରାଜିତ କିମ୍ବା ପ୍ରଥମ ପାଳିରେ ପଛୁଆ ରହିଥିବା ଦଳ ଗ୍ରୁପ୍-ଏ'ର ସର୍ବନିମ୍ନ ୮ମ ସ୍ଥାନରେ ରହିବ। ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ୍ ସହ ଦୀର୍ଘ ୫ ବର୍ଷ ପରେ କିଟ୍‌କୁ ରଣଜୀ ଟ୍ରଫି ମ୍ୟାଚ୍ ଫେରିଛି। ଶେଷଥର ଲାଗି ୧୯ ଜାନୁଆରୀ ୨୦୨୦ରେ ମିଜୋରାମ ଓ ସିକ୍କିମ ମଧ୍ୟରେ ଏଠାରେ ଏକ ରଣଜୀ ମ୍ୟାଚ୍ ଖେଳାଯାଇଥିଲା। ତେବେ ଓଡ଼ିଶା ୭ ବର୍ଷର ବ୍ୟବଧାନ ପରେ ଏଠାରେ ଖେଳିବ। ଶେଷଥର ଲାଗି ୨୦୧୮-୧୯ ସିଜନ (୧୪ ଡିସେମ୍ବର ୨୦୧୮)ରେ ଓଡ଼ିଶା ଏହି ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲା। କିଟ୍ ଗ୍ରାଉଣ୍ଡରେ ଏହା ୧୩ତମ ରଣଜୀ ଟ୍ରଫି ମ୍ୟାଚ୍ ହେବାକୁ ଯାଉଛି।


ଫଟୋ: ସାମନ୍ତରାୟ

### ଚର୍ଚ୍ଚାରେ ଦେବାଶିଷ

ଏହି ମ୍ୟାଚରେ ସବୁଠୁ ଅଧିକ ରହିଛନ୍ତି ଚର୍ଚ୍ଚାରେ ଦେବାଶିଷ ମହାନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ଚଳିତ ରଣଜୀ ସିଜନରେ ନାଗାଲାଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଗାଲାଣ୍ଡ ଶକ୍ତିଶାଳୀ ତାମିଲନାଡୁକୁ କଡା ଟକ୍କର ଦେଇ ମ୍ୟାଚ୍ ଡ୍ର ରଖିଥିଲା। ପୂର୍ବରୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବାରୁ ଦେବାଶିଷ ଓଡ଼ିଶାର ଖେଳାଳିଙ୍କ ଦୋଷ ଦୁର୍ବଳତା ବିଷୟରେ ବେଶ୍ ଭଲ ଭାବରେ ପରିଚିତ। ତେଣୁ ସେ କିଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS